visit us at
www.paryabekhyak.com

# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

PARYABEKHYAK पर्यवेक्षक

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.22 . No.240, Bhubaneswar Monday, November 04, 2019 ୨୨ତମ ବର୍ଷ ସଂଖ୍ୟା–୨୪୦ ଭୁବନେଶ୍ୱର ସୋମବାର, ନଭେମ୍ବର ୦୪, ୨୦୧୯ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

## ୧୦ରେ ସୋନିଆଙ୍କୁ ଭେଟିବା ପାଇଁ ସମୟ ମାଗିଲେ ନିରଞ୍ଜନ ବିରୋଧୀ ଗୋଷ୍ଠୀ

ଭୁବନେଶ୍ୱର, (ପିଏନ)-ପିସିସି ସଭାପତି ପରିବର୍ତ୍ତନ ନେଇ ଏଆଇସିସି ସଭାନେତ୍ରୀ ସୋନିଆ ଗାନ୍ଧୀଙ୍କ ସହିତ ଆଲୋଚନା କରିବା ଲାଗି ନିରଞ୍ଜନ ବିରୋଧୀ ଗୋଷ୍ଠୀ ନିଷ୍ପତି ନେଇଛି। ଏଥିପାଇଁ ଆସନ୍ତା ୧୦ ତାରିଖରେ ସମୟ ମଗାଯାଇଛି। ଏ ସମ୍ପର୍କରେ ସୂଚନା ଦେଇ ଦଳର ପୂର୍ବତନ ମୁଖପାତ୍ର ଅଶୋକ ସାମଲ କହିଛନ୍ତି ଯେ, ମହମ୍ମଦ ମୋକିମଙ୍କୁ ସଭାପତି କରିବା ପାଇଁ ପ୍ରାୟତଃ ସ୍ଥିର ହୋଇଛି। ବର୍ତ୍ତମାନର ପିସିସି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ଏହାକୁ ସମର୍ଥନ କରିବେ ବୋଲି ଜଣାଇଛନ୍ତି। ଅନ୍ୟପକ୍ଷରେ ବରଗଡ଼ ପୂର୍ବତନ ସଭାପତି କହିଛନ୍ତି ଯେ, ଓଡ଼ିଶା ରାଜନୀତିରେ କଂଗ୍ରେସ ଦଳର ଅସ୍ତିତ୍ୱ ବଜାୟ ରଖିବା ପାଇଁ ପରିବର୍ତ୍ତନ ଅପରିହାର୍ଯ୍ୟ ହୋଇପଡ଼ିଛି।

## ପୂଜା ନାମରେ ମହିଳାଙ୍କୁ ଅସଦାଚରଣ : ଭଣ୍ଡବାବାଙ୍କୁ ନିସ୍ତୁକ ମାଡ

ଭଦ୍ରକ, (ପିଏନ)- ଏହି ଜିଲାର ବାସୁଦେବପୁର ଥାନା ଅଧୀନସ୍ଥ ରାଧାନାଥ ଗ୍ରାମରେ ଜଣେ ଭଣ୍ଡବାବାଙ୍କୁ ନିସ୍ତୁକ ମାଡ ମାରିଛନ୍ତି ଗ୍ରାମବାସୀମାନେ। ପୂଜା ନାଁରେ ମହିଳାଙ୍କୁ ଅସଦାଚରଣ କରିଥିବାର ଅଭିଯୋଗ ହୋଇଛି ଏହି ଭଣ୍ଡ ବାବଙ୍କ ନାମରେ। ପ୍ରାପ୍ତ ଖବର ଅନୁଯାୟୀ, ସଂପୃକ୍ତ ବାବା ଜଣେ ନିଃସନ୍ତାନ ଦମ୍ପତିଙ୍କୁ ପୂଜା ନାଁରେ ଫସାଇ ଶନିବାର ରାତିରେ ମହିଳା ଜଣଙ୍କୁ ଶ୍ମଶାନ ନେଇ ପୂଜା କରିଥିଲା। ପୂଜା ସମୟରେ ସଂପୃକ୍ତ ବାବା ମହିଳାଙ୍କ ପ୍ରତି ଅସଦାଚରଣ କରିବାରୁ ସେ ପାଟି କରିଥିଲେ। ପାଟି ଶୁଣି ପରିବାର ଲୋକେ ଓ ଗ୍ରାମବାସୀ ସେଠାରେ ପହଂଚି ଥିଲେ। ପରେ ଗ୍ରାମବାସୀମାନେ ଭଣ୍ଡବାବାଙ୍କୁ ଗାଁରେ ବାନ୍ଧି ନିସ୍ତୁକ ମାଡ ମାରିଥିଲେ। ଘଟଣାସ୍ଥଳରେ ପୁଲିସ୍ ପହଂଚି ସଂପୃକ୍ତ ବାବାଙ୍କୁ ଲୋକଙ୍କୁ କବଳରୁ ଉଦ୍ଧାର କରି ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରିଛି। ପୋଲିସ ଏନେଇ ଅଧିକ ତଦନ୍ତ ଚଳାଇଛି ।

## ଯବାନଙ୍କ ଆତ୍ମହତ୍ୟା

ଗଞ୍ଜାମ, (ପିଏନ)- ଗଞ୍ଜାମ ଜିଲ୍ଲା ଗୋପାଳପୁରସ୍ଥିତ ଆର୍ମି ଏଡି କଲେଜରେ ଜଣେ ଯବାନ ଆତ୍ମହତ୍ୟା କରିଥିବା ଜଣାପଡିଛି । ଆଜି ସକାଳେ ଗୋପାଳପୁର ପୋଲିସ ଏ ସମ୍ପର୍କରେ ଖବର ପାଇ ଘଟଣାସ୍ଥଳରେ ପହଂଚି ଯବାନ ଏମ୍. କୃଷ୍ଣମୂର୍ତ୍ତି (୩୦)ଙ୍କ ଝୁଲନ୍ତା ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇଛି । ପୋଲିସ ପକ୍ଷରୁ ଏନେଇ ଅଧିକ ତଦନ୍ତ ଜାରୀ ରହିଛି ।




## ଆସିଆ ଆମ ନୀତିର ଅବିଚ୍ଛେଦ୍ୟ ଅଙ୍ଗ, ସବୁ ବେଳେ ରହିବ : ମୋଦି

ବ୍ୟାଙ୍କକ : ଆସିଆନ ଆମର ଆକ୍ଟ ଇଷ୍ଟ ( ପୂର୍ବ ଆଡକୁ ଦେଖ) ନୀତିର ଅବିଚ୍ଛେଦ୍ୟ ଅଙ୍ଗ ରହିଛି ଓ ସବୁବେଳେ ରହିବ। ଏକ ସମନ୍ୱିତ ଓ ପ୍ରଗତିଶୀଳ ଆସିଆନର ଭାରତ ପକ୍ଷ ନେବ । ବ୍ୟାଙ୍କକରେ ଆୟୋଜିତ ୧୬ତମ ଆସିଆନ- ଭାରତ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହା କହିଛନ୍ତି ।

ସେ କହିଛନ୍ତି ଯେ ଆମର ସାମୁଦ୍ରିକ ସୁରକ୍ଷା, ସାମୁଦ୍ରିକ ସମ୍ବଳ ସହ ଜଡିତ ଅର୍ଥନୀତି ତଥା ଏ ସମ୍ପର୍କରେ ଲୋକଙ୍କ ମଧ୍ୟରେ ସହଯୋଗ ଉପରେ ନିଜର ବୁଝାମଣାକୁ ମଜବୁତ କରିବାକୁ ଚାହୁଁଛୁ ।

ଏହା ସହିତ ଆସିଆନ ଦେଶ ମାନଙ୍କର ଭୌତିକ ସ୍ଥିତି ଓ ଡିଜିଟାଲ ସମ୍ପର୍କ ପାଇଁ ଏକ ବିଲିୟନ ଡଲାରର ଭାରତୀୟ ଲାଇନ ଅଫ କ୍ରେଡିଟ ଉପଯୋଗୀ ହେବ। ଅଧ୍ୟୟନ, ଅନୁସନ୍ଧାନ, ବାଣିଜ୍ୟ ତଥା ପର୍ଯ୍ୟଟନକୁ ପ୍ରୋତ୍ସାହନ ଦେବା ଆମର ଲକ୍ଷ୍ୟ ଅଟେ ବୋଲି ଶ୍ରୀ ମୋଦି କହିଛନ୍ତି ।

## କଳିଙ୍ଗନଗର ଶିଳ୍ପାଂଚଳଠାରେ ୨୦୦ ଶଯ୍ୟା ବିଶିଷ୍ଟ ଏଇଏସ.ଆଇ ହସ୍ପିଟାଲ ପ୍ରତିଷ୍ଠା ପାଇଁ କେନ୍ଦ୍ର ମନ୍ତ୍ରୀଙ୍କୁ ଚିଠି ଲେଖିଲେ ଡଃ.ଘଡାଇ



ଭୁବନେଶ୍ୱର,(ପିଏନ)- ଯାଜପୁର ଜିଲ୍ଲା କଳିଙ୍ଗନଗର ଶିଳ୍ପାଂଚଳ ଠାରେ ୨୦୦ ଶଯ୍ୟା ବିଶିଷ୍ଟ ଏକ ଇ.ଏସ. ଆଇ ହସ୍ପିଟାଲ ପ୍ରତିଷ୍ଠା ପାଇଁ ପୂର୍ବତନ ଅର୍ଥମନ୍ତ୍ରୀ ତଥା ବିଜୁ ଜନତା ଦଳର ଉପସଭାପତି ଡଃ.ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ ଏକ ପତ୍ର ମାଧ୍ୟମରେ କେନ୍ଦ୍ର ଶ୍ରମ ମନ୍ତ୍ରୀ ସନ୍ତୋଷ ଗଙ୍ଗୱାରଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି। ଏହି ପତ୍ରରେ ଡଃ.ଘଡାଇ ଉଲ୍ଲେଖ କରିଛନ୍ତି ଯେ, ୨୦୦୯-୧୦ ମସିହାରୁ କେନ୍ଦ୍ର ସରକାର କଳିଙ୍ଗନଗର ଶିଳ୍ପାଂଚଳ ଠାରେ ୧୦୦ ଶଯ୍ୟା ବିଶିଷ୍ଟ ଏକ ଇ.ଏସ.ଆଇ ହସ୍ପିଟାଲ ପ୍ରତିଷ୍ଠା ପାଇଁ ଅନୁମୋଦନ କରିଥିଲେ ମଧ ତାହା ଏ ପର୍ଯ୍ୟନ୍ତ ପ୍ରତିଷ୍ଠା ହୋଇପାରିଲା ନାହିଁ। ୨୦୧୫ ମସିହାରେ କଳିଙ୍ଗନଗର ଶିଳ୍ପାଂଚଳରେ ଟାଟା କାରଖାନା ପ୍ରତିଷ୍ଠା ହେବା ସହିତ ଅନ୍ୟାନ୍ୟ ଛୋଟ ଛୋଟ କାରଖାନା ମାନ ପ୍ରତିଷ୍ଠା ହେବା ଫଳରେ ଏହାର କର୍ମଚାରୀ ସଂଖ୍ୟା ଏକ ଲକ୍ଷରୁ ଅଧିକ ହେଲାଣି। ତେଣୁ ଏ ପରିପ୍ରେକ୍ଷିରେ ଏକ ଲକ୍ଷରୁ ଉର୍ଦ୍ଧ୍ୱ କର୍ମଚାରୀ ଏବଂ ସେମାନଙ୍କର ପରିବାର ସଦସ୍ୟ ମାନଙ୍କୁ ୧୦୦ ଶଯ୍ୟା ବିଶିଷ୍ଟ ଇ.ଏସ.ଆଇ ହସ୍ପିଟାଲ ସ୍ୱାସ୍ଥ୍ୟ ସେବା ଯୋଗାଇ ପାରିବ ନାହିଁ । ତେଣୁ କଳିଙ୍ଗନଗର ଠାରେ ଶିଳ୍ପାଂଚଳ କର୍ମଚାରୀ ଏବଂ ତାଙ୍କ ପରିବାର ସଦସ୍ୟ ମାନଙ୍କର ସ୍ୱାର୍ଥରକ୍ଷା ପାଇଁ ତୁରନ୍ତ ୨୦୦ ଶଯ୍ୟା ବିଶିଷ୍ଟ ଏକ ଇ.ଏସ.ଆଇ ହସ୍ପିଟାଲ ମଂଜୁର କରିବାକୁ ଡଃ. ଘଡାଇ ଏହି ପତ୍ରରେ ଅନୁରୋଧ କରିଛନ୍ତି।

## ୫ରେ ମହିଳା ମୋର୍ଚ୍ଚା ପକ୍ଷରୁ ରାଜ୍ୟର ସମସ୍ତ ଜିଲ୍ଲପାଳ ଅଫିସ ଆଗରେ ବିକ୍ଷୋଭ କରାଯିବ : ପ୍ରଭାତି

ଭୁବନେଶ୍ୱର, (ପିଏନ)- ଯାଜପୁର ଜିଲ୍ଲା ହରିଦାସପୁର ପଂଚାୟତ ପିଇଓ ସ୍ମିତାରାଣୀଙ୍କର ମୃତ୍ୟୁକୁ ଆଜି ୧୮ ଦିନ ବିତିଲାଣି । ସ୍ମିତାରାଣୀ ସହ ଦୁର୍ଷ୍କମ କରାଯାଇ ତାଙ୍କୁ ହତ୍ୟା କରାଯାଇଛି । ବିଜେପି ବରାମ୍ବାର ମୃତା ସ୍ମିତାରାଣୀଙ୍କୁ ନ୍ୟାୟ ହେବା ପାଇଁ ଦାବି କରିଆସୁଥିଲେ ବି ରାଜ୍ୟସରକାର ଏବଂ ଜିଲ୍ଲା ପୋଲିସ ପ୍ରଶାସନ ଏପର୍ଯ୍ୟନ୍ତ ଚୁପ୍ ବସିଛନ୍ତି । ପୋଲିସ କେବଳ ରୂପେଶ ଭଦ୍ରକୁ ଗିରଫ କରି ସେଠାରେ ଉପସ୍ଥିତ ଥିବା ୨ ଜଣ ବିଜେଡି ସମିତି ସଭ୍ୟ, ଜଣେ ବିଜେଡି ଜିଲ୍ଲାପରିଷଦ ଏବଂ ରାମକୋର ଉଚ୍ଚପଦସ୍ଥ ଅଧିକାରୀଙ୍କୁ ତଦନ୍ତ ପରିସରଭୁକ୍ତ କଲା ନାହିଁ । ଅନ୍ୟପଟେ ଯାଜପୁର ଏସପି ବୃତିଗତ ତଦନ୍ତ ନକରି ବ୍ୟକ୍ତିଗତ ତଦନ୍ତ କରି ମୃତା ସ୍ମିତାରାଣୀର ଚରିତ୍ରହନନ କଲେ । ଶାସକ ଦଳ ଚାପରେ ଘଟଣାକୁ ଚପେଇ ଦେବା ପାଇଁ ଅପଚେଷ୍ଟା କରାଯାଉଛି । ମହିଳା କମିଶନ ଅଧ୍ୟକ୍ଷା ତଦନ୍ତ ନକରି କେସ ସରିଗଲାଣି ବୋଲି କହି ସମଗ୍ର ମହିଳା ସମାଜକୁ ନିନ୍ଦିତ କରିଛନ୍ତି ବୋଲି ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ଶ୍ରୀମତୀ ପ୍ରଭାତି ପରିଡା ଅଭିଯୋଗ କରିଛନ୍ତି ।

ସେହିପରି ବିଜେଡି ରାଜ୍ୟ ସଂପାଦକ ତଥା କେନ୍ଦ୍ରାପଡା କ୍ରେଡିଟ କୋଅପରେଟିଭର ସଭାପତି ପ୍ରମୋଦ ସାହୁ ଜଣେ କର୍ମଜୀବୀ ମହିଳାଙ୍କୁ ଯୌନ ନିର୍ଯ୍ୟାତନା ଦେବା ଅତ୍ୟନ୍ତ ଲଜ୍ଜାଜନକ ଘଟଣା । ପ୍ରମୋସନର ଲୋଭ ଦେଖାଇ ସବୁବେଳେ ସେ ମହିଳାଙ୍କ ଯୌନ ଉତ୍ପୀଡନ କରୁଥିଲେ। ମହିଳା ଜଣକ ପୋଲିସ ପାଖରେ ଅଭିଯୋଗ କଲେ ବି ଶାସକ ଦଳର ଚାପରେ ପୋଲିସ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ । ରାଜ୍ୟସରକାର ମହିଳା ସଶକ୍ତିକରଣ , ମୋ ସରକାର, ମୋ ପୋଲିସ, ମୋ ପରିବାର ଏବଂ ୫-ଟି କଥା କହୁଥିବାବେଳେ ଏକ ସରକାରୀ କର୍ମଚାରି ଓ ମହିଳାଙ୍କ ମୃତ୍ୟୁପରେ ତାଙ୍କୁ ନ୍ୟାୟ ମିଳୁନାହିଁ। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଘଟଣା । ମୃତା ସ୍ମିତାରାଣୀର ହତ୍ୟା ଘଟଣାର ସିବିଆଇ ତଦନ୍ତ, ସ୍ମିତାରାଣୀଙ୍କର ଚରିତ୍ର ହନନ କରିଥିବା ଯାଜପୁର ଏସପି ଚରଣ ସିଂହ ମୀନାଙ୍କୁ ବହିଷ୍କାର, ନିଜ କ୍ଷମତାର ଅପବ୍ୟବହାର କରିଥିବା ମହିଳା କମିଶନ ଅଧ୍ୟକ୍ଷା ମୀନତି ବେହେରାଙ୍କୁ ବହିଷ୍କାର ଏବଂ ମହିଳାଙ୍କ ସୁରକ୍ଷା ନେଇ ଜିରୋ ଟଲେରାନ୍ସ ଗ୍ରହଣ କରିବା ଆଦି ଦାବି ନେଇ ଆସନ୍ତା ନଭେମ୍ବର ୫ ତାରିଖରେ ମହିଳା ମୋର୍ଚ୍ଚା ପକ୍ଷରୁ ରାଜ୍ୟର ସମସ୍ତ ଜିଲ୍ଲପାଳ ଅଫିସ ଆଗରେ ବିକ୍ଷୋଭ କରାଯିବ ବୋଲି ଶ୍ରୀମତୀ ପରିଡା ଚେତାବନୀ ଦେଇଛନ୍ତି। ଆସନ୍ତା ୫ ତାରିଖ ଦିନ ମହିଳା ମୋର୍ଚ୍ଚାର ସଭାନେତ୍ରୀ ଶ୍ରମୀତୀ ପରିଡା କେନ୍ଦ୍ରାପଡାରେ ଜିଲ୍ଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ କରିବା ସହ ପୀଡିତା ମହିଳା ଓ ତାଙ୍କ ପରିବାର ସହ ସାକ୍ଷାତ କରିବେ।

## ବିଦ୍ୟୁତ ଆଘାତ ଲାଗିବାରୁ ୨ମହଲାରୁ ଖସିପଡି ଓଲଡିଙ୍ଗ ମିସ୍ତ୍ରୀଙ୍କ ମୃତ

ନିମାପଡା,(ପିଏନ)- ପୁରୀ ଜିଲ୍ଲା ବଳଙ୍ଗା ଥାନା ଅନ୍ତର୍ଗତ ନାଳିହଣା ଗ୍ରାମରେ ବିଦ୍ୟୁତ ଆଘାତ ଲାଗିବାରୁ ୨ମହଲାରୁ ଖସି ପଡି ଜଣେ ଓଲଡିଙ୍ଗ ମିସ୍ତ୍ରୀଙ୍କର ମୃତ୍ୟୁ ଘଟିଛି । ମୃତ ବ୍ୟକ୍ତି ଜଣକ ବଳଙ୍ଗା ଥାନା ଅନ୍ତର୍ଗତ ରୁପଦେଇପୁର ଗଣ୍ଡସାହିର ରାଜକିଶୋର ସାହୁ (୫୫)ବୋଲି ଜଣାପଡିଛି। ବଳଙ୍ଗା –ସାତଶଙ୍ଖ ମୁଖ୍ୟ ରାସ୍ତାର ରୁପଦେଇପୁର ଛକଠାରେ ରାଜୁଙ୍କର ଏକ ଓଲଡିଙ୍ଗ ଦୋକାନ ରହିଛି । ସେ ଗତକାଲି ନାଳିହଣା ଗ୍ରାମର କାହ୍ନୁଚରଣ ଜେନାଙ୍କ ୨ ମହଲାରେ କୋଠା ଉପରେ ଓଲଡିଙ୍ଗ କରୁଥିଲା ବେଳେ ସେଠାରେ ବିଦ୍ୟୁତ ସଂସ୍ପର୍ଶରେ ଆସି ତଳକୁ ଖସି ପଡିଥିଲେ । ଫଳରେ ତାଙ୍କର ମୁଣ୍ଡ ଏବଂ ଶରୀରର ବିଭିନ୍ନ ସ୍ଥାନରେ ଗୁରୁତର ଆଘାତ ଲାଗିଥିଲା । ତୁରନ୍ତ କାହ୍ନୁଙ୍କ ପରିବାର ଲୋକେ ରାଜୁଙ୍କୁ ଉଦ୍ଧାର କରି ଆମ୍ବୁଲାନସ ଯୋଗେ ଚିକିତ୍ସା ନିମନ୍ତେ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ରାଜୁର ମୃତଦେହକୁ ଦେଖି ଡାକ୍ତରଙ୍କ ସନ୍ଦେହ ହେବାରୁ ସେ ସାକ୍ଷୀଗୋପାଳ ଥାନାକୁ ଖବର ଦେଇଥିଲେ । ସାକ୍ଷିଗୋପାଳ ପୁଲିସ ଡାକ୍ତରଖାନାରେ ପଂହଚି ଏହା ବଳଙ୍ଗା ଅଂଚଳର ହୋଇଥିବା ଜାଣିବା ପରେ ବଳଙ୍ଗା ପୁଲିସକୁ ସୂଚନା ଦେଇଥିଲା । ଖବର ପାଇ ବଳଙ୍ଗା ପୁଲିସ ଡାକ୍ତରଖାନାରେ ପଂହଚି ରାଜୁର ଶବକୁ ଜବତ କରି ଆଜି ବ୍ୟବଚ୍ଛେଦ ନିମନ୍ତେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି । ଏନେଇ ବଳଙ୍ଗା ଥାନା ପୋଲିସ ଏକ ଅପମୃତ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

## ଫାର୍ସ କରୁଛି ବିଜେପି: ବିଜେଡି

ଭୁବନେଶ୍ୱର, (ପିଏନ)- ପୀଡିତ ପରିବାରକୁ ନାୟ ଦେବା ନାଁରେ ବିଜେପି ପ୍ରତିଦିନ ସାମ୍ବାଦିକ ସମ୍ମିଳନୀ ଜରିଆରେ ଫାର୍ସ କରୁଛି । ଏହାଦ୍ୱାରା ଦଳ ମାମଲାର ତଦନ୍ତକୁ ଅଧିକ ବାଟବଣା କରୁଥିବା କହିଛନ୍ତି ବିଜେଡି ମୁଖପାତ୍ର ସୁଲତା ଦେଓ । ବିଜେପି ନେତ୍ରୀ ପ୍ରଭାତୀ ପରିଡାଙ୍କ ସାମ୍ବାଦିକ ସମ୍ମିଳନୀର ଜବାବ ଦେଇ ଶ୍ରୀମତୀ ଦେଓ କହିଛନ୍ତି ଯେ ପ୍ରତିଦିନ ଏଣୁ ତେଣୁ କହିବା ଅପେକ୍ଷା ଯଦି ଦଳ ନିକଟରେ କିଛି ତଥ ରହିଛି ତାହା ପୁଲିସ କିମ୍ବା ଅଦାଲତ ନିକଟରେ ଦାଖଲ କରିବା ଉଚିତ । ହେଲେ ଦଳ ମିଛର ଆଶ୍ରୟ ନେଇ କେବଳ ମନଗଢା କଥା କହୁଥିବାରୁ ତାହାର ହତାଶାଭାବ ସ୍ପଷ୍ଟ ବାରିହୋଇ ପଡୁଛି । ଦଳର କିଛି ହାରୁ ନେତା ଏଭଳି ସମ୍ବେଦନଶୀଳ ଘଟଣାକୁ ନେଇ ହୀନ ରାଜନୀତି କରିବାକୁ ପଛାଉ ନାହାନ୍ତି ।ଶ୍ରୀମତୀ ଦେଓ କହିଛନ୍ତି ଯେ ଯାଜପୁର ଘଟଣାରେ ବିଜେଡି ମିଛ କହିବାର ସବୁ ସୀମା ଟପିଗଲାଣି । ଯଦି ଗଣମାଧ୍ୟମରେ ରହିବା ପାଇଁ ବିଜେପି ଏଭଳି ମନଗଢା ଓ ଭିତ୍ତିହୀନ ଖବର ଆଧାରରେ ପ୍ରତିଯୋଗିତା କରୁଥାଏ ତେବେ ଏହା କରିବାରେ କିଛି ଅସୁବିଧା ନାହିଁ । ଏଥିରୁ ସେହି ଦଳକୁ କେବେ ବି ବିରତ କରିପାରିବେ ନାହିଁ । ଯାଜପୁରର ଏହି ସମ୍ବେଦନଶୀଳ ମୃତୁ ଘଟଣାରେ ପୁଲିସ ଜଣକୁ ଗିରଫ କରିଥିବାବେଳେ ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରିଛି । ଏହି ଘଟଣାରରେ ପୀଡିତା ପରିବାରକୁ ନାୟ ଦେବାପାଇଁ ସରକାର ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି । ତଦନ୍ତ ପ୍ରକ୍ରିୟାରେ ସହଯୋଗ କରିବା ପରିବର୍ତ୍ତେ ବିଜେପି ଏହାକୁ ନେଇ ରାଜନୀତି କରୁଛି । ବିଜେପି ମନେ ରଖିବା ଉଚିତ ଯେ ବାରମ୍ବାର ଗୋଟିଏ ମିଛକୁ ଦୋହରାଇଲେ ତାହା ସତ ହୋଇଯିବ ନାହିଁ । ତେଣୁ ଏଭଳି ମିଥା ପ୍ରଚାରରୁ ଦଳ ବିରତ ରହିବାକୁ ଶ୍ରୀମତୀ ଦେଓ ପରାମର୍ଶ ଦେଇଛନ୍ତି ।

## ଆଇଏସଆଇଏସ ର ନୂଆ ମୁଖ୍ୟ ଅଲ କୁରୈସୀଙ୍କୁ ଇଜିପ୍ଟ ଓ ବଙ୍ଗଳାଦେଶର ଆତଙ୍କବାଦୀ ସଂଗଠନର ସମର୍ଥନ

ନୂଆଦିଲ୍ଲୀ, (ପିଏନ) ଇସଲାମିକ ଆତଙ୍କବାଦୀ ସଂଗଠନ ଇସଲାମିକ ଷ୍ଟେଟର ନୂଆ ମୁଖ୍ୟ ଅଲ କୁରୈସୀକୁ ଇଜିପ୍ଟ ଓ ବଙ୍ଗଳାଦେଶର ଆତଙ୍କବାଦୀ ସଂଗଠନ ମାନେ ସମର୍ଥନ ପ୍ରଦାନ କରିଥିବା ଜଣା ପଡିଛି । ଆଇଏସଆଇଏସ ର ମିଡିଆ ଶାଖା ପକ୍ଷରୁ ଏହି ସୂଚନା ପ୍ରଦାନ କରା ଯାଇଛି ।

ଆଇଏସଆଇଏସ ର ଖବର ପ୍ରଦାନ କରୁଥିବା ନୈସନ ନ୍ୟୁଜ ଏପରି କିଛି ଫଟୋ ଜାରୀ କରିଛି ଯେଉଁଥିରେ ବଙ୍ଗଳାଦେଶରୁ ଆସିଥିବା ମୁଷ୍ଟିମେୟ ଆତଙ୍କବାଦୀ ଓ ଇଜିପ୍ଟର ଆତଙ୍କବାଦୀ ସଂଗଠନ ସିନାଇର ସଦସ୍ୟ ମାନେ ଆଇଏସଆଇଏସ ର ପତାକା ତଳେ ଠିଆ ହୋଇ ଏବେ ଅବୁ ଇବ୍ରାହିଲ ଅଲ ହାସମୀ ଅଲ କୁରୈସୀ ପ୍ରତି ନିଜର ନିଷ୍ଠା ଥିବା କହୁଛନ୍ତି । ସମସ୍ତଙ୍କର ଚେହେରାକୁ ଢଙ୍କା ଯାଇଥିଲା ।

ଉଲ୍ଲେଖନୀୟ ଯେ ଗତ ୨୭ ତାରିଖ ଦିନ ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଟେଲିଭିଜନ ପ୍ରସାରଣରେ ଆଇଏସଆଇଏସ ର ମୁଖ୍ୟ ବାଗଦାଦୀ ମୃତ୍ୟୁବରଣ କରିଥିବା କଥା କହିଥିଲେ । ଏହା ପରେ ଅବୁ ଇବ୍ରାହିଲ ଅଲ ହାସମୀ ଅଲ କୁରୈସୀକକୁ ସଂସ୍ଥାର ନୂଆ ମୁଖ୍ୟ ବୋଲି ଘୋଷଣାକରା ଯାଇଥିଲା ।

## ଆନ୍ଦୋଳନ ପରେ ଢେଙ୍କାନାଳ ଜିଲ୍ଲାର ୨ ହଜାର ୯୭୯ ଜଣ ଏବଂ ଅନୁଗୁଳ ଜିଲ୍ଲାର ୪୨୭ ଜଣ ଭୂମିହୀନଙ୍କୁ ଘରଡିହ ପଟ୍ଟା ମିଳିଲା

ଢେଙ୍କାନାଳ (ପିଏନ)- ଓଡିଶା ଭୂମିହିନ ପ୍ରଜା ସମିତି ରାଜ୍ୟ ସଭାପତି ଇଂ. ଦେବାଶିଷ ହୋତାଙ୍କର ନିରନ୍ତର ଆନ୍ଦୋଳନ ପରେ ଟାଉନ୍‌ମାନଙ୍କରେ ରହୁଥିବା ଢେଙ୍କାନାଳ ଜିଲ୍ଲାର ୨ ହଜାର ୯୭୯ ଜଣ ଏବଂ ଅନୁଗୁଳ ଜିଲ୍ଲାର ୪୨୭ ଜଣ ଭୂମିହୀନଙ୍କୁ ଘରଡିହ ପଟ୍ଟା ମିଳିପାରିଛି । କିନ୍ତୁ ଏହି ପଟ୍ଟାଗୁଡିକରେ ଜାଣିଶୁଣି "ଜାତି" ଲେଖାଯାଇନାହିଁ ।

ଏଥିରେ ଢେଙ୍କାନାଳ ମ୍ୟୁନିସିପାଲିଟିର ୨୨୮୨ ଜଣ, ଭୁବନ ଏନ୍‌ଏସିର ୪୭୮ ଜଣ, କାମାକ୍ଷାନଗର ଏନ୍‌ଏସିର ୧୪୪ ଜଣ, ହିନ୍ଦୋଳ ଏନ୍‌ଏସିର ୭୫ ଜଣ ଏବଂ ଅନୁଗୁଳ ମ୍ୟୁନିସିପାଲିଟିର ୨୫୭ ଜଣ, ତାଳଚେର ମ୍ୟୁନିସିପାଲିଟିର ୧୧୬ ଜଣ ଓ ଆଠମଲ୍ଲିକ ଏନ୍‌ଏସିର ୫୪ ଜଣ ଭୂମିହୀନ ଅନ୍ତର୍ଭୁକ୍ତ ।

ଏଠାରେ ସୂଚନାଯୋଗ୍ୟ ଯେ, ଇଂ. ହୋତାଙ୍କ ଉଦ୍ୟମ ବଳରେ ପୂର୍ବରୁ ଢେଙ୍କାନାଳ ଜିଲ୍ଲାର ଗାଁମାନଙ୍କରେ ରହୁଥିବା ୩୮ ହଜାର ୮୫୯ ଜଣ ଭୂମିହୀନଙ୍କୁ ଗୁଣ୍ଠିକିଆ ଘରଡିହ ପଟ୍ଟା ମିଳିସାରିଛି । ଏପରିକି ଭୂମିହିନଙ୍କ ହକ୍ ଦାବିପାଇଁ ଗଣତାନ୍ତ୍ରିକ ଆନ୍ଦୋଳନ କରିବାରୁ ଗତ ୨୭ ଡିସେମ୍ବର ୨୦୧୬ ଦିନ କାମାକ୍ଷାନଗର ଯାଉଥିବା ଇଂ. ହୋତାଙ୍କୁ ଖଟୁଆହତାଠାରେ ଗିରଫ କରାଯିବାର ଖବର ପାଇବା ପରେ ହଜାର ହଜାର ସମର୍ଥକ ଚାଲି ଚାଲି ଆସି ସେଠାରେ ପହଂଚି ଯାଇଥିଲେ ଏବଂ ତା ପରେ ନିରୀହ ଭୂମିହିନଙ୍କ ଉପରେ ପୋଲିସ୍ ଅନ୍ୟାୟ ଭାବେ ଲାଠିଚାଳନା କରିଥିଲା ।

୨୦୧୫ ମାର୍ଚ୍ଚରୁ ସମିତି ଭୁବନେଶ୍ୱର, କଟକ, ବଲାଙ୍ଗିର, ଅନୁଗୁଳ ଏବଂ ଢେଙ୍କାନାଳର ଉଭୟ ଟାଉନ୍ ଏବଂ ଗାଁମାନଙ୍କରେ ରହୁଥିବା ଭୂମିହୀନମାନଙ୍କୁ ଘରଡିହ ପଟ୍ଟା ପ୍ରଦାନ କରିବା ଦାବିରେ ଜୋର୍‌ଦାର୍ ଆନ୍ଦୋଳନ ଜାରିରଖିଛି । ଟାଉନ୍‌ରେ ରହୁଥିବା ଭୂମିହୀନମାନଙ୍କୁ ଘରଡିହ ପଟ୍ଟା ପ୍ରଦାନ କରିବାକୁ ଗତ ୮ ଅଗଷ୍ଟ ୨୦୧୭ ଦିନ କ୍ୟାବିନେଟ୍ ମଂଜୁରୀ ଦେଇଥିଲେ ମଧ ଭୂମିହିନ ପ୍ରଜାଙ୍କୁ ଘରଡିହ ପଟ୍ଟା ପ୍ରଦାନ କରା ନ ଯିବାରୁ ଗତ ୨୦ ମାର୍ଚ୍ଚ ୨୦୧୮, ୭ ମଇ, ୨୧ ମଇ ଏବଂ ୨୨ ଜୁଲାଇ ୨୦୧୯ ରେ ଇଂ. ହୋତା ନିଜର ୨୦ ହଜାର ଲେଖାଁ ସମର୍ଥକଙ୍କୁ ଧରି ଦାବିପୂରଣ ହେବା ଯାଏ ଆନ୍ଦୋଳନ କରିଥିଲେ ।

ଏତିକିରେ ମୁଁ ସନ୍ତୁଷ୍ଟ ନୁହେଁ । ଏବେ ମୋତେ ୪୧ ବର୍ଷ ଚାଲୁଛି । ମୋର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ମୋର ଆନ୍ଦୋଳନ ଜାରିରହିବ । ଟାଉନ୍ ଏବଂ ଗାଁର ସମସ୍ତ ଭୂମିହୀନଙ୍କୁ ଘରଡିହ ପଟ୍ଟା ପ୍ରଦାନ କରାଯିବା, ଉକ୍ତ ପଟ୍ଟାଗୁଡିକରେ "ଜାତି" ଲେଖାଯିବା, ସରକାରୀ କର୍ମଚାରୀମାନଙ୍କର ଭୁଲ୍‌ଯୋଗୁଁ ଜାତି ସ୍ଥାନରେ ଲେଖାଯାଇଥିବା ସଅରକୁ ସଂଶୋଧନ କରାଯାଇ ଶବର ଲେଖାଯିବା , କାପୁଡିଆମାନଙ୍କୁ ନ୍ୟାୟ ପ୍ରଦାନ କରାଯିବା, କାମାକ୍ଷାନଗର ଏନ୍.ଏ.ସି.ର ଜଙ୍ଗଲ କିସମରେ ରହୁଥିବା ଭୂମିହୀନମାନଙ୍କୁ ଓଟିଏଫ୍‌ଡି (ଏଫ୍‌ଆର୍‌ଏ)-୨୦୦୬ ନିୟମ ଅନୁସାରେ ପଟ୍ଟା ଦିଆଯିବା ଏବଂ ଏଫ୍‌ଆର୍‌ଏ-୨୦୦୬ ଅନୁଯାୟୀ ସମସ୍ତ ଏସ୍.ସି. ଏବଂ ଏସ୍.ଟି. ଗରିବ ଲୋକଙ୍କୁ ଜଙ୍ଗଲ ଜମି ଅଧିକାର ପଟ୍ଟା ପ୍ରଦାନ କରାଯିବା ଇତ୍ୟାଦି ନ୍ୟାଯ୍ୟ ଦାବିଗୁଡିକ ପୂରଣ ନ ହେବା ଯାଏଁ ବୋଧ ହୁଏ ମୁଁ ମରିପାରିବି ନାହିଁ ଏବଂ ମୋର ଆନ୍ଦୋଳନ ଚାଲୁରହିବ ବୋଲି ଇତ୍ୟବସରରେ ଇଂ. ହୋତା ଭାବବିହ୍ୱଳ ହୋଇ ପ୍ରକାଶ କରିଛନ୍ତି ।




ସିକିମ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ






# ଟି ଟାଇମ୍

## ଭୂତଙ୍କ ମେଳା

ମେଳା ତ ଅନେକ ରହିଥାଏ। ମେଳାକୁ ଆକର୍ଷଣୀୟ କରିବା ପାଇଁ କେତେକ ସ୍ଥାନରେ ଗୋରୁଗାଈ ତ ଆଉ କେଉଁଠି କଣ୍ଢେଇ, ଖେଳନାମାନ ବିକ୍ରି କରାଯାଇଥାଏ। ହେଲେ ଭୂତମାନଙ୍କୁ ନେଇ କେବେ କୌଣସି ମେଳା ହେଉଥିବା ବିଷୟରେ ଶୁଣିଛନ୍ତି। କିନ୍ତୁ ଏପରି ଏକ ମେଳା ମିର୍ଜାପୁରର କୋହରୋରାର ବରହି ଗ୍ରାମରେ ବେଚୁବୀର ବାବାଙ୍କ ସମାଧି ଉପରେ ହୋଇଥାଏ। ଏହି ମେଳାରେ ଭୂତ, ପ୍ରେତ ଏବଂ ଡାହାଣୀମାନଙ୍କର ମେଳା ହୋଇଥାଏ। ଅନ୍ଧବିଶ୍ୱାସ ସହିତ ଜଡ଼ିତ ଏହି ମେଳାରେ ଭୂତ-ପ୍ରେତଙ୍କ ପ୍ରକୋପରୁ ଲୋକମାନଙ୍କୁ ମୁକ୍ତି ଦିଆଯାଇଥାଏ। ଅନ୍ଧବିଶ୍ୱାସର ଏ ସମସ୍ତ ଖେଳ ସ୍ଥାନୀୟ ପୋଲିସ କର୍ମଚାରୀମାନଙ୍କ ସାମ୍ନାରେ ହୋଇଥାଏ। ଏହି ମେଳା ୩୫୦ବର୍ଷରୁ ହୋଇଆସିଲାଣି। ଅନ୍ଧବିଶ୍ୱାସର ଏହି ମେଳାରେ ଅଭିଯୋଗ ନେଇ ମଣିଷମାନେ ଆସିଥାନ୍ତି। ଯଦି କୌଣସି ବ୍ୟକ୍ତିଙ୍କ ଉପରେ ଭୂତ କିମ୍ବା ପ୍ରେତଙ୍କର ପ୍ରଭାବ ରହିଥାଏ ତେବେ ତାଙ୍କୁ ଏହି ସଂକଟରୁ କେବଳ ବେଚୁବିର ବାବା ହିଁ ମୁକ୍ତ କରିପାରିବେ। ଏଠାକୁ ଅନେକ ଦୂର ଦୂରାନ୍ତରୁ ଲୋକମାନେ ଚିକିତ୍ସା କରିବା ପାଇଁ ଆସିଥାନ୍ତି। ବେଚୁ ବାବାଙ୍କ ସମାଧିର ଦେଖାଶୁଣା ତାଙ୍କର ଏହି ଛଅ ବଶଂଜ କରିଥାନ୍ତି। ଏଠାରେ ଭୂତ-ପ୍ରେତଙ୍କ ବ୍ୟତୀତ ନିଃସନ୍ତାନ ଲୋକମାନେ ମଧ୍ୟ ଆସିଥାନ୍ତି।

## ୧୦୬୮ଟଙ୍କାର କିଟ୍‌କାଟ୍

ଯଦି ଆପଣ ଚକୋଲେଟ୍ ଖାଇବାର ସୌଖୀନ୍ ତେବେ ଆପଣଙ୍କ ପାଇଁ ଏକ ବଡ଼ ଖୁସି ଖବର। ପ୍ରସିଦ୍ଧ କମ୍ପାନୀ ନେସ୍‌ଲେ ଜାପାନରେ ଗୋଟିଏ ନୂଆ ପ୍ରଡ଼କ୍ଟ ଲଞ୍ଚ କରିଛନ୍ତି । ଏହି ପ୍ରଡ଼କ୍ଟ ହେଉଛି ଗୋଟିଏ ଚକୋଲେଟ୍। କିନ୍ତୁ ଏହା ଏକ ସାଧାରଣ ଚକୋଲେଟ୍ ନୁହେଁ। ସୁନାରେ ପ୍ରସ୍ତୁତ ଚକୋଲେଟ୍। ନେସ୍‌ଲେ ଏହି ଚକୋଲେଟ୍‌ର ଉତ୍ପାଦନ କମ୍ପାନୀର ଚକଲେଟ୍ରୀ ବୁଟିକ୍ ପାଇଁ କରିଛନ୍ତି । ଏହାକୁ ଖାଇବା ଯୋଗ୍ୟ କରିବା ପାଇଁ ସେଥିରେ ସୁନାରେ ପତଳା କୋର୍ଟ ଦିଆଯାଇଛି । ଏବେ ଚକୋଲେଟ୍‌କୁ ୱାନ୍ ଫିଙ୍ଗର କିଟ୍‌କାଟ୍ ଚକୋଲେଟ୍ ଆକାରରେ ଲଞ୍ଚ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ କମ୍ପାନୀ ଡିସେମ୍ବରର ଶେଷ ଆଡ଼କୁ ୫୦୦ ଚକୋଲେଟ୍‌କୁ ଜାପାନ୍‌ର ୮ଟି କିଟ୍‌କାଟ୍ ବୁଟିକ୍‌ରେ ବିକ୍ରି କରିବେ



। ସୁନାର ପରସ୍ତ ପଡ଼ିଥିବା ଏହି ଚକୋଲେଟ୍‌ର ଜାପାନ ମୂଲ୍ୟ ୨,୦୧୬ୟେନ୍(୧୬ଡଲାର) ଦାମରେ ବିକ୍ରି କରାଯିବ । ଯାହାର ଭାରତୀୟ ମୂଲ୍ୟ ୧.୦୬୮ଟଙ୍କା ହେବ । ଜାପାନରେ ନେସଲେ ୩୦ପ୍ରକାରର କିଟ୍‌କାଟ୍ ବିକ୍ରି କରିଥାଏ ।

## ନୟାପଲ୍ଲୀର ନୂଆସାହି ଆଖଣ୍ଡଳମଣୀ ପୂଜା କମିଟି ଓ ମୌରିଆ ଗ୍ରୁପ ପକ୍ଷରୁ ଶ୍ରୀ ଗଣେଷ ମହୋତ୍ସବ ୨୦୧୯ବର୍ଷ ପାଇଁ ସାମ୍ବାଦିକ ସମ୍ମିଳନୀ

ଭୁବନେଶ୍ୱର : ଭୁବନେଶ୍ୱର ମହାନଗର ନିଗମ ଅଧିନସ୍ଥ ନୟାପଲ୍ଲୀର ନୂଆସାହି ଆଖଣ୍ଡଳମଣୀ ପୂଜା କମିଟି ଓ ମୌରିଆ ଗ୍ରୁପର ମିଳିତ ଆନୁକୂଲ୍ୟରେ ଚଳିତ ବର୍ଷ ଶ୍ରୀ ଗଣେଷ ମହାପ୍ରଭୁଙ୍କ ପୂଜା ମହାଆଡମ୍ବରରେ ଆୟୋଜନ କରିବାକୁ ସ୍ଥିର କରାଯାଇଛି । ଏହି ପରିପ୍ରେକ୍ଷୀରେ ନୂଆସାହି ଆଖଣ୍ଡଳମଣୀ ପୂଜା କମିଟି ଓ ମୌରିଆ ଗ୍ରୁପ ପକ୍ଷରୁ ଆଜି ଶ୍ରୀ ଶ୍ରୀ ଆଖଣ୍ଡଳମଣୀ ସେବା ସଂସଦ ପରିସରରେ କମିଟିର ବାର୍ତ୍ତା ସମ୍ପାଦକ ଶ୍ରୀ ଦେବବ୍ରତ ମହାନ୍ତିଙ୍କ ସଂଯୋଜନାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସାମ୍ବାଦିକ ସମ୍ମିଳନୀକୁ ବିଶିଷ୍ଟ ସମାଜସେବୀ ତଥା କମିଟିର ସମ୍ପାଦକ ଶ୍ରୀ ସାଗର ବଳବନ୍ତରାୟ ସଭାପତିତ୍ୱ କରି କହିଛନ୍ତି ଯେ, ଚଳିତବର୍ଷ ଶ୍ରୀ ଗଣେଷ ପୂଜାକୁ ଅନ୍ୟମାନଙ୍କ ଠାରୁ ଟିକେ ଭିନ୍ନ କରିବା ପାଇଁ ଉଭୟ ନୂଆସାହି ଆଖଣ୍ଡଳମଣୀ ପୂଜା କମିଟି ଓ ମୌରିଆ ଗ୍ରୁପର ସଦସ୍ୟମାନେ ଯୋଜନା କରିଛନ୍ତି ଓ ତଦନୁସାରେ କାର୍ଯ୍ୟ ଆଗେଇ ଚାଲିଛି । ଏଥିପାଇଁ ନୟାପଲ୍ଲୀର ନୂଆସାହିରେ ତିଆରି ଚାଲିଛି ୩୫ଫୁଟ ଉଚ୍ଚତା ବିଶିଷ୍ଟ ଶ୍ରୀ ଗଣେଷଙ୍କ ପ୍ରତିମା । କଲିକତାର କାରିଗରମାନେ ଦୀର୍ଘ ଏକମାସ ଧରି ଶ୍ରୀଗଣେଷଙ୍କ ପ୍ରତିମା ପ୍ରସ୍ତୁତିରେ ଲାଗିଛନ୍ତି ଏବଂ ପ୍ରତିମାରେ କୌଣସି ରାସାୟନିକ ପଦାର୍ଥ ବ୍ୟବହାର କରାଯିବ ନାହିଁ ବୋଲି ସ୍ଥିର କରାଯାଇଛି । ଏବର୍ଷ ପୂଜାରେ ଶ୍ରୀ ଗଣେଷଙ୍କୁ ୩୫କିଲୋଗ୍ରାମ୍ ଓଜନ ବିଶିଷ୍ଟ ଲଡୁ ଭୋଗ ଅର୍ପଣ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଦର୍ଶକମାନଙ୍କ ମନ ମୋହିବ ବୋଲି ଆଶା କରାଯାଉଛି । ଆସନ୍ତାମାସ ୭ତାରିଖ ଶନିବାର ଦିନ ପୂଜାର ପୂର୍ଣ୍ଣାହୂତି ଅନୁଷ୍ଠିତ ହେବା ସହ ପ୍ରାୟ ୫୦୦୦ରୁ ଉର୍ଦ୍ଧ୍ୱ ଭକ୍ତମାନଙ୍କ ପାଇଁ ପ୍ରସମାଦସେବନର ସୁବ୍ୟବସ୍ଥା କରାଯାଇଛି । ଏତଦ୍ ଭିନ୍ନ ପୂଜାରେ ପରିବେଶକୁ ସୁରକ୍ଷା ଦେବାପାଇଁ ବୃକ୍ଷରୋପଣର କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତି ନିଆଯାଇଛି । ତା ୦୮.୦୯.୨୦୧୯ ରବିବାର ଦିନ ଶ୍ରୀଗଣେଷ ମହାପ୍ରଭୁଙ୍କ ବିସର୍ଜନ ପର୍ବ ମହାଆଡମ୍ବରରେ କରାଯିବାର କାର୍ଯ୍ୟକ୍ରମ ରହିଛି । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କମିଟିର ସଭାପତି ସୁମନ୍ତ ସାମନ୍ତରାୟ, ରାକେଶ ମହାନ୍ତି, ସୁଜିତ୍ ରାୟ,ସନ୍ତୋଷ କୁମାର ସାହୁ, ବିଦ୍ୟାଧର ବେହେରା, ସିତୁ ବଳବ'ରାୟ, ବିଶ୍ୱଜିତ୍ ବଳବ'ରାୟ ପ୍ରମୁଖ ଉପସ୍ଥିତ ଥିଲେ ବୋଲି କମିଟିର ସହ ବାର୍ତ୍ତା ସମ୍ପାଦକ ବାଦଲ ପରିଡା ସୂଚନା ଦେଇଛନ୍ତି ।

## ପୁରାଣ କାହାଣୀ

# ହଜିଯାଇଥିବା ଜିନିଷ ଖୋଜି ଆଣିବ ସୁଦର୍ଶନ ଚକ୍ର



ଜୀବନରେ କୌଣସି ଜିନିଷ ହଜିଯିବା, କେଉଁଠି ରଖି ଭୁଲିଯିବା, ହଜିଯାଇଥିବା ଜିନିଷ ଖୋଜିଲେ ନ ମିଳିବା ଆଦି ସମସ୍ୟା ସ୍ୱାଭାବିକ୍ ଭାବେ ଘଟିଥାଏ । ଯାହା ମନକୁ ଭାରାକ୍ରାନ୍ତ କରିଦିଏ। ଏଭଳି ପରିସ୍ଥିତିରେ କାର୍ତ୍ତବିର୍ଯାର୍ଜୁନ୍ ରାଜା ଯିଏ ହେୟ ବଂଶର ତଥା ଭଗବାନ ବିଷ୍ଣୁଙ୍କ ସୁଦର୍ଶନ ଚକ୍ରର ଅବତାର ବୋଲି କୁହାଯାଇଥାଏ। ତାଙ୍କର ସାଧନା କରିବା ଦ୍ୱାରା ଏହି ସବୁ ସମସ୍ୟାରୁ ତୁରନ୍ତ ମୁକ୍ତି ମିଳିଥାଏ। ପୁରାଣରେ ବର୍ଣ୍ଣିତ ହୋଇଛି ଯେ ସୁଦର୍ଶନ ଚକ୍ର ଯେ କୌଣସି ଦିଗକୁ ଯାଇ ହଜିଥିବା ଜିନିଷ ଖୋଜି ଆଣିବାରେ ସାହାଯ୍ୟ କରିଥାଏ। ଏହାର ସାଧନା ପାଇଁ ଦୀପ ଜଳାଇ ପୂର୍ବ ଅଥବା ଉତ୍ତର ଦିଗ ପଟକୁ ମୁହଁ କରି ବସନ୍ତୁ। ହଜିଯାଇଥିବା ଜିନିଷକୁ ଭାବନାରେ ଆଣି ଭଗବାନ ବିଷ୍ଣୁଙ୍କର ସୁଦର୍ଶନ ରୂପକୁ ସ୍ମରଣ କରି ଧ୍ୟାନ କରନ୍ତୁ ।

# ନ୍ୟୁଡ ସେଲଫି ବଦଳରେ ମିଳୁଛି ଋଣ

ବେଜିଂ ସାଧାରଣତଃ ଋଣ ପ୍ରଦାନ ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ଘର କିମ୍ବା ଜମି ପଟ୍ଟାକୁ ବନ୍ଧକ ରଖିଥାନ୍ତି। ହେଲେ ଚୀନର ଏକ ବ୍ୟାଙ୍କ ଗ୍ୟାରେଣ୍ଟି ବାବଦରେ ଝିଅଙ୍କ ଅଶ୍ଳିଳ ଫଟୋକୁ ଗ୍ରହଣ କରୁଛି। ସର୍ତ୍ତ ରହିଛି ଯଦି ସଠିକ ସମୟରେ ଋଣ ପରିଶୋଧ କରାନଯାଏ ତେବେ ଏହି ଫଟୋକୁ ସାର୍ବଜନୀନ କରାଯିବ। ଚୀନରେ ଜିଏଦାଇବାଓ ନାମକ ଏକ କମ୍ପାନୀ ଲୋକଙ୍କୁ ବ୍ୟବସାୟ ଏବଂ ଆବଶ୍ୟକୀୟ ସାମଗ୍ରି କ୍ରୟ ପାଇଁ ଅନଲାଇନରେ ଋଣ ପ୍ରଦାନ କରୁଛି। ତେବେ ଋଣ ପାଇଁ ଗ୍ୟାରେଣ୍ଟର ଭାବେ ଝିଅ



ପିଲାଙ୍କୁ ଅନଲାଇନରେ ନ୍ୟୁଡ ଫଟୋ ଦେବାକୁ କୁହାଯାଉଛି। ଏଥିରେ ଝିଅମାନେ ନିଜ ପରିଚୟ ପତ୍ର ସହ ଫଟୋ ଦେଉଛନ୍ତି। କୁହାଯାଇଛି ଯେ ଯଦି ସଠିକ ସମୟରେ ଋଣ ଅର୍ଥ ପୈଠ ନହୁଏ ତେବେ ଏହି ଫଟୋ ପରିବାର ଏବଂ ପରିଚିତ ଲୋକମାନଙ୍କୁ ପଠାଇବା ସହ ସୋସିଆଲ ସାଇଟରେ ମଧ୍ୟ ସେୟାର କରାଯିବ। କମ୍ପାନୀଟି ୩୦% ସାପ୍ତାହିକ ସୁଧରେ ଏହି ଅର୍ଥ ଆବଶ୍ୟକୀୟ ଲୋକଙ୍କୁ ପ୍ରଦାନ କରୁଛି। ମିଳିଥିବା ସୂଚନା ଅନୁସାରେ ଏହି କମ୍ପାନୀଟି ଅଦ୍ୟାବଧି ୧୬୦ଜଣ ଝିଅଙ୍କ ଫଟୋକୁ ସୋସିଆଲ ସାଇଟରେ ଛାଡି ସାରିଲେଣି। ଘଟଣାକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ଆରମ୍ଭ ହୋଇଥିଲା ବେଳେ କମ୍ପାନୀକୁ ବନ୍ଦ କରିବା ପାଇଁ ଦାବି ତେଜିଲାଣି।

# ଖାତାକୁ ଆସିଲା ୩୧କୋଟି, ଗହଣା ଏବଂ କପଡ଼ା ପାଇଁ କରିଦେଲେ ଖର୍ଚ୍ଚ

ସିଡନୀ ଭାରତରେ ନୋଟରଦ୍ଦ ନିଷ୍ପତ୍ତି କାରଣରୁ ଅନେକ କଳାଧନକୁ ଧଳା କରିବା ପାଇଁ ଅନ୍ୟମାନଙ୍କ ଆକାଉଣ୍ଟରେ ଅର୍ଥ ଜମା କରୁଥିବା ଘଟଣା ଏବେ ଦେଖିବାକୁ ମିଳୁଛି। ସେହିପରି ଭୁଲରେ ମଧ୍ୟ ବ୍ୟାଙ୍କ





ଅଧିକାରୀମାନେ ଜଣଙ୍କ ସ୍ଥାନରେ ଅନ୍ୟଜଣଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଦେଉଛନ୍ତି। ବ୍ୟାଙ୍କର ଏହି ତ୍ରୁଟି ଯୋଗୁ ଜଣେ ଛାତ୍ରଙ୍କୁ କୋର୍ଟର ଚକ୍କର କାଟିବାକୁ ପଡିଛି। ମାମଲାଟି ୨୦୧୨ ମସିହାର। ବ୍ୟାଙ୍କ ପକ୍ଷରୁ ଭୁଲରେ ମାଲେସିଆର ଜଣେ ୨୧ବର୍ଷୟ ଛାତ୍ରୀ କ୍ରିଷ୍ଟିନାଙ୍କ ଖାତାକୁ ଆସିଥିଲା ୩୧କୋଟି ଟଙ୍କା। ୨୦୧୪ ଜୁଲାଇ ମାସରେ ଏ ସମ୍ପର୍କରେ କ୍ରିଷ୍ଟିନା ଜାଣିପାରିଥିଲେ। ପରେ ଏହି ଟଙ୍କାରେ ସେ ଗହଣା,ପ୍ରଶାଧନ ସାମଗ୍ରିଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷ କ୍ରୟ କରିଥିଲେ। ଏପରିକି ଗୋଟିଏ ଦିନ ସେ ଦେଢକୋଟି ଟଙ୍କାର କିଣାବିକା କରିଥିଲେ। ଗତବର୍ଷ ଏହି ତ୍ରୁଟି ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷ ଅବଗତ ହେବାପରେ କ୍ରିଷ୍ଟିନାଙ୍କୁ ଫୋନ କରି ତୁରନ୍ତ ଟଙ୍କା ଫେରାଇବା ପାଇଁ ଅନୁରୋଧ କରିଥିଲେ। ହେଲେ କ୍ରିଷ୍ଟିନା କହିଥିଲେ ଯେ ମୁଁ ଭାବିଥିଲି ଏହି ଟଙ୍କା ମୋତେ ମୋ ବାପା ପଠାଇଛନ୍ତି। ପରେ ଘଟଣାଟି କୋର୍ଟରେ ପହଞ୍ଚିଥିଲା। ଗତ ମଙ୍ଗଳବାର ଦିନ ଡାଉନିଂ ସେଣ୍ଟର କୋର୍ଟରେ କ୍ରିଷ୍ଟିନା ଉପସ୍ଥିତ ହୋଇ ନିଜ ଯୁକ୍ତି ରଖିଥିଲେ। ପରେ ଏହି ମାମଲାରେ କୋର୍ଟ ତାଙ୍କୁ ସମ୍ମାନର ସହ ମୁକ୍ତି କରିଛି।

## ସନ୍ତାନ ଓ ଚାକିରି ଛାଡ଼ି ଆଇଏସ ବିରୋଧରେ ବନ୍ଧୁକ ଉଠାଇଲେ ମହିଳା

ସିରିୟାର ବେବିଲୋନିଆ ତାଙ୍କର ଦୁଇ ସନ୍ତାନ



ଓ ହେୟାର ଡ୍ରେସର ଚାକିରି ଛାଡି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ ବିରୋଧରେ ବନ୍ଧୁକ ଉଠାଇଛନ୍ତି। ସେ ଆଇଏସ ବିରୋଧରେ ଲଢୁଥିବା ଖ୍ରୀଷ୍ଟିଆନ ଫିମେଲ ପ୍ରୋଟେକସନ ଗ୍ରୁପରେ ସାମିଲ ହୋଇଛନ୍ତି। ୩୬ ବର୍ଷୀୟା ବେବିଲୋନିଆ ସିରିୟାର ଉତ୍ତର-ପୂର୍ବରେ ହଶକାହ ପ୍ରଦେଶରେ ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ସଂପ୍ରଦାୟର ମହିଳା। ଏହି ଗ୍ରୁପରେ ୫୦ ମହିଳା ଅଛନ୍ତି ଏବଂ ଏମାନଙ୍କ ପ୍ରଶିକ୍ଷଣ ଶିବିର ସିରିୟାର ଅଲ-କହତନିଏ ସହରରେ ରହିଛି। ବେବିଲୋନିଆ କହିଛନ୍ତି ପିଲାଙ୍କ ଭବିଷ୍ୟକୁ ସୁରକ୍ଷିତ କରିବା ପାଇଁ ସେ ଆଇଏସଆଇଏସ ବିରୋଧରେ ଅସ୍ତ୍ର ଉଠାଇଛନ୍ତି। ସିରିୟାରେ ୮୯ହଜାର ଖ୍ରୀଷ୍ଟିଆନ ବସବାସ କରୁଥିଲେ ହେଁ ଆଇଏସ ଆତଙ୍କବାଦୀଙ୍କ ଭୟରେ ଏମାନଙ୍କ ସଂଖ୍ୟା ଦ୍ରୁତ ହ୍ରାସ ପାଉଛି।

## ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ସୁନ୍ଦର ଆଖି

ମଣିଷ ଶରୀରରେ ଆଖି ହେଉଛି ସବୁଠାରୁ ସୁନ୍ଦର ଭାଗ । ଯାହା ଆପଣଙ୍କ ସୁନ୍ଦରତାକୁ ଆହୁରି ବଢାଇ ଦେଇଥାଏ । ଯଦି ଆପଣ ଆପଣଙ୍କ ଆଖିକୁ ସୁନ୍ଦର କରିବାକୁ ଚାହାନ୍ତି ତେବେ, ସ୍ମୋକିକ ଆଇଜ୍ ପାଇଁ ସର୍ବଦା ଗ୍ରେ ଏବଂ କଳା ରଙ୍ଗର ଆଇସ୍ୟାଡୋର ମିଶ୍ରଣକୁ କଳା ସହିତ ଲଗାନ୍ତୁ । ଏଥିପାଇଁ ସର୍ବପ୍ରଥମେ ଆଇବ୍ରୋର ତଳ ଭାଗରେ ରହିଥିବା ହାଡରୁ ଟିକେ ତଳକୁ ଆଖିପତାରେ ଗ୍ରେ ରଙ୍ଗର ଆଇସ୍ୟାଡେ ଲଗାନ୍ତୁ । ଏହାପରେ ଆଖିର ତଳ ଏବଂ ଉପର ଦୁଇ ଭାଗରେ କଳା ଲଗାନ୍ତୁ । ଏହା ଆଖିର ସୁନ୍ଦରତା ବଢେଇ ଦେଇଥାଏ ।

# କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ହାନିକାରକ

ଆପଣଙ୍କ ଶରୀର ପାଇଁ କ୍ଷତିକାଚ୍ ସାବ୍ୟସ୍ତ ହୋଇପାରେ। ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାଯାଇଛି କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ଓ ଲୁଣ ପ୍ରତିକ୍ରିୟା କରି ଏଭଳି ଏକ ହାନିକାରକ ରସାୟନ ନିର୍ମାଣ କରୁଛନ୍ତି, ଯାହା ଆପଣଙ୍କୁ ଡାକ୍ତରଖାନାରେ ପହଞ୍ଚାଇଦେବ। ଗବେଷକମାନେ ଅନେକ ଅଣୁମାନଙ୍କର ସନ୍ଧାନ କରିଛନ୍ତି, ଯାହା ସମ୍ପୂର୍ଣ୍ଣ ନୂଆ ଓ କ୍ଲୋରାମିନ୍ ଯୁକ୍ତ ପାଣି ଓ ଖାଦ୍ୟରେ ଥିବା ଆୟୋଡ଼ିନ୍ ଯୁକ୍ତ ଲୁଣ ମଧ୍ୟରେ



ପ୍ରତିକ୍ରିୟାରୁ ସୃଷ୍ଟି ହୋଇଛନ୍ତି। ପାଣିକୁ ସ୍ୱଚ୍ଛ କରିବା ପାଇଁ ସେଥିରେ କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍‌ର ଅଣୁ ମିଶାଯାଇଥାଏ। ଗବେଷକଙ୍କ ମତରେ ପାଇପ୍ ପାଣିରେ ଉପସ୍ଥିତ ଥିବା କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସ ଆୟୋଡ଼ିନ୍ ଲୁଣ ସହ ପ୍ରତିକ୍ରିୟା କରି ହାଇପୋଆୟୋଡ଼ସ୍ ଏସିଡ଼ ନିର୍ମାଣ କରିଥାଏ। ଯାହା ସାଧାରଣତଃ ହାନିକାରକ ନୁହେଁ। କିନ୍ତୁ ଯେତେବେଳେ ଏସିଡ଼ ଖାଦ୍ୟ ରାନ୍ଧିବା ସମୟରେ ପାଇପ୍ ପାଣିରେ ଉପସ୍ଥିତ ଅଣୁ ଓ ଅନ୍ୟ କାର୍ବନିକ୍ ପଦାର୍ଥ ସହିତ ପ୍ରତିକ୍ରିୟା କରିଥାଏ। ସେତେବେଳେ ସେଥିରେ ହାନିକାରକ ଆୟୋଡ଼ିନ୍ ଯୁକ୍ତ ଜୀବାଣୁ ନାଶକ ତିଆରି ହୋଇଥାଏ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ ।



ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

ସଂ ଗଚ୍ଛଧ୍ବଂ ସଂ ବଦଧ୍ବଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

## ସମ୍ପାଦକୀୟ

ଭୁବନେଶ୍ୱର, ୨୦୧୯, ନଭେମ୍ବର ୦୪

# ଶବ୍ଦ ପ୍ରଦୂଷଣ : ଶରୀରକୁ କଷଣ

ଶବ୍ଦ ପ୍ରଦୂଷଣ ଦିନକୁ ବଢ଼ି ଚାଲିଥିବାରୁ ତାହା ପ୍ରାଣୀ ଜଗତ ଲାଗି ସମସ୍ୟା ସୃଷ୍ଟି କରୁଛି । ଏହି ସମସ୍ୟା କମାଇବା ଲାଗି ବୈଜ୍ଞାନିକ ପଦ୍ଧତି ମାଧ୍ୟମରେ ଉଦ୍ୟମ କରାଯାଉଛି । କେତେ ମାତ୍ରାରେ ଶବ୍ଦ ସୃଷ୍ଟି ହେଲେ ତାହା ମଣିଷ ପାଇଁ କ୍ଷତିକାରକ ହେବ ତାହା ବୈଜ୍ଞାନିକମାନେ ସ୍ଥିର କରିଛନ୍ତି । ଇଲେକ୍ଟ୍ରୋନିକ୍, ସିଗ୍ନାଲ ଏବଂ କମ୍ୟୁନିକେଶନ କ୍ଷେତ୍ରରେ ବ୍ୟବହୃତ ଏକକ ଡେସିବେଲ୍‌କୁ ଶବ୍ଦ ପ୍ରଦୂଷଣ ମାପିବାର ଏକ ମାଧ୍ୟମ ଭାବେ ଗ୍ରହଣ କରାଯାଇଛି । ସେହି ଅନୁଯାୟୀ ୬୫ ଡେସିବେଲ୍ ପର୍ଯ୍ୟନ୍ତ ଶବ୍ଦ ସ୍ତର ଗଲେ ତାହା ମଣିଷ ଉପରେ ପ୍ରଭାବ ପକାଇ ନଥାଏ । ପଶୁଙ୍କ ଶବ୍ଦ ସହିବା ସ୍ତରକୁ ତ ନଜରକୁ ନିଆଯାଉନାହିଁ । ତେବେ ୬୫ ଡେସିବେଲ୍‌ଠାରୁ କାହିଁ କେତେ ଅଧିକ ଗୁଣରେ ଶବ୍ଦ ପ୍ରଦୂଷଣ ହେଉଥିବାରୁ ତାହା ଏବେ ଚିନ୍ତାର କାରଣ ପାଲଟିଛି । ଏହି ପ୍ରଦୂଷଣ ସ୍ତର ମୁଖ୍ୟତଃ ସାମାଜିକ ଉତ୍ସବ ଓ ଯାନିଯାତ୍ରା ସମୟରେ ବିଭିନ୍ନ ଡାକବାଜି ଯନ୍ତ୍ର ଯୋଗୁ ବଢୁଛି । ଏହାକୁ କମାଇବା ପାଇଁ ଅନେକ ସମୟରେ ନୀତିନିୟମ ଲାଗୁ ହେବା ଏବଂ ବିଭିନ୍ନ ମହଲରେ ଚର୍ଚ୍ଚା ହେବା ସତ୍ତ୍ୱେ ବିଶେଷ କିଛି ପ୍ରଭାବ ପଡୁଥିବାର ଲକ୍ଷ୍ୟ କରାଯାଉନାହିଁ । ମାନ୍ୟବର କୋର୍ଟ ମଧ୍ୟ ଏ ଦିଗରେ ପଦକ୍ଷେପ ନେବାକୁ ଭିନ୍ନ ଭିନ୍ନ ସମୟରେ ନିର୍ଦ୍ଦେଶନାମା ଜାରି କରିଛନ୍ତି । ତଥାପି ଏହାର ଆଶାନୁରୂପ ସୁଫଳ ମିଳିପାରୁନାହିଁ । କଟକ ଓ ଭୁବନେଶ୍ୱରରେ ଶବ୍ଦ ପ୍ରଦୂଷଣର ମାତ୍ରା ବହୁଗୁଣରେ ବଢ଼ିଯାଇଥିବା ଦର୍ଶାଇ ଓଡ଼ିଶା ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଏ ଦିଗରେ ପଦକ୍ଷେପ ନେବାକୁ କହିଥିଲେ । ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଦୂଷଣ ସ୍ତର ୬୫ ଡେସିବେଲ୍‌ରୁ ଅଧିକ ହୋଇ ଯାଉଥିବାରୁ ତାହାକୁ ନିୟନ୍ତ୍ରଣ କରିବା ଲାଗି ମେଲୋଡ଼ି ଓ ବ୍ୟାଣ୍ଡ ପାର୍ଟିମାନେ ସେମାନଙ୍କ ଡାକବାଜି ଯନ୍ତ୍ରରେ ସାଉଣ୍ଡ୍ ଲିମିଟର ବ୍ୟବହାର ବାଧ୍ୟତାମୂଳକ କରାଯାଇଥିଲା । ଏହାର ଅବମାନନା କଲେ ସେମାନଙ୍କ ବ୍ୟବସାୟ ବନ୍ଦ କରି ଦିଆଯିବ ବୋଲି ଦ୍ୱୈତ ନଗରୀ ପୋଲିସ ପକ୍ଷରୁ ମଧ୍ୟ ଚେତାବନୀ ଦିଆଯାଇଥିଲା । ତା'ପରେ ଡାକବାଜି ଯନ୍ତ୍ରର ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି । ବ୍ୟବସାୟ ମାନ୍ଦା ହେବାରୁ ସାଉଣ୍ଡ ସୃଷ୍ଟିକାରୀ ସଂସ୍ଥାର ମାଲିକମାନେ ହାଇକୋର୍ଟରେ ଏକ ଆବେଦନ କରି କହିଥିଲେ ଯେ ଆମ ରାଜ୍ୟରେ ସାଉଣ୍ଡ ଲିମିଟର ଯନ୍ତ୍ର ମିଳୁ ନଥିବାରୁ ପଶ୍ଚିମବଙ୍ଗ ଉପରେ ନିର୍ଭର କରିବାକୁ ପଡୁଛି । କିନ୍ତୁ ରାଜ୍ୟ ସରକାର ଉକ୍ତ ଯନ୍ତ୍ର ଯୋଗାଇଦେବାର ସମସ୍ତ ବ୍ୟବସ୍ଥା କରନ୍ତୁ ବୋଲି ଆବେଦନକାରୀ ଜଣାଇଥିଲେ । କଟକ ସହରରେ ଡାକବାଜି ଯନ୍ତ୍ରର ବହୁଳ ପ୍ରଚାରକୁ ନେଇ ବିଭିନ୍ନ ସମୟରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଥିବାରୁ ଜିଲ୍ଲା ପ୍ରଶାସନର ମୁଖ୍ୟ ମାନନୀୟ ଜିଲ୍ଲାପାଳ ଲୋକମାନଙ୍କର ମୌଳିକ ଅଧିକାରକୁ କ୍ଷୁର୍ଣ୍ଣ ନକରି ନିର୍ଦ୍ଦିଷ୍ଟ ସମୟ ପାଇଁ ଜନସଚେତନତା ସୃଷ୍ଟି କରିବା ସହ ଭାଇଚାରା ସହରର କଟକିଆଙ୍କ ବନ୍ଧୁତ୍ୱକୁ ମଧ୍ୟ ବେଶ ନିବିଡ଼ ଭାବରେ ଗଢ଼ିତୋଳିଛନ୍ତି । ଶବ୍ଦ ପ୍ରଦୂଷଣ ଛାତ୍ରୀଛାତ୍ରଙ୍କ ପାଠପଢ଼ା, ବୟସାଧିକ୍ୟ ବ୍ୟକ୍ତି ଏବଂ ରୋଗୀଙ୍କ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇଥାଏ । କୋମଳମତି ପିଲାମାନଙ୍କ ପାଇଁ ନିର୍ଦ୍ଦିଷ୍ଟ ଡେସିବିଲ୍‌ଠାରୁ ପ୍ରଦୂଷଣର ମାତ୍ରା ବଢ଼ିଲେ ପିଲାଟିର କାନ କ୍ରମଶଃ ଖରାପ ହୋଇଯିବାର ସମ୍ଭାବନା ଥାଏ । ସବୁଠାରୁ ବଡ଼ କଥା ହେଲା ଗର୍ଭବତୀ ମହିଳା ଓ ନବଜାତ ଶିଶୁଙ୍କ ଉପରେ ଏହାର କୁପ୍ରଭାବ ପ୍ରମାଣ ରହିଛି । ବିବାହ, ବ୍ରତ, ସାଂସ୍କୃତିକ କାର୍ଯ୍ୟକ୍ରମ ଏପରିକି ମନ୍ଦିର ଓ ମସ୍‌ଜିଦ୍ ଉପରେ ଡାକବାଜି ଯନ୍ତ୍ରର ବ୍ୟବହାର ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ହେଉଥିବାରୁ ସାଧାରଣ ଲୋକଙ୍କ ଶୋଇବା ମଧ୍ୟ ଏହାଦ୍ୱାରା ବାଧାପ୍ରାପ୍ତ ହୋଇଥାଏ । ରାସ୍ତାରେ ଯିବାବେଳେ ବସ୍ ଓ ଟ୍ରକ୍‌ର ଅତ୍ୟଧିକ ହର୍ଣ୍ଣ ପଥଚାରୀଙ୍କୁ ବିରକ୍ତ କରିଥାଏ । ଏହି ପରିପ୍ରେକ୍ଷୀରେ ବିଶିଷ୍ଟ ଲେଖକ ତଥା ଆଇନଜୀବୀ କେ.ଏମ୍. ମୁନ୍‌ସୀଙ୍କ ଉକ୍ତିକୁ ଉଦ୍ଧାର କଲେ ଜଣାଯାଏ ଯେ ଜଣଙ୍କର ସ୍ୱାଧୀନତାକୁ କ୍ଷୁର୍ଣ୍ଣ କରିବାର ଅଧିକାର ଅନ୍ୟର ନାହିଁ । ଜଣେ ନିଜ ଜୀବନକୁ ଉପଭୋଗ କରିବା ଲାଗି ବିଭିନ୍ନ ପ୍ରକାର ମାଧ୍ୟମ ଗ୍ରହଣ କରିପାରେ । କିନ୍ତୁ ଅନ୍ୟକୁ କ୍ଷତି ନ ପହଞ୍ଚିବା ତାଙ୍କର ଗୁରୁଦାୟିତ୍ୱ ହେବା ଦରକାର । ଉଦାହରଣ ଦେଇ ସେ କହିଥିଲେ ନିଜ ଘରେ ବସି ହାରମୋନିୟମ୍ ସାହାଯ୍ୟରେ ଗୀତ ରିଆଜ କରୁଥିବା ବ୍ୟକ୍ତି ପଡ଼ୋଶୀର ସ୍ୱାଧୀନତା ପ୍ରତି ଦୃଷ୍ଟିଦେବା ଉଚିତ । କିନ୍ତୁ ସମାଜରେ ଏଭଳି ନୈତିକ ମୂଲ୍ୟବୋଧ ଆପଣାଇବା ଲୋକଙ୍କ ଅଭାବ ରହିଛି । ପ୍ରଶାସନ ପକ୍ଷରୁ ରାତି ୧୦ ପରେ ଡାକବାଜି ଯନ୍ତ୍ର ବନ୍ଦ କରିବା ଲାଗି ନିର୍ଦ୍ଦେଶ ଥିଲେ ହେଁ ତାହାକୁ କ୍ୱଚିତ୍ ପାଳନ କରାଯାଉଛି । ଅପରପକ୍ଷରେ ସରକାର କେବଳ ଡାକବାଜି ଯନ୍ତ୍ରରେ ସାଉଣ୍ଡ ଲିମିଟର ଲଗାଇବା ଏବଂ ଶବ୍ଦ ପ୍ରଦୂଷଣ ରୋକିବା କଥା କହି ଚୁପ୍ ହୋଇ ବସିଯାଉଛନ୍ତି । ସରକାରଙ୍କ ନିର୍ଦ୍ଦେଶ କେତେ ପରିମାଣରେ କାର୍ଯ୍ୟକାରୀ ହେଲା ତାହାର ପୁନଃସମୀକ୍ଷା ହୋଇପାରୁନାହିଁ । ଡାକବାଜି ଯନ୍ତ୍ର ଶବ୍ଦ ପ୍ରଦୂଷଣର କେବଳ ମାତ୍ର କାରଣ ନୁହେଁ । ଦିୱାଲି ବେଳେ ଦୀପ କିଣିବା ପରିବର୍ତ୍ତେ ବାଣ ଦୋକାନରେ ଲୋକଙ୍କ ଭିଡ଼ ଦେଖିଲେ ଶବ୍ଦ ବା ପରିବେଶ ପ୍ରଦୂଷଣ ପାଇଁ ଆମର କେତେ ଚିନ୍ତା ଅଛି ତାହା ଜଣାପଡ଼େ । ବୁଝିବା କଷ୍ଟକର, କାହିଁକି କେତେକ ଲୋକ ନିଜର ଧାର୍ମିକ ବିଶ୍ୱାସ କିମ୍ବା ବ୍ୟବସାୟିକ ଲକ୍ଷ୍ୟ ସାଧନ ସକାଶେ ଡାକବାଜି ଯନ୍ତ୍ରର ବ୍ୟବହାର କରି ସମସ୍ତଙ୍କୁ ହଇରାଣ କରନ୍ତି ! ଏଭଳି ଚିନ୍ତାଧାରା କେବଳ ଭାରତବର୍ଷରେ ହିଁ ଦେଖିବାକୁ ମିଳିଥାଏ । ଆଧୁନିକ ଦେଶରେ ଆଇନ ନୁହେଁ, ସଚେତନତା ମଣିଷକୁ ପଡ଼ୋଶୀ ସମ୍ପର୍କରେ ଚିନ୍ତା କରିବାକୁ ସୁଯୋଗ ଦେଇଥାଏ । ସେହି ବ୍ୟବହାର ମଣିଷକୁ ସଭ୍ୟ କିମ୍ବା ଅସଭ୍ୟର ଆଖ୍ୟା ଦେଇଥାଏ । ଆଜି ମଧ୍ୟ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଭୟ କରି କେତେକ ଭଲ କାମ କରାଯାଉଛି, ଯାହାକି ସାଧାରଣରେ ଏକ ସଭ୍ୟ ଗଣତାନ୍ତ୍ରିକ ସମାଜରେ କରାଯିବାର ଆବଶ୍ୟକତା ରହିଛି । ଭାରତୀୟମାନେ ଯେତେଶୀଘ୍ର ଏ ଦିଗରେ ଚିନ୍ତାଶୀଳ ହେବେ ସେତେ ଶୀଘ୍ର ଦେଶର ସାମାଜିକ ଜୀବନରେ ପରିବର୍ତ୍ତନ ଆସିପାରେ

## ଆଜିର ଅନୁଚିନ୍ତା

**ନିଜ ବନ୍ଧନକୁ ନିଜେ ଫିଟାଅ, ଗୁରୁ କେବଳ ପରାମର୍ଶଦାତା ।**

# ସଦ୍‌ଗୁରୁଙ୍କ ମାହାତ୍ମ୍ୟ

'ସଂସାରରେ ସବୁକିଛି ମୁଁ କରିପାରିବି, ମୋର ଏଭଳି କ୍ଷମତା, ମୁଁ ଏଭଳି ଧନସଂପଦର ଅଧିକାରୀ, ଏସବୁ ମୋର'– ଏହି 'ମୁଁ' 'ମୋର' ଭାବ ଅହଂକାର, ଅଭିମାନର ପ୍ରତୀକ । ଦମ୍ଭ, ଦର୍ପ, ଗର୍ବ, ଆସ୍ଫାଳନ ଆଦି ଅହଂକାରର ପର୍ଯ୍ୟାୟଭୁକ୍ତ । ମଣିଷ ଯେତେ ବଡ଼ ହୁଏ, ତା'ର ଅହଂକାର ସେତିକି ଅଧିକ ହୋଇଥାଏ । ସେ ସବୁର କର୍ତ୍ତା ବୋଲି ନିଜକୁ ଭାବିଥାଏ । ଅନ୍ୟପକ୍ଷରେ ଶ୍ରେଷ୍ଠ ସନ୍ଥ, ସଦ୍‌ଗୁରୁ ଆପଣା ଶିଷ୍ୟର କଲ୍ୟାଣ ନିମନ୍ତେ ସର୍ବଦା ତତ୍ପର ଥା'ନ୍ତି । ଶିଷ୍ୟର ଅନ୍ତରରେ ଗର୍ବ ରୂପକ ବୀଜ ଅଙ୍କୁରିତ ହେଲା ସମୟରେ ହିଁ ସେ ଏହାକୁ ଉନ୍ମୂଳିତ କରି ଦେଇଥାନ୍ତି । ସମର୍ଥ ଗୁରୁ ରାମଦାସ ଏ ସମ୍ପର୍କରେ ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ ରଖିଛନ୍ତି । ତାଙ୍କର ଅତି ପ୍ରିୟ ଶିଷ୍ୟ ଶିବାଜୀଙ୍କ ମନରେ ଛପି ରହିଥିବା ଅହଂକାର ରୂପୀ ଦାନବକୁ ନାଶ କରିବା ପାଇଁ କିଭଳି ଏକ ଅନୁପମ କୌଶଳର ଆଶ୍ରୟ ନେଇଥିଲେ ତାହା ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହୋଇଥାଏ । ଏହା ସେହି ସମୟର ଘଟଣା ଯେତେବେଳେ ଶିବାଜୀଙ୍କ ସାମ୍ରାଜ୍ୟର ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଭୀଷଣ ଦୁର୍ଭିକ୍ଷ ପଡ଼ିଥାଏ । ଲୋକଙ୍କୁ ଅନ୍ନସଂସ୍ଥାନ ଯୋଗାଇଦେବା ଉଦ୍ଦେଶ୍ୟରେ ଶିବାଜୀ ତୁରନ୍ତ ଏକ ନୂତନ କିଲା ନିର୍ମାଣ କାର୍ଯ୍ୟ ଆରମ୍ଭ କଲେ । ସହସ୍ରସହସ୍ର କର୍ମଜୀବୀ ଦୁର୍ଗ ନିର୍ମାଣରେ ନିୟୋଜିତ ଥା'ନ୍ତି । ଦିନେ ଶିବାଜୀ ଦୁର୍ଗ ନିର୍ମାଣ କାର୍ଯ୍ୟ ନିରୀକ୍ଷଣ କରିବାକୁ ନିର୍ମାଣ ସ୍ଥଳରେ ପହଞ୍ଚିଲେ । ଏତେ ସଂଖ୍ୟକ ବ୍ୟକ୍ତି ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିବା ଦେଖି ଏହାର କର୍ତ୍ତା ଭାବରେ ତାଙ୍କ ମନରେ ଅହଂକାର ଭାବ ଉଦିତ ହେଲା । ମୋ ଦ୍ୱାରା ଏତେ ବ୍ୟକ୍ତିଙ୍କ ଜୀବିକା ନିର୍ବାହ ହେଉଛି– ଏଭଳି ଏକ ଅହଂକାରର ମଦିରା ତାଙ୍କୁ ମତୁଆଲା କରିଦେଲା । ସଂଯୋଗବଶତଃ ଗୁରୁ ରାମଦାସ ଏଣେତେଣେ ବୁଲୁଥିବା ଅବସ୍ଥାରେ ସେଠାରେ ଯାଇ ପହଞ୍ଚିଲେ । ସାଷ୍ଟାଙ୍ଗ ପ୍ରଣିପାତ କରି ଶିବାଜୀ ରାମଦାସଙ୍କୁ ନିର୍ମାଣ କାର୍ଯ୍ୟ ଦେଖାଇବା ପାଇଁ ସାଥୀରେ ନେଇଗଲେ । ଆରେ ଶିବା ! ତୁ କେତେବଡ଼ କାମ କରୁଛୁ । ତୋ ଯୋଗୁଁ ଅନେକ ଲୋକ ଜୀବିକା ନିର୍ବାହର ମାଧ୍ୟମ ପାଇଛନ୍ତି । ତୁ ତ' ସେମାନଙ୍କ ପାଇଁ ସାକ୍ଷାତ୍ ଭଗବାନ ସଦୃଶ– ଗୁରୁ ରାମଦାସ ଚାଲୁଚାଲୁ ଶିବାଜୀଙ୍କୁ କହିଲେ । ଶିବାଜୀଙ୍କ ଅହଂକାରରୂପୀ ବୃକ୍ଷମୂଳରେ ଗୁରୁ ପ୍ରଶଂସାରୂପୀ ଜଳ ଢ଼ାଳିଦେଲେ । ସେ ନିଜକୁ ଧନ୍ୟ ମଣିଲେ । ଗର୍ବ ଅନେକ ଗୁଣ ବଢ଼ିଗଲା । ରାମଦାସ କହିଲେ ଶିବା । ଏଇ ଯେଉଁ ପଥରଟି ରାସ୍ତାରେ ପଡ଼ିଛି, ତାକୁ ଏବେ ଦି'ଖଣ୍ଡ କରି ଏଠାରୁ ହଟାଇ ଦିଅ ତ । କେହି ହେଲେ ପ୍ରଶ୍ନ ଉଠାଇ ନଥିଲେ ଗୁରୁଦେବ ଏଭଳି ଏକ ପ୍ରଶ୍ନ କାହିଁକି ଉଠାଇଲେ ? ଗୁରୁଦେବଙ୍କ ଆଜ୍ଞା ଅବଶ୍ୟ ପାଳିତ ହେବ । ତତ୍କାଳ ଶିବାଜୀ କାରିଗରକୁ ଡକାଇଲେ ଓ ପଥରଟିକୁ ଦି'ଖଣ୍ଡ କରି ସେଠାରୁ ହଟାଇ ଦେବାକୁ ଆଦେଶ ଦେଲେ । ଶିଳ୍ପୀ ସେହି ବିଶାଳ ଶିଳାଖଣ୍ଡକୁ ଦି'ଖଣ୍ଡ କରିଦେଲେ । ଉପସ୍ଥିତ ଲୋକେ ଆଶ୍ଚର୍ଯ୍ୟ ହୋଇ ଦେଖିଲେ ସେହି ଶିଳାଖଣ୍ଡ ତଳେ ଛୋଟିଆ ଗାତଟିଏ ଅଛି, ସେହି ଗାତରେ କିଛି ଜଳ ରହିଛି । ପାଖରେ ବେଙ୍ଗଟିଏ ନିଶ୍ଚଳ ଅବସ୍ଥାରେ ରହିଛି । ବାଃ, ବାଃ, ବାଃ– ଗୁରୁ ରାମ ଦାସ ଚିତ୍କାର କରି କହିଲେ । ତୋର କେତେ ଶକ୍ତି ଅଛି ଶିବା, ଏହି ବେଙ୍ଗଟିକୁ ମଧ୍ୟ ତୁ ଭୁଲି ପାରିନୁ । ତା' ପ୍ରତି ମଧ୍ୟ ତୋର କରୁଣା କିଛି କମ୍ ନୁହେଁ । ସେ ପିଇବାପାଇଁ ତୁ ଉପଯୁକ୍ତ ପରିମାଣରେ ଜଳବ୍ୟବସ୍ଥା କରିଛୁ । ଶିବାଜୀଙ୍କ ଅହଂକାର ଆକାଶରୁ ତଳକୁ ଖସି ପଡ଼ିଲା ଭଳି ନିମିଷକରେ ଚୂନା ହୋଇଗଲା । ତାଙ୍କର ହୃଦୟରେ ଅସଲ ସତ୍ୟ ପ୍ରତିଭାତ ହେଲା– ମୁଁ ପାଳନପୋଷଣ କଲାବାଲା କିଏ ? ସବୁର ପାଳନପୋଷଣ କର୍ତ୍ତା ତ ଏକ– ସେଇ ଈଶ୍ୱର । ସିଏ ଏଇ ବିରାଟ ଶିଳାଖଣ୍ଡ ତଳେ ଥିବା ବେଙ୍ଗଟିକୁ ମଧ୍ୟ ନିତି ଖାଦ୍ୟପାନୀୟ ଦେଇ ପାଳନ କରିଆସିଛନ୍ତି । ଶିବାଜୀ ନିଜ ଭୁଲ ବୁଝିପାରିଲେ । ଏହି ଘଟଣା ପରଠାରୁ ଶିବାଜୀଙ୍କ ଅହଂକାର ସବୁଦିନ ପାଇଁ ଲୋପ ପାଇଯାଇଥିଲା । ଭଗବାନଙ୍କ ନିତ୍ୟାବତାର ସଦ୍‌ଗୁରୁ, ସନ୍ଥ ଶିରୋମଣି ରାମଦାସଙ୍କ ମାଧ୍ୟମରେ ଦୁର୍ଦ୍ଧର୍ଷ ବୀର ଶିବାଜୀ ସର୍ବପାଳନକର୍ତ୍ତା ଭଗବାନଙ୍କ ଅପାର କରୁଣା ହୃଦୟଙ୍ଗମ କରିପାରିଥିଲେ ।

# ଭାରତରତ୍ନ ଡଃ. ଭୂପେନ ହଜାରିକା

•••••••କୈଳାସ ଚନ୍ଦ୍ର ଜେନା, ଆଡ୍‌ଭୋକେଟ୍•••••••

ଅତିଦ୍ୱୟ କଣ୍ଠଶିଳ୍ପୀ, ଚମତ୍କାର ବାଦ୍ୟକାର, ଯଶସ୍ୱୀ ଗୀତି କବି, ଦୁର୍ଜୟ ସଂଗୀତଜ୍ଞ, କୀର୍ତ୍ତନୀୟ ଚଳଚ୍ଚିତ୍ର ନିର୍ମାତା, ଖ୍ୟାତନାମା ଚଳଚ୍ଚିତ୍ର ନିର୍ଦ୍ଦେଶକ, କାଳଜୟୀ ସଂଗୀତ ନିର୍ଦ୍ଦେଶକ, ନମନୀୟ ସାରସ୍ୱତ ସାଧକ, ଛାତ୍ର ବତ୍ସଳ ଶିକ୍ଷାଗୁରୁ, ବିଶ୍ୱପ୍ରେମୀ ଯୁଗ ପୁରୁଷ, ମାନବବାଦୀ ଚିନ୍ତାନାୟକ, ଅହିଂସାର ଶାଶ୍ୱତ ପୂଜାରୀ ଡଃ. ଭୂପେନ ହଜାରିକା ୧୯୨୬ମସିହା ସେପ୍ଟେମ୍ବର ୮ତାରିଖରେ ଆସାମ ଅନ୍ତର୍ଗତ ତିସୁଂଥିଆ ଜିଲ୍ଲାର କ୍ଷୁଦ୍ର ସହରରେ ଏକ ଦଳିତ ଶିକ୍ଷକ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ଦଶ ଜଣ ଭାଇ ଭଉଣୀଙ୍କ ମଧ୍ୟରେ ତାଙ୍କ ପିତା-ମାତାଙ୍କର ସେ ଥିଲେ ଜ୍ୟେଷ୍ଠ ସନ୍ତାନ । ତୁଳସୀ ଦୁଇ ପତ୍ରରୁ ବାସିଲା ପରି ବଡ଼ ହେଲେ ସେ ଜଣେ ବଡ଼ ମଣିଷ ହେବେ ଏହା ତାଙ୍କର ପ୍ରତିଭାଦୀପ୍ତ ଧୀଶକ୍ତିରୁ ପ୍ରାଞ୍ଜଳଭାବରେ ଜାଣି ହେଉଥିଲା । ତାଙ୍କର ପିତା ନୀଳକଣ୍ଠ ହଜାରିକା ତାଙ୍କର ଶିକ୍ଷାଦାତା ଥିବା ସମୟରେ ମାତା ଶାନ୍ତିପ୍ରିୟା ହଜାରିକା ତାଙ୍କର ସଂଗୀତ ଶିକ୍ଷାଦାତ୍ରୀ ରୂପେ କାର୍ଯ୍ୟ କରୁଥିଲେ । ପିତା-ମାତା ଯେ ସନ୍ତାନମାନଙ୍କର ପ୍ରଥମ ଗୁରୁ ଏହା ଏହି ବିସ୍ମୟ ବାଳକଙ୍କ କ୍ଷେତ୍ରରେ ପରିଲକ୍ଷିତ ହୋଇଥିଲା । ନିଜ ସନ୍ତାନମାନଙ୍କୁ ଘୃଣ୍ୟ ଜାତିବାଦରୁ ସୁରକ୍ଷା ଦେବା ନିମିତ୍ତ ତାଙ୍କର ପିତା ଭରାଲୁମୁଖ ଧର୍ମକୁ ଗ୍ରହଣ କରିଥିଲେ । ନିଜ ଶିକ୍ଷକତା ଜୀବନରେ ନୀଳକଣ୍ଠ ନିଜର ପିଲା ଛୁଆଙ୍କୁ ସଂଗରେ ଧରି ଆସାମ ପ୍ରଦେଶର ବିଭିନ୍ନ ସ୍ଥାନରେ ନିଜର କର୍ତ୍ତବ୍ୟ ସମ୍ପାଦନ କରୁଥିଲେ । ଏହି ଚାକିରି ସମୟରେ ସେ ଗୌହାଟୀ, ଡୁବ୍ରୀ ଓ ତେଜପୁର ଇତ୍ୟାଦି ସ୍ଥାନରେ ରହିବା ଦ୍ୱାରା ବାଳୁତ ଭୂପେନ ଗୌହାଟୀର ସୋନାରାମ ଉଚ୍ଚ ବିଦ୍ୟାଳୟ, ଡୁବ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ତେଜପୁର ଉଚ୍ଚ ବିଦ୍ୟାଳୟରେ ନାମ ଲେଖାଇ ପାଠ ପଢ଼ିଥିଲେ । ୧୯୩୫ମସିହାରେ ସେ ତେଜପୁର ଉଚ୍ଚ ବିଦ୍ୟାଳୟରେ ପାଠ ପଢୁଥିବା ସମୟରେ ଆସାମର ପ୍ରତିଷ୍ଠିତ ଗୀତିକାର, ସୁକବି ତଥା ପ୍ରଥମ ଆସାମୀ ଚଳଚ୍ଚିତ୍ର ନିର୍ମାତା ଶ୍ରୀ ଜ୍ୟୋତି ପ୍ରକାଶ ଅଗ୍ରୱାଲା ଏବଂ ଆସାମର ବିପ୍ଳବୀ କବି ତଥା ସୁନାମଧନ୍ୟ ଅଭିନେତା ଶ୍ରୀ ବିଷ୍ଣୁ ପ୍ରସାଦ ରଭାଙ୍କ ସାନିଧ୍ୟ ଲାଭ କରିଥିଲେ । ଗୁଣିଆ ଗୁଣ ଚିହ୍ନିଲା ପରି ଏହି ବାଗ୍ମୀ ଗୁଣୀ ପୁରୁଷ ଦ୍ୱୟ ଭୂପେନଙ୍କ ଅନ୍ତଃର୍ନିହିତ ଗୁଣର କରିଥିଲେ ଉନ୍ମୋଚନ । ବଡ଼ ହେଲେ ସେ ଜଣେ ଅତିଦ୍ୱୟ କଣ୍ଠଶିଳ୍ପୀ ହେବେ ଏହା ସେମାନେ ସଠିକ୍ ଭାବରେ କରିଥିଲେ ଅନୁମାନ ।



ସେହି ୧୯୩୫ ମସିହାରେ ତେଜପୁରଠାରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାପାଇଁ କାର୍ଯ୍ୟସୂଚୀ ସ୍ଥିର ହୋଇଥିଲା । ନିଜ ପୁତ୍ରକୁ ଜଣେ ଦୁର୍ଜୟ ସଂଗୀତଜ୍ଞ ରୂପେ ଗଢ଼ି ତୋଳିବା ପାଇଁ ତାଙ୍କ ମାତାଙ୍କ ମନରେ ଥିଲା ଅସୀମ ଅଭିଳାଷ । ସେଥିପାଇଁ ସ୍ଥିରିକୃତ ହୋଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ ନିମିତ୍ତ ପୁତ୍ର ଭୂପେନକୁ ପ୍ରୋତ୍ସାହିତ କରି ତାଙ୍କ ମାତା ସଂଗୀତର ତାଳ, ମାନ, ଲୟ, ସ୍ୱର ଓ ପରିବେଷଣ ଶୈଳୀ ସମ୍ବନ୍ଧେ ଆବଶ୍ୟକୀୟ ଶିକ୍ଷା ପ୍ରଦାନ କରିଥିଲେ । ମାତା ଶାନ୍ତି ପ୍ରିୟାଙ୍କ ଲାଳନ ପାଳନ ଓ ଅନୁଶାସନରେ ସେ ଆସାମର ପ୍ରତିଷ୍ଠିତ ଦୁଇ ମହାନ କବି ଶ୍ରୀମନ୍ତ ଶଙ୍କର ଦେବ ଓ ଶ୍ରୀ ମାଧବ ଦେବଙ୍କ ଲିଖିତ ଶାସ୍ତ୍ରୀୟ ଭକ୍ତି ସଂଗୀତକୁ କଣ୍ଠସ୍ଥ କରି ଏହି ମହାନ୍ ସାଂସ୍କୃତିକ କାର୍ଯ୍ୟକ୍ରମରେ କଣ୍ଠଦାନ କରିଥିଲେ । ଦଶ ବର୍ଷର ବାଳୁତ ଭୂପେନର ସୁମଧୁର ଲାଳିତ୍ୟ କଣ୍ଠରୁ ଗୀତ ଶୁଣି ସମସ୍ତ ଦର୍ଶକ ମଣ୍ଡଳୀ ହୋଇଯାଇଥିଲେ ସ୍ତବ୍ଧ, ମନ୍ତ୍ରମୁଗ୍ଧ ଓ ଭାବ ବିହ୍ୱଳ । ସମଗ୍ର ସଭାସ୍ଥଳୀରେ ଶୁଣାଯାଉଥିଲା ଭୂପେନର ଜୟ ଜୟକାର । ସମସ୍ତେ ଅଜାଡ଼ି ଦେଇଥିଲେ ଏହି ଦୁଃସାହସୀ ଧୈର୍ଯ୍ୟଶୀଳ ବାଳକ ପାଇଁ ସଦିଚ୍ଛାଭରା ଆଶୀର୍ବାଦ । ଏହା ପର ଠାରୁ ସେ ଆଉ ପଛକୁ ଫେରି ଚାହିଁ ନାହାଁନ୍ତି, ନିଜ ପାଇଁ ସଂଗୀତ ଦୁନିଆଁ ରେ ସୃଷ୍ଟିକରି ଏକ ସ୍ୱତନ୍ତ୍ର ସ୍ଥାନ ଓ ସ୍ୱତନ୍ତ୍ର ପରିଚୟ ।

୧୯୩୬ ମସିହାରେ ସେ ଶ୍ରୀମନ୍ତ ଶଙ୍କର ଦେବ ଓ ଶ୍ରୀ ମାଧବ ଦେବଙ୍କ ସହିତ କଲିକତାର ଔରୋରା ଚଳଚ୍ଚିତ୍ର ଶବ୍ଦ ଅଭିଲିଖନ କାର୍ଯ୍ୟଶାଳାକୁ ଆସି ନିଜର କେତକ ସ୍ୱରକୁ ସ୍ଥାୟୀ ଭାବରେ ଅଭିଲିଖିତ କରାଇଥିଲେ । ଏହା ସିଲନ ବ୍ୟବସାୟିକ ସଂସ୍ଥାର ପ୍ରସ୍ତାବ, ପ୍ରୋତ୍ସାହନ ଓ ସହଯୋଗରେ ଅଭିଲିଖିତ ହୋଇଥିଲା । ଏଠାରେ ସେ କଣ୍ଠଦାନ କରିଥିବା ସଂଗୀତ "ବିଶ୍ୱୋ ବିଜୋଇ ନଉଯୱାନ" ସଂଗୀତ ଉପସ୍ଥିତ ବ୍ୟକ୍ତିବିଶେଷମାନଙ୍କ ଦ୍ୱାରା ବହୁଳଭାବେ ଆଦୃତ ଓ ଉଚ୍ଚ ପ୍ରଶଂସିତ ହୋଇଥିଲା । ଏହା ପରବର୍ତ୍ତି ସମୟରେ ନିଜର ନିରବଚ୍ଛିନ୍ନ ସାଧନା ଦ୍ୱାରା ମାତ୍ର ୧୩ବର୍ଷ ବୟସରେ ଜଣେ ନମନୀୟ ସାରସ୍ୱତ ସାଧକ ରୂପେ "ଅଗ୍ନି ଯୁଗୋଇ ଫିରିଙ୍ଗୋଟି ମୋଇ" ନାମକ ନିଜର ପ୍ରଥମ କବିତା ସେ ରଚନା କରି ଉଦାସ ସମାଜ ମୁଖରେ ଫୁଟାଇ ଥିଲେ ହସ । ଏହି କବିତା ମଧ୍ୟ ତାଙ୍କୁ ଜଣେ ସୁକବି ରୂପେ ପାଠକୀୟ ସ୍ୱୀକୃତି କରିଥିଲା ପ୍ରଦାନ । ନିଜର ଐକାନ୍ତିକ ସାଧନା ଦ୍ୱାରା ସେ ଅନେକ କବିତା, ଜଣାଣ, ଭଜନ, ଗୀତି କବିତା ଓ ଦେଶାତ୍ମବୋଧକ ସଂଗୀତ ରଚନା କରି ଜଣେ କବି ରୂପେ ଏକ ମରୂଳରୁ ଏକ ମହାଦ୍ରୁମରେ ରୂପାନ୍ତରିତ ହୋଇଥିଲେ । ୧୯୩୯ମସିହାରେ ଆସାମୀ ଭାଷାରେ ନିର୍ମିତ "ଇନ୍ଦ୍ରମାଳତୀ" ଚଳଚ୍ଚିତ୍ରରେ କଣ୍ଠଦାନ କରିବା ପାଇଁ ସର୍ବ ପ୍ରଥମେ ସେ ପାଇଥିଲେ ସୁଯୋଗ । ଏହି ଚଳଚ୍ଚିତ୍ରରେ ସୁମଧୁର ସ୍ୱର ଦ୍ୱାରା ବାଦ୍ୟର ତାଳେ ତାଳେ ସେ ସଂଗୀତ ଗାନ କରି ନିଜ ପାଇଁ ଏକ ଅବର୍ଣ୍ଣନୀୟ ପରିଚୟ କରିଥିଲେ ସୃଷ୍ଟି । ନିଷ୍ଠାର ସହିତ ସ୍ୱ ଈଶ୍ୱରଦତ୍ତ କଳାର ସୁବିନିଯୋଗ କରି ନିଜର ମତିସ୍ଥୈର୍ଯ୍ୟ ପ୍ରତିଷ୍ଠା କରିବା ଦ୍ୱାରା ଏହି ଚଳଚ୍ଚିତ୍ର ପରେ ସେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ସଂଗୀତ ପରିବେଷଣ ଏବଂ ବାଦ୍ୟ ବାଦନର ନିର୍ଦ୍ଦେଶନା ଦେଇ ଅସଂଖ୍ୟ କଳା ପ୍ରେମୀ ଜନତାଙ୍କ ହୃଦମ୍ବୁଜରେ ପ୍ରବେଶ କରିବା ସହିତ ସେ ପାଲଟି ଯାଇଥିଲେ ସର୍ବିଙ୍କର ହୃଦୟ ପ୍ରମାଥୀ ।

କର୍ଣ୍ଣ-ବେଣୀ ସଂହାରମ୍‌ରେ ଯେଭଳି ଭାବରେ କହିଥିଲେ, "ଦୈବାୟତଂ କୁଳେ ଜନ୍ମ ମଦାୟତଂ ଚ ପୌରୁଷମ୍"–ଠିକ୍ ସେହିଭଳି ଭାବରେ ଉଚ୍ଚ କୁଳରେ ଜନ୍ମ ନହେଲେ ମଧ୍ୟ ନିଜକୁ ପ୍ରତିଷ୍ଠିତ କରିବା ପାଇଁ ନିରବଚ୍ଛିନ୍ନ ଭାବରେ ସେ ଥିଲେ ଉଦ୍ୟମଶୀଳ । ସ୍ୱ ବିଚାର ବୁଦ୍ଧି ଦ୍ୱାରା ମନକୁ ନିୟନ୍ତ୍ରଣ କରିବା କଳାରେ ସିଦ୍ଧହସ୍ତ ଥାଇ ନିଜ ମାନସିକ ଚାପକୁ ହ୍ରାସ କରିବାରେ ସେ ହୋଇପାରିଥିଲେ ସକ୍ଷମ । ଫଳ ସ୍ୱରୂପ ସଂଗୀତ କଳା ପ୍ରତି ମନରେ ଥିବା ନିଶା ତାଙ୍କୁ ଅଧିକ ପଢ଼ିବା ପାଇଁ ମନରେ ଥିବା ଆଶା ପଥରୁ ପଥଚ୍ୟୁତ କରି ପାରିନଥିଲା । ସଂଗୀତ ସାଧନା ଓ ସାରସ୍ୱତ ସୃଷ୍ଟି ସହିତ ଏକତ୍ର ନିଜର ପାଠ ପଢ଼ା ଜାରିରଖି ସେ ୧୯୪୦ମସିହାରେ ତେଜପୁର ଉଚ୍ଚ ବିଦ୍ୟାଳୟରୁ ପ୍ରବେଶିକା ପରୀକ୍ଷାରେ କୃତିତ୍ୱର ସହିତ ହୋଇଥିଲେ ଉତ୍ତୀର୍ଣ୍ଣ । ଏହା ପରେ ସେ ଅଧିକ ପଢ଼ିବା ପାଇଁ କଟନ ମହାବିଦ୍ୟାଳୟରେ ପ୍ରବେଶ କରିଥିଲେ । ଏହି ମହାବିଦ୍ୟାଳୟରୁ ୧୯୪୨ମସିହାରେ କଳାରେ ନିଜର ମଧ୍ୟବର୍ତ୍ତି (ଆଇ.ଏ.) ଶିକ୍ଷା ସମାପ୍ତ କରି ୧୯୪୪ମସିହାରେ ହାସଲ କରିଥିଲେ ନିଜର ସ୍ନାତକ ଉପାଧି । ସ୍ୱୀୟ ସଂକଳ୍ପ ଓ ଗଭୀର ଆତ୍ମବିଶ୍ୱାସ ଦ୍ୱାରା ପାଠ ପଢ଼ାରେ ନିମ୍ନଜିତ ହୋଇ ୧୯୪୬ମସିହାରେ ସେ ବନାରସ ହିନ୍ଦୁ ବିଶ୍ୱ ବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ନିଜର ସ୍ନାତକୋତ୍ତର ଉପାଧି କରିଥିଲେ ହାସଲ । ଏହା ପରବର୍ତ୍ତି ସମୟରେ ସେ ୧୯୪୯ମସିହା ପର୍ଯ୍ୟନ୍ତ ଗୌହାଟୀ ବେତାର କେନ୍ଦ୍ରରେ ଚାକିରି କରି ନିଜର କଳାକୃତି ଓ କାର୍ଯ୍ୟ ଦକ୍ଷତା ଦ୍ୱାରା ବିପର୍ଯ୍ୟସ୍ତ ମାନବ ସମାଜରେ ହସରଡ଼େଇ ସୃଷ୍ଟି କରିବାରେ ହୋଇଥିଲେ ସଫଳ । ଏହି ଚାକିରି ସମୟରେ ସେ "ସିରାଜ" ଚଳଚ୍ଚିତ୍ରରେ ସଂଗୀତ ଗାନ କରି ବହୁ ଖ୍ୟାତନାମା ଚଳଚ୍ଚିତ୍ର ପ୍ରଯୋଜକଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ ।

୧୯୪୯ମସିହାରେ ସେ ବେତାର କେନ୍ଦ୍ର ଚାକିରିରୁ ଇସ୍ତଫା ପ୍ରଦାନ କରି ଶିକ୍ଷା କ୍ଷେତ୍ରରେ ଗବେଷଣା କରିବା ନିମିତ୍ତ ନ୍ୟୁୟର୍କ ଯାତ୍ରା କରିଥିଲେ । କଲମ୍ବିଆ ବିଶ୍ୱ ବିଦ୍ୟାଳୟରେ ନିଜର ଗବେଷଣା କାର୍ଯ୍ୟ ଚାଲୁ ରଖିଥିବା ସମୟରେ ପ୍ରିୟମ୍ବଦା ପଟେଲ ନାମ୍ନୀ ମହିଳାଙ୍କ ସହିତ ତାଙ୍କର ସାକ୍ଷାତ ହୋଇଥିଲେ । ଏହି ସାକ୍ଷାତ ପ୍ରେମର ରୂପ ନେବା ଦ୍ୱାରା ୧୯୫୦ମସିହାରେ ସେ ପ୍ରିୟମ୍ବଦାଙ୍କୁ ନିଜର ଧର୍ମପତ୍ନୀ ରୂପେ ସାମାଜିକ ସ୍ୱୀକୃତି ପ୍ରଦାନ କରିଥିଲେ । ସୁଖମୟ ଦାମ୍ପତ୍ୟ ଜୀବନରେ ପ୍ରେମର ସ୍ମାରକୀ ରୂପେ ୧୯୫୨ମସିହାରେ ପୁତ୍ର ତେଜ୍ ହଜାରିକା ଜନ୍ମ ଲାଭ କରି ତାଙ୍କୁ ପିତୃତ୍ୱର ଗୌରବରେ କରିଥିଲେ ମହିମା ମଣ୍ଡିତ । ମାତ୍ର ଏହି ପିତୃତ୍ୱର ଗୌରବ ତାଙ୍କ ଗବେଷଣା କାର୍ଯ୍ୟରେ ସୃଷ୍ଟି କରିପାରିନଥିଲା କୌଣସି ପ୍ରକାର ପ୍ରତିବନ୍ଧକ । ସେ "ସାବାଳକ ଶିକ୍ଷାରେ ଦୃଶ୍ୟ-ଶ୍ରାବ୍ୟ ବୈଷୟିକ ଜ୍ଞାନ କୌଶଳର ପ୍ରୟୋଗ ନିମିତ୍ତ ଭାରତୀୟ ମୌଳିକ ଶିକ୍ଷାର ପ୍ରସ୍ତୁତି ପାଇଁ ପ୍ରସ୍ତାବ" ଉପରେ ନିଜ ଗବେଷଣା ସନ୍ଦର୍ଭ ପ୍ରସ୍ତୁତ କରି ୧୯୫୩ ମସିହାରେ ଗଣ ଯୋଗାଯୋଗରେ କଲମ୍ବିଆ ବିଶ୍ୱବିଦ୍ୟାଳୟରୁ ହାସଲ କରିଥିଲେ ନିଜର ପିଏଚ.ଡି. ଉପାଧି । ଏହି ଗବେଷଣା କାର୍ଯ୍ୟ କରୁଥିବା ସମୟରେ ଆମେରିକାର ଯଶସ୍ୱୀ କବି ଓ ସମାଜସେବୀ ପଲ୍ ରବସନଙ୍କ ସହିତ ତାଙ୍କର ସାକ୍ଷାତ ହୋଇଥିଲା । ଏହି ସାକ୍ଷାତ ଦ୍ୱାରା ଭୂପେନ ସଂଗୀତ କଳା ସମ୍ବନ୍ଧରେ ବହୁ ନୂଆ ନୂଆ କଥା ଓ ନୂଆ ନୂଆ ତଥ୍ୟ ଜାଣି ପାରିଥିଲେ ।

ଦେଶ ସ୍ୱାଧୀନ ହେବା ପରେ ୧୯୫୧-୫୨ ମସିହାରେ ଆମ ଦେଶରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇ ଗଣତନ୍ତ୍ର ଶାସନ ପ୍ରତିଷ୍ଠା ହେଲା । ଦେଶକୁ କାୟମନୋବାକ୍ୟରେ ଭଲ ପାଉଥିବା ଏହି କର୍ମଯୋଗୀ ଆତ୍ମବିଭୋର ହୋଇ ୧୯୫୩ ମସିହାରେ ଫେରିଆସିଥିଲେ ନିଜର ଜନ୍ମ ମାଟିକୁ । ନିଜ ଉଚ୍ଚଶିକ୍ଷା ଓ ଗବେଷଣା ଲବ୍ଧ ଜ୍ଞାନର ସୁବିନିଯୋଗ ନିମିତ୍ତ ଗୌହାଟୀ ବିଶ୍ୱ ବିଦ୍ୟାଳୟରେ ଜଣେ ଅଧ୍ୟାପକ ରୂପେ ସେ ଆରମ୍ଭ କରିଥିଲ ଏକ ନୂତନ କର୍ମମୟ ଜୀବନ । ଅଧ୍ୟାପନା ସମୟରେ ନିଜର ଆଚାର, ବିଚାର ଓ ଉତ୍ତମ ମିଷ୍ଟଭାଷୀ ବ୍ୟବହାର ଦ୍ୱାରା ସେ ନିଜ ସହକର୍ମୀ, କର୍ମଚାରୀ ଓ ଛାତ୍ର-ଛାତ୍ରୀମାନଙ୍କ ପାଇଁ ପାଲଟି ଯାଇଥିଲେ ଏକ ଆଦର୍ଶ ବ୍ୟକ୍ତିତ୍ୱ । ଶ୍ରଦ୍ଧା, ଆତ୍ମୀୟତା ଓ ବହୁ ଆଗ୍ରହ ସହିତ ନିଜର ସ୍ୱତନ୍ତ୍ର ଶୈଳୀରେ ଅନୁଷ୍ଠାନର ଛାତ୍ର-ଛାତ୍ରୀମାନଙ୍କୁ ଶିକ୍ଷାଦାନ କରି ଜଣେ ଛାତ୍ରବତ୍ସଳ ଶିକ୍ଷାଗୁରୁ ରୂପେ ସେ ପାଇଥିଲେ ଗଣମାନ୍ୟତା ।

ନିଜର ଶିକ୍ଷାଦାନ କର୍ତ୍ତବ୍ୟ ସମ୍ପାଦନ ସହିତ ଜଣେ ଜ୍ଞାନପିପାସୁ ବ୍ୟକ୍ତି ରୂପେ ଅନେକ ସଂଗୀତ ଶାସ୍ତ୍ର ଅଧ୍ୟୟନ କରି ସେ ଆହରଣ କରିଥିଲେ କଳ୍ପନାତୀତ ଜ୍ଞାନ । ସଂଗୀତ ପ୍ରାଣୀ ଜଗତ ନିମିତ୍ତ ଏକ ମହୋଷଧି ଏହା ଭଲ ଭାବରେ ତାଙ୍କୁ ଜଣାଥିଲା । ସେ ମଧ୍ୟ ବୁଝିଥିଲେ ସଂଗୀତର ଧ୍ୱନୀ ମାନବର ଶାରିରୀକ ପ୍ରକିୟା, ଭାବାବେଗ ଓ ଅତିନ୍ଦ୍ରିୟ ଚେତନାକୁ କରିଥାଏ ଉଦ୍‌ବୁଦ୍ଧ । ମଣିଷର ବାମ ମସ୍ତିଷ୍କ ବାକ୍ ଶକ୍ତିକୁ ନିୟନ୍ତ୍ରଣ କରୁଥିବା ବେଳେ ଡାହାଣ ମସ୍ତିଷ୍କ ସଂଗୀତ ଗାନକୁ କରିଥାଏ ନିୟନ୍ତ୍ରଣ, ଏହା ତାଙ୍କୁ ଜ୍ଞାତ ଥିଲା । ରକ୍ତ ଚାପ ରୋଗୀପାଇଁ "ଆନନ୍ଦ ଭୈରବୀ", ଅଶାନ୍ତ ମାନସିକ ରୋଗୀ ପାଇଁ "ଶଙ୍କରାଭରଣ" ଏବଂ ମୂର୍ଚ୍ଛାଗ୍ରସ୍ତ ବ୍ୟକ୍ତି ପାଇଁ "ଭୈରବୀ" ରାଗର ସଂଗୀତ ଏକ ମହୋଷଧୀ, ଏହି ମତବାଦର ସେ କେବେ କରି ନାହାନ୍ତି ବିରୋଧାଭାଷ । ଏହା ବ୍ୟତିରେକେ "ନୀଳାମ୍ବରୀ" ରାଗର ସଂଗୀତ ଅନିଦ୍ର ରୋଗୀକୁ ରୋଗମୁକ୍ତ କରୁଥିବାବେଳେ "ଅମୃତ ବର୍ଷିଣୀ" ଏବଂ "ମେଘ ମହ୍ଲାର" ରାଗର ସଂଗୀତ ଅସମୟରେ ବର୍ଷା ସୃଷ୍ଟି କରିପାରେ ବୋଲି ସେ ଜାଣିଥିଲେ । ସଂଗୀତ ମଧ୍ୟ ନାଡ଼ିର ସ୍ପନ୍ଦନ ଓ ଶ୍ୱାସକ୍ରିୟାକୁ ସଠିକ ମାର୍ଗରେ ପରିଚାଳିତ କରି ରୋଗ ପ୍ରତିରୋଧକ ଶକ୍ତିକୁ କରିଥାଏ ବଳଶାଳୀ ଏହା ତାଙ୍କୁ ଅଜ୍ଞାତ ନଥିଲା । ସେଥିପାଇଁ ଜଣେ ମାନବବାଦୀ ଚିନ୍ତାନାୟକ ରୂପେ ମାନବ କଲ୍ୟାଣ ନିମିତ୍ତ ଅଧ୍ୟାପନା କାର୍ଯ୍ୟରୁ ଇସ୍ତଫା ପ୍ରଦାନ କରି ସଂଗୀତ କଳାର ବ୍ୟାପକ ପ୍ରଚାର ପ୍ରସାର ନିମିତ୍ତ ସେ ନିଜକୁ ଉତ୍ସର୍ଗୀକୃତ କରିଥିଲେ । ଏହାପରେ ଚଳଚ୍ଚିତ୍ର ଜଗତରେ ଜଣେ ପ୍ରତିଷ୍ଠିତ ସଂଗୀତଜ୍ଞ ହେବା ଲକ୍ଷରେ ସେ କଲିକତା ଯାତ୍ରା କଲେ । ବ୍ରହ୍ମପୁତ୍ରର କବି ତଥା ସୁଧାକଣ୍ଠ ନାମରେ ପରିଚିତ ଏହି ବିଶାଳ ବ୍ୟକ୍ତିତ୍ୱଙ୍କୁ ସମସ୍ତେ ଭୂପେନ ଦା କହି ସମ୍ବୋଧନ କରନ୍ତି । ଅହମିଆ ଭାଷାର କବି ହୋଇ ମଧ୍ୟ ନିଜ ସଂଗୀତର ଯାଦୁରେ ସେ ସମଗ୍ର ଭାରତ ବର୍ଷକୁ ଗୋଟିଏ ସୂତାରେ ବାନ୍ଧି ରଖି ପାରିଥିଲେ । ଆସାମର ପ୍ରତି ଘରେ ଘରେ ତାଙ୍କ ସଂଗୀତର ଧ୍ୱନି ସୃଷ୍ଟି କରୁଥିଲା ଗୁଞ୍ଜରଣ । ତାଙ୍କ ସଂଗୀତ ଯେ ଶ୍ରବଣ କରିଛି ନିଶ୍ଚିତ ଭାବରେ କିଛି କ୍ଷଣ ପାଇଁ ଆବୃତ କରିଥାଏ । ତାଙ୍କ ରଚିତ ସଂଗୀତରେ ସେ ନିଜର ଭାବନା ସହିତ ଯୋଡ଼ି ଦେଉଥିଲେ ହୃଦୟକୁ । ଜଣେ ମାନବବାଦୀ ଚିନ୍ତା ନାୟକ ରୂପେ ମଣିଷର ଜୀବନ ଓ ଚାଲି ଚଳଣିକୁ ନେଇ ସେ ଲେଖୁଥିଲେ କବିତା । ସମଗ୍ର ବିଶ୍ୱକୁ ସେ ଗୋଟିଏ ପରିବାର ଓ ପ୍ରତ୍ୟେକ ମଣିଷ ନିଜେ ଜଣେ



ବିଶ୍ୱ ଏହା ସେ କରିଥିଲେ ହୃଦୟଙ୍ଗମ । ସ୍ୱତନ୍ତ୍ର ସ୍ୱାଦ ଓ ଶୈଳୀରେ ଲିଖିତ ତାଙ୍କ କବିତାରେ ଭରି ରହିଥିଲା ସମାଜ ପାଇଁ ଶାନ୍ତି, ମୈତ୍ରୀ ଓ ଭାତୃତ୍ୱର ବାର୍ତ୍ତା । ତାଙ୍କ ରଚିତ ସମସ୍ତ କବିତା ହିନ୍ଦୀ ଓ ବଙ୍ଗଳା ଭାଷାରେ ବହୁଳ ଭାବରେ ଅନୁବାଦ ହୋଇଅଛି । "ସମଗ୍ର ବିଶ୍ୱ ହେଉଛି ମୋ'ଘର, ମାନବିକତା ହେଉଛି ମୋ' ସତ୍ୱ", ଏହା ଥିଲା ତାଙ୍କର ସ୍ୱୀକାରୋକ୍ତି ।

ଆସାମର ମାତୃଭାଷା ଅହମିଆ ଭାଷା ହେଲେ ମଧ୍ୟ ବଙ୍ଗଳା ଭାଷାର ଲିପିରେ ଏହି ଭାଷା ଲେଖାଯାଉଥିଲା । ଏହା ବଙ୍ଗାଳୀମାନଙ୍କର ଏକ ଷଡ଼ଯନ୍ତ୍ର ଭାବି ଆସାମର ଜନସାଧାରଣ ଆରମ୍ଭ କରିଥିଲେ ଏକ ଆନ୍ଦୋଳନ । ଫଳ ସ୍ୱରୂପ ବଙ୍ଗଳା ଏବଂ ଆସାମ ପ୍ରଦେଶ ମଧ୍ୟରେ ତିକ୍ତତା ଚରମସୀମାରେ ପହଞ୍ଚି ଉଭୟ ରାଜ୍ୟର ଯୁବ ଗୋଷ୍ଠୀ ଓ ଛାତ୍ର ଗୋଷ୍ଠୀଙ୍କ ହିଂସାତ୍ମକ କାର୍ଯ୍ୟ କଳାପରେ ବହୁ ଧନ ଜୀବନ ନଷ୍ଟ ହେଲା । ଅହିଂସାର ଏହି ଶାଶ୍ୱତ ପୂଜାରୀ ୧୯୬୦ମସିହାରେ ପଶ୍ଚିମ ବଙ୍ଗର ଲୋକପ୍ରିୟ କଣ୍ଠଶିଳ୍ପୀ ହେମାଙ୍ଗ ବିଶ୍ୱାସକୁ ସାଥିରେ ଧରି ଉଭୟ ପ୍ରଦେଶରେ ଅହିଂସା, ଶାନ୍ତି ଓ ଭାତୃତ୍ୱ ଭାବ ପ୍ରତିଷ୍ଠା ପାଇଁ ବିଭିନ୍ନ ସ୍ଥାନ ଯାତ୍ରା କରିଥିଲେ । ତାଙ୍କର ଏହି ଶାନ୍ତି ଯାତ୍ରା ସମୟରେ ସେ ଅନେକ ସ୍ଥାନରେ ମାଡ଼ ଗାଳି ଖାଇବା ସହିତ ଅପମାନିତ ହୋଇ ସର୍ବ ଶେଷରେ ଉଭୟ ରାଜ୍ୟରେ ମୈତ୍ରୀ ଭାବ ପ୍ରତିଷ୍ଠା କରିବାରେ ହୋଇଥିଲେ ସଫଳ । ତାଙ୍କର ଏହି ଆନ୍ତରିକ ଉଦ୍ୟମ ତାଙ୍କୁ ଜଣେ ଶାନ୍ତିର ଅଗ୍ରଦୂତ ରୂପେ ଜନମାନସରେ ପରିଚିତ କରାଇଥିଲା । ଜଣେ ଦୁର୍ଜୟ ସଂଗୀତଜ୍ଞ ରୂପେ ଏହି କାଳଜୟୀ ସଂଗୀତ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶନା ଓ କଣ୍ଠଦାନରେ ସିରାଜ, ପୀଠଲି ଫୁକନ, ମୁହତ ବନ୍ଧୁରେ, ଶକୁନ୍ତଳା, ପ୍ରତିଧ୍ୱନୀ ଓ ଲୋଟି ଘୋଟି ଇତ୍ୟାଦି ଅନେକ ଚଳଚ୍ଚିତ୍ର ନିର୍ମାଣ କରାଯାଇଥିଲା । ସେ ମଧ୍ୟରୁ ୧୯୬୧ ମସିହାରେ "ଶକୁନ୍ତଳା", ୧୯୬୪ ମସିହାରେ "ପ୍ରତିଧ୍ୱନୀ" ଏବଂ ୧୯୬୭ ମସିହାରେ "ଲୋଟି ଘୋଟି" ଚଳଚ୍ଚିତ୍ର ପାଇଁ ଶ୍ରେଷ୍ଠ ସଂଗୀତ ନିର୍ଦ୍ଦେଶକ ରୂପେ ରାଷ୍ଟ୍ରପତିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ ।

ଧର୍ମନିରପେକ୍ଷ ନୀତି ଓ ଆଦର୍ଶର ସେ ଥିଲେ ଜଣେ ମହାନ୍ ପ୍ରବକ୍ତା । ଜାତିବାଦ ଓ ଧର୍ମବାଦକୁ ନେଇ ସମାଜରେ ଚାଲିଥିବା ସ୍ପୃଶ୍ୟ-ଅସ୍ପୃଶ୍ୟର ଘୃଣ୍ୟ ପୈଶାଚିକ ସଂକୀର୍ଣ୍ଣତାର ସେ ଥିଲେ ଘୋର ବିରୋଧୀ । ସେହି କାରଣ ପାଇଁ ଆମ ସମାଜରେ ସଂସ୍କାର ଆଣିବା ଲକ୍ଷ୍ୟରେ ୧୯୬୭ ମସିହାରେ ଜଣେ ସ୍ୱାଧୀନ ପ୍ରାର୍ଥୀ ରୂପେ ସେ ଆସାମ ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରି ବିପୁଳ ମତଦାନରେ ଉଡ଼ାଇଥିଲେ ନିଜର ବିଜୟ ଧ୍ୱଜା । ଜଣେ ଦକ୍ଷ ବିଧାୟକ ରୂପେ ସେ ବିଧାନସଭା ଭିତରେ ଓ ବାହାରେ ନିଜର ଓଜସ୍ୱିନୀ ବକ୍ତବ୍ୟ, ଦୁର୍ନୀତି ବିରୋଧୀ ଚିନ୍ତାଧାରା ଓ ଜନକଲ୍ୟାଣ ନିମିତ୍ତ ସମର୍ପିତ ଭାବନାରେ କାର୍ଯ୍ୟକରି ଅଜସ୍ର ଖ୍ୟାତି ଅର୍ଜନ କରିଥିଲେ । ସର୍ବଦା ଜନତାଙ୍କ ସୁଖ, ଶାନ୍ତି ଓ ମଙ୍ଗଳ କାମନା କରୁଥିବା ଏହି ଅହଂକାରଶୂନ୍ୟ ରାଜନେତା ସାଧାରଣ ଜନତାଙ୍କୁ ନିଜର ପ୍ରଭୁ ଓ ମାଲିକ ରୂପେ ବିଚାର କରି ସେମାନଙ୍କୁ ଦେଉଥିଲେ ସମ୍ମାନ । ଅନେକ ରସପୂର୍ଣ୍ଣ ଗୀତି କବିତା ରଚନା କରି ଜଣେ ଯଶସ୍ୱୀ ଗୀତିକବି ରୂପେ ସେ ସାହିତ୍ୟ ଜଗତରେ ହୋଇଥିଲେ ପରିଚିତ । ଜଣେ ଚମତ୍କାର ବାଦ୍ୟକାର ରୂପେ ସେ ଅନେକ ଚଳଚ୍ଚିତ୍ରରେ ଦେଇଛନ୍ତି ଚମତ୍‌ପ୍ରଦ ବାଦ୍ୟ ନିର୍ଦ୍ଦେଶନା । ଚଳଚ୍ଚିତ୍ର ଜଗତରେ ମଜ୍ଜିରହି ଜଣେ ପ୍ରଚ୍ଛଦପଟ୍ଟ କଣ୍ଠଶିଳ୍ପୀ ଓ ସଂଗୀତ ନିର୍ଦ୍ଦେଶକ ରୂପେ ଜୀବନ ବ୍ୟାପି ଅନେକ ଚଳଚ୍ଚିତ୍ରରେ ସେ କରିଛନ୍ତି କାମ । ପୁଷ୍ପଲିହ ପରାୟ ସେ ପୁଷ୍ପରଜଃ ସଂଗ୍ରହକରି ଚଳଚ୍ଚିତ୍ର ଜଗତର ସମୃଦ୍ଧି ପାଇଁ ସଞ୍ଚୟ କରିଯାଇଛନ୍ତି ପୁଷ୍ପରସର ଭଣ୍ଡାର । ୧୯୮୬ମସିହାରେ ନିଜ ଜୀବନକୁ ନେଇ "ମୋର ଏତି ଯାଯାବର" ନାମରେ ଏକ ଚଳଚ୍ଚିତ୍ର ନିର୍ମାଣ କରି ଜଣେ କୀର୍ତ୍ତନୀୟ ଚଳଚ୍ଚିତ୍ର ନିର୍ମାତା ରୂପେ ସେ ଜନ ମାନସରେ ସମ୍ମାନିତ ହୋଇଥିଲେ । ଏହି ମର୍ତ୍ତ୍ୟ ଗନ୍ଧର୍ବରାଜଙ୍କ ଗନ୍ଧର୍ବୋନ୍ମାଦ ତାନରେ କଳାପ୍ରେମୀ ବ୍ୟକ୍ତିବିଶେଷମାନେ ପାଗଳ ପରାୟ ଆତ୍ମବିଭୋର ହୋଇ ତାଙ୍କର ସାନିଧ୍ୟ ପାଇବା ପାଇଁ କରୁଥିଲେ ପ୍ରତିଯୋଗିତା । ନିଜର ପ୍ରତିଭାଦ୍ୱାରା ସେ ଦାଦା ସାହେବ ଫାଲ୍‌କେ ପୁରସ୍କାର, ସଂଗୀତ ନାଟକ ଅକାଦେମୀ ପୁରସ୍କାର ଓ ଜାପାନ ଠାରେ ଅନୁଷ୍ଠିତ ଅନ୍ତଃର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ଶ୍ରେଷ୍ଠ ସଂଗୀତଜ୍ଞ ପୁରସ୍କାର ପାଇ କଳା ଓ କଳାକାରମାନଙ୍କର ସାମାଜିକ ମାର୍ଯ୍ୟାଦା କରିଛନ୍ତି ବୃଦ୍ଧି । ଚଳଚ୍ଚିତ୍ର ନିର୍ମାଣରେ ଆଦିବାସୀ ସଂସ୍କୃତିର ସୁରକ୍ଷା ପାଇଁ କାମ କରି ସେ ଅରୁଣାଚଳ ପ୍ରଦେଶ ସରକାରଙ୍କ ଦ୍ୱାରା ସ୍ୱର୍ଣ୍ଣପଦକରେ ପୁରସ୍କୃତ ହୋଇଛନ୍ତି । ଜଣେ ନମନୀୟ ସାରସ୍ୱତ ସାଧକ ରୂପେ ତାଙ୍କ ସୃଷ୍ଟି ଓ କୃତିର ସଠିକ ମୂଲ୍ୟାୟନ କରି ତେଜପୁର ବିଶ୍ୱ ବିଦ୍ୟାଳୟ ତାଙ୍କୁ ୨୦୦୧ମସିହାରେ ସମ୍ମାନ ସୂଚକ ଡକ୍ଟରେଟ୍ ଡିଗ୍ରୀରେ କରିଥିଲା ଅଳଙ୍କୃତ । ଅହେତୁକ ଭାବରେ ସ୍ନେହ, ଶ୍ରଦ୍ଧା ଓ ସମ୍ମାନ ଏହି ବନ୍ଦନୀୟ ଯୁଗପୁରୁଷଙ୍କର ପୁନଃ ପୁନଃ ପଶ୍ଚାଧାବନ କରୁଥିଲା । ୧୯୭୭ମସିହାରେ ପଦ୍ମଶ୍ରୀ ଏବଂ ୨୦୦୧ମସିହାରେ ପଦ୍ମଭୂଷଣ ସମ୍ମାନରେ ଭାରତ ସରକାରଙ୍କର ଦ୍ୱାରା ସେ ସମ୍ବର୍ଦ୍ଧିତ ଓ ସମ୍ମାନିତ ହୋଇଥିଲେ ।

୧୯୯୩ ମସିହାରେ ସେ ଆସାମ ସାହିତ୍ୟ ସଭାର ସଭାପତି ଦାୟିତ୍ୱ ବହନ କରି ସାହିତ୍ୟର ବିକାଶ ନିମିତ୍ତ ଦୃଢ଼ ପଦକ୍ଷେପ ଗ୍ରହଣ କରିଥିଲେ । ୧୯୯୯ରୁ ୨୦୦୪ ପର୍ଯ୍ୟନ୍ତ ସଂଗୀତ ନାଟକ ଅକାଦେମୀର ଅଧ୍ୟକ୍ଷ ରହି ନିଜର ପ୍ରଶାସନିକ ଦକ୍ଷତାଦ୍ୱାରା କଳାଶିଳ୍ପ ଜଗତରେ ଅନେକ ସଂସ୍କାର ଆଣିବାରେ ସେ ହୋଇଥିଲେ ସଫଳ । ୨୦୦୩ମସିହାରୁ ସେ ଅନେକ ସମୟ ପ୍ରସାର ଭାରତୀ ପରିଚାଳନା ପରିଷଦର ସଦସ୍ୟ ରହି ଏହି ସଂସ୍ଥାର ଉନ୍ନତି କଳ୍ପେ ଅନେକ ଦୂରଦୃଷ୍ଟି ରଖି ବହୁ କାର୍ଯ୍ୟ କରିଛନ୍ତି । ନିଜର ଦକ୍ଷତା ବଳରେ ୨୦୦୮ମସିହାରେ ସେ ସଂଗୀତ ନାଟକ ଅକାଦେମୀର ଫେଲୋସିପ୍ ପାଇ ତାଙ୍କ ପ୍ରିୟଜନମାନଙ୍କ ମୁଖରେ ଫୁଟାଇ ପାରିଥିଲେ ହସ । ୨୦୦୯ ମସିହାରେ ସେ "ଆସାମ ରତ୍ନ" ସମ୍ମାନରେ ଅଳଙ୍କୃତ ହେବା ସହ ୨୦୧୧ ମସିହାରେ ବାଙ୍ଗଲା ଦେଶ ସରକାରଙ୍କ ଦ୍ୱାରା "ମୁକ୍ତି ଯୋଦ୍ଧା" ଉପାଧିରେ ବିମଣ୍ଡିତ ହୋଇଥିଲେ । ଆସାମ ସାହିତ୍ୟ ସଭା ଏହି ବିଶ୍ୱପ୍ରେମୀ ଯୁଗପୁରୁଷଙ୍କ ବିଶ୍ୱପ୍ରେମ ଓ ଗାମ୍ଭୀର୍ଯ୍ୟପୂର୍ଣ୍ଣ ବାଗ୍ମୀତାରେ ବିମୋହିତ ହୋଇ "ବିଶ୍ୱରତ୍ନ" ଉପାଧିରେ ତାଙ୍କୁ କରିଅଛି ସୁବିଦିତ ।

ପ୍ରଶଂସା ଓ ଯଶର ଅତଳର ସମୁଦ୍ର ଗର୍ଭରେ ଦକ୍ଷତାର ସହିତ ସନ୍ତରଣ କରୁଥିବା ଏହି ଦକ୍ଷ ସନ୍ତରଣକାରୀ ଆମର ଏହି ମରଲୋକକୁ ପରିତ୍ୟାଗ କରି ତା୦୫.୧୧.୨୦୧୧ରିଖରେ ପାଲଟି ଯାଇଥିଲେ ଅମର ପଥର ଯାତ୍ରୀ । ତାଙ୍କ ଅବର୍ତ୍ତମାନରେ ସମଗ୍ର ଭାରତବର୍ଷ ଓ ଅନେକ ବିଦେଶ ରାଷ୍ଟ୍ରରେ ସୃଷ୍ଟି ହୋଇଥିଲା ଲୋତକର ବନ୍ୟା । ଏହି କୀର୍ତ୍ତନୀୟ ବ୍ୟକ୍ତିଙ୍କ କୀର୍ତ୍ତି ଓ କୃତିକୁ ବିଚାର କରି ଆମ ରାଷ୍ଟ୍ର ସରକାର ତାଙ୍କୁ ୨୦୧୨ ମସିହାରେ ମରଣୋତ୍ତର "ପଦ୍ମ ବିଭୂଷଣ" ସମ୍ମାନରେ ସମ୍ମାନିତ କରିଥିଲେ । ଏତଦ୍‌ଭିନ୍ନ ଭାରତ ସରକାର ତାଙ୍କ ନାମରେ ଅନେକ ଅନୁଷ୍ଠାନକୁ ନାମିତ କରିବା ସହ ୨୦୧୩ ଓ ୨୦୧୬ ମସିହାରେ ତାଙ୍କ ସମ୍ମାନାର୍ଥେ ଦୁଇଗୋଟି ଡାକ ଟିକେଟ ପ୍ରଚଳନ କରିଛନ୍ତି । ଭାରତର ସର୍ବଶ୍ରେଷ୍ଠ ବେସାମରିକ ସମ୍ମାନ "ଭାରତ ରତ୍ନ" ସମ୍ମାନର ସୁରକ୍ଷା ଲକ୍ଷ୍ୟରେ ଆମ ରାଷ୍ଟ୍ର ସରକାର ୨୦୧୯ମସିହାରେ ତାଙ୍କୁ ମରଣୋତ୍ତର "ଭାରତ ରତ୍ନ" ସମ୍ମାନ ପ୍ରଦାନ କରି ସମଗ୍ର ଭାରତୀୟଙ୍କ ମୁଖରେ ଫୁଟାଇଛନ୍ତି ହସ । ଆସ, ଆଜି ଏହି ମହାନ୍ ବ୍ୟକ୍ତିଙ୍କ ମହାପ୍ରୟାଣ ଦିବସରେ ତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇ ତାଙ୍କ ପରି ଜଣେ ଦେଶପ୍ରେମୀ ହେବା ପାଇଁ ଆମ୍ଭେ ଯତ୍ନଶୀଳ ହେବା !

*–ସଭାପତି, ବଡ଼ାମ୍ବା ଓକିଲ ସଂଘ, ବଡ଼ାମ୍ବା, ଜି-କଟକ, ଦୂରଭାଷ– ୯୯୩୮୫୪୭୮୫୯, e-Mail ID:- kcj1454@gmail.com*




# କୃଷି ଉତ୍ପାଦନ ବୃଦ୍ଧିରେ ପ୍ରାମାଣିକ ବିହନର ଆବଶ୍ୟକତା



ଭୁବନେଶ୍ୱର (ପିଏନ୍): ଆମ ରାଜ୍ୟ ଏକ କୃଷିପ୍ରଧାନ ରାଜ୍ୟ। ରାଜ୍ୟର ଶତକଡ଼ା ୮୫ଭାଗ ଲୋକ କୃଷି ଉପରେ ନିର୍ଭର କରିଥାନ୍ତି। କୃଷିର ଉନ୍ନତି ଉପରେ ରାଜ୍ୟର ଅର୍ଥନୈତିକ ବିକାଶ ନିର୍ଭରଶୀଳ। ଆମ ରାଜ୍ୟରେ ଆଞ୍ଚଳିକ ଭିତ୍ତିରେ କୃଷି ଜଳବାୟୁ ଅନୁଯାୟୀ ବିଭିନ୍ନ ପ୍ରକାରର ଫସଲ ଚାଷ କରାଯାଇଥାଏ। ଆମ ରାଜ୍ୟରେ ଧାନ, ଗହମ, ମକା, ବାଜରା, ମୁଗ, ବିରି, ହରଡ଼ ପ୍ରଭୃତି ଡ଼ାଲି ଜାତୀୟ ଫସଲ ଚାଷ କରାଯାଉଅଛି। ସେହିପରି ତୈଳବୀଜ ଫସଲ ଚିନାବାଦାମ, ରାଶି, ସୋରିଷ, ସୂର୍ଯ୍ୟମୁଖୀ, ଅଳସୀ, ଜଡ଼ା ଏବଂ ତନ୍ତୁ ଜାତୀୟ ଫସଲ କପା, ଝୋଟ ଏବଂ ଉଦ୍ୟାନ କୃଷି ଫସଲ ଫଳ, ପନିପରିବା ଚାଷ କରାଯାଇଥାଏ। ବିଭିନ୍ନ ଫସଲର ଉତ୍ପାଦନ ବୃଦ୍ଧି ଦିଗରେ ଉନ୍ନତ ପ୍ରାମାଣିକ ବିହନର ସର୍ବପ୍ରଥମ ଆବଶ୍ୟକତା ରହିଛି। ଆମ ରାଜ୍ୟରେ ଅଧିକାଂଶ ଫସଲର ଉତ୍ପାଦକତା ଜାତୀୟ ହାର ଠାରୁ କମ୍ ରହିଛି। ଏହାକୁ ବୃଦ୍ଧି କରିବା ପାଇଁ ଉନ୍ନତ ପ୍ରାମାଣିକ ବିହନର ଉପଯୋଗ ଅଧିକ କରିବା ଆବଶ୍ୟକ। ଏହା ନିଶ୍ଚିତ ଯେ, ଅଧିକ ଅମଳକ୍ଷମ ବିହନ ବ୍ୟବହାର ଦ୍ୱାରା ଅଧିକ ଉତ୍ପାଦନ ମିଳେ। ଓଡ଼ିଶାରେ ବିହନର ଚାହିଦା ଯଥେଷ୍ଟ ଅଧିକ ଥିଲେ ମଧ୍ୟ ଉତ୍ପାଦନ ଓ ଯୋଗାଣ କ୍ଷେତ୍ରରେ କେତେକ ବାଧା ସୃଷ୍ଟି ହେବାର ଲକ୍ଷ୍ୟ କରାଯାଇଛି। ଆମ ରାଜ୍ୟ ମୁଖ୍ୟ ଫସଲ ହେଉଛି ଧାନ। ଓଡ଼ିଶାରେ ଯେତେ ଫସଲ ଚାଷୀ କରନ୍ତି, ସେଥିରୁ ୯୦ ଭାଗ ହେଉଛି ଧାନ। ଆମ ରାଜ୍ୟର ଚାଷୀଙ୍କ ବ୍ୟବହାର ପାଇଁ ବର୍ଷକୁ ପ୍ରାୟ ୨୪ଲକ୍ଷ କୁଇଣ୍ଟାଲ ଧାନ ବିହନ ଦରକାର। ଏଥିମଧ୍ୟରୁ ରାଜ୍ୟ ବିହନ ନିଗମ ମୁଖ୍ୟତଃ ପ୍ରାମାଣିକ ଧାନ ବିହନ ନିଜ ଜ୍ଞାନ କୌଶଳରେ ଉତ୍ପାଦନ କରି ଯୋଗାଇଥାଏ। ଚଳିତବର୍ଷ ଖରିଫ୍ ଋତୁରେ ରାଜ୍ୟ ବିହନ ନିଗମ ଜୁଲାଇ ୨୦ ତାରିଖ ସୁଦ୍ଧା ୨ଲକ୍ଷ ୬୦ ହଜାର କୁଇଣ୍ଟାଲ ପ୍ରାମାଣିକ ଧାନ ବିହନ ଚାଷୀଙ୍କୁ ଯୋଗାଇଥିବା ଜଣାପଡ଼ିଛି। ୨୦୧୫-୧୬ରେ ରାଜ୍ୟ ବିହନ ନିଗମ ଓଡ଼ିଶାର ଚାଷୀଙ୍କୁ ୩ଲକ୍ଷ ଟନ ଏବଂ ୨୦୧୬-୧୭ରେ ୩ ଲକ୍ଷ ଟନ ଧାନ ବିହନ ଯୋଗାଇଥିଲା। କିନ୍ତୁ ଏହାର ୫ବର୍ଷ ପୂର୍ବରୁ ୨୦୦୯-୧୦ରେ ୪୦୦୫୨୧ ଏବଂ ୨୦୧୦-୧୧ରେ ୫ଲକ୍ଷ ଟନରୁ ଉର୍ଦ୍ଧ୍ୱ ପ୍ରାମାଣିକ ଧାନ ବିହନ ରାଜ୍ୟ ବିହନ ନିଗମ ଦ୍ୱାରା ଚାଷୀଙ୍କୁ ଯୋଗାଇ ଦିଆଯାଇଥିଲା। ଏହି ପରିସଂଖ୍ୟାନରୁ ଜଣାପଡୁଛି ଯେ, ରାଜ୍ୟ ବିହନ ନିଗମରେ ବର୍ଷକୁ ବର୍ଷ ପ୍ରାମାଣିକ ଧାନ ବିହନର ଉତ୍ପାଦନ ବଢିବା ପରିବେର୍ତ୍ତ କମିବାରେ ଲାଗିଛି। ଅଧିକ ପ୍ରାମାଣିକ ବିହନ ଉତ୍ପାଦନ କରିବା ଏବଂ ତାକୁ ପ୍ରକ୍ରିୟାକରଣ କରିବାର ଯଥେଷ୍ଟ ଭିତ୍ତିଭୂମି ଥିଲେ ମଧ୍ୟ ଅଧିକ ପ୍ରାମାଣିକ ବିହନ ଉତ୍ପାଦିତ ହୋଇପାରିନଥିବାର କାରଣ କ'ଣ ? ନିକଟରେ କୃଷି ବିଭାଗର ଦାୟିତ୍ୱ ନେଇଥିବା ନୂତନ କୃଷିମନ୍ତ୍ରୀ ଏହାର କାରଣ ଅନୁଧ୍ୟାନ କରି ଦେଖିବା ସଙ୍ଗେ ସଙ୍ଗେ ଏହାର ପ୍ରତିକାର ଦିଗରେ ପଦକ୍ଷେପ ନେବା ଆବଶ୍ୟକ। ପ୍ରାମାଣିକ ବିହନ ଉପଯୋଗ ଦ୍ୱାରା ଅମଳ ପରିମାଣ ଶତକଡ଼ା ୧୫ରୁ ୨୦ ଭାଗ ବୃଦ୍ଧି ଘଟିଥାଏ। ରାଜ୍ୟର ବିହନ ଚାହିଦା ପୂରଣ କରିବା ପାଇଁ ବିହନ ଗ୍ରାମ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏଥିରେ ରାଜ୍ୟ କୃଷି ବିଭାଗ, ରାଜ୍ୟ ବିହନ ନିଗମ ଏବଂ ଓଡ଼ିଶା ରାଜ୍ୟ ବିହନ ପ୍ରାମାଣିକରଣ ସଂସ୍ଥା ମିଳିତ ଭାବରେ କାର୍ଯ୍ୟ କରନ୍ତି। ଉନ୍ନତ ମାନର ଗୁଣାତ୍ମକ ବିହନ ଉତ୍ପାଦନ ନିମିତ୍ତ ଏକ ନିର୍ଦ୍ଦିଷ୍ଟ ପଦ୍ଧତି ଅନୁସରଣ କରାଯାଏ। ଭବିଷ୍ୟତର ବିହନ ଆବଶ୍ୟକତାକୁ ପର୍ଯ୍ୟାଲୋଚନା କରି ପ୍ରଥମତଃ ପ୍ରଜନନ ବିହନ ଓଡ଼ିଶା ରାଜ୍ୟ କୃଷି ବିଶ୍ୱବିଦ୍ୟାଳୟ ତଥା କେନ୍ଦ୍ର ସରକାରଙ୍କ ବିଭିନ୍ନ ରାଜ୍ୟରେ ଥିବା ଗବେଷଣା ପ୍ରତିଷ୍ଠାନରୁ ସଂଗ୍ରହ କରାଯାଏ। ଏହି ପ୍ରଜନନ ବିହନ କୃଷି ବିଭାଗ, ରାଜ୍ୟ ବିହନ ନିଗମ ଏବଂ କୃଷି ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା କ୍ଷେତ୍ର ରେ ଚାଷ କରାଯାଇ ପିଣ୍ଡ ବିହନ ପ୍ରସ୍ତୁତ କରାଯାଏ। ଆବଶ୍ୟକତା ଅନୁଯାୟୀ ସ୍ଥଳବିଶେଷରେ ଅଗ୍ରଣୀ ଚାଷୀମାନଙ୍କ ମଧ୍ୟରେ ପିଣ୍ଡ ବିହନ ପ୍ରସ୍ତୁତ କରାଯାଇଥାଏ। ଏହି ପିଣ୍ଡ ବିହନକୁ ଗ୍ରାମ୍ୟ ବିହନ ଉତ୍ପାଦନ ଯୋଜନା ମାଧ୍ୟମରେ ଚାଷୀମାନଙ୍କୁ ଯୋଗାଇ ଦିଆଯାଇଥାଏ ଏବଂ ଏଥିରୁ ପ୍ରାମାଣିକ ବିହନ ଉତ୍ପାଦନ କରାଯାଇଥାଏ। ଏହି ପ୍ରାମାଣିକ ବିହନକୁ କୃଷି ବିଭାଗ ବିଭିନ୍ନ ବ୍ଲକରେ ଥିବା ତାହାର ବିକ୍ରୟ କେନ୍ଦ୍ରମାନଙ୍କ ଜରିଆରେ ଚାଷୀଙ୍କୁ ଯୋଗାଇଥାଏ। ଓଡ଼ିଶା ରାଜ୍ୟ ବିହନ ନିଗମ ରାଜ୍ୟରେ ଚାଷ କରାଯାଉଥିବା ବିଭିନ୍ନ ପ୍ରକାର ଫସଲ ବିହନ ଯଥା : ଧାନ, ମକା, ମାଣ୍ଡିଆ, ହରଡ଼, ମୁଗ, ବିରି, ବୁଟ, ମଟର, ଚିନାବାଦାମ, ରାଶି, ସୋରିଷ, ଅଳସୀ ଏବଂ ପନିପରିବା ବିହନ ଗ୍ରାମ ଉତ୍ପାଦନ ଯୋଜନାରେ ଉତ୍ପାଦନ କରିଥାଏ। ଚାଷୀ ନିଜେ ତାର ଚିରାଚରିତ ଭାବେ ଧାନ ବିହନ ରଖି ତାକୁ ବ୍ୟବହାର କରିଥାଆନ୍ତି। ଏହି ଧାନକୁ ପରୀକ୍ଷା କରି ଦେଖାଯାଇଛି ଯେ, ପ୍ରାୟ ଅଧିକାଂଶ ବିଲରେ ଫସଲର ୫ରୁ ୧୫ ଭାଗ ମିଶା ଧାନଗଛ ଓ ବାଲୁଙ୍ଗା (ଅଣଧାନଗଛ) ମିଶି ରହିଛି। ଏହି ମିଶା ଧାନ ଯେ ଅମଳ କମ୍ ହେବା ସହିତ ଏଥିରୁ ରଖିବା ବିହନ ନିମ୍ନମାନର ହୁଏ ଓ ଆଗାମୀ ଫସଲ ଉତ୍ପାଦନ ହ୍ରାସ ପାଏ। ଓଡ଼ିଶାରେ ହାଇବ୍ରିଡ଼ ଧାନ ଚାଷର ପ୍ରବର୍ତ୍ତନ ଏକ ସମୟୋପଯୋଗୀ ପଦକ୍ଷେପ। ମାତ୍ର ଏ ସମ୍ପର୍କୀୟ ଜ୍ଞାନକୌଶଳ ଅନେକ ଚାଷୀଙ୍କ ନିକଟରେ ପହଞ୍ଚିପାରି ନାହିଁ। ସୁତରାଂ ରାଜ୍ୟ କୃଷି ସମ୍ପ୍ରସାରଣ କର୍ମଚାରୀମାନେ ଏ ଦିଗରେ ବିଶେଷ ଯତ୍ନବାନ ହେବା ଆବଶ୍ୟକ। ଡାଲି ଓ ତୈଳଜାତୀୟ ଫସଲ ସାଧାରଣତଃ ଆମ ରାଜ୍ୟରେ ଦ୍ୱିତୀୟ କିମ୍ବା ତୃତୀୟ ଫସଲ ହିସାବରେ ଚାଷ କରାଯାଏ। କିନ୍ତୁ ଏ ପ୍ରକାର ଚାଷ ଆମ ଚାଷୀମାନେ ଠିକ୍ ଭାବରେ କରନ୍ତି ନାହିଁ। ଅଧିକ ଅମଳକ୍ଷମ ବିହନର ବ୍ୟବହାର ମଧ୍ୟ ସୀମିତ। ଫଳରେ ଉତ୍ପାଦନ କମ୍ ହେଉଛି। ଅନୁମୋଦିତ ପ୍ରଣାଳୀରେ ଖତ, ସାର ଓ ଅଧିକ ଅମଳକ୍ଷମ ବିହନର ବ୍ୟବହାର ଦ୍ୱାରା ଆଦାୟ ଯଥେଷ୍ଟ ଅଧିକ ହୋଇପାରିବ, ଏଥିରେ ସନ୍ଦେହ ନାହିଁ। ନୂତନ କୃଷି ନୀତର ପ୍ରଣୟନ ଓ ପ୍ରଚଳନ ଫଳରେ ଓଡ଼ିଶାର ଖାଦ୍ୟଶସ୍ୟ ଉତ୍ପାଦନ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିପାରିବ ଓ ରାଜ୍ୟର ଅଧକାଂଶ କ୍ଷୁଦ୍ର, ନାମାମାତ୍ର ଓ ଭାଗଚାଷୀ ଆତ୍ମନିର୍ଭରଶୀଳ ହୋଇପାରିବେ। ଆମର କୃଷି ବୈଜ୍ଞାନିକମାନେ ଦିନକୁ ଦିନ ନୂଅ ନୂଆ କିସମର ଅଧିକ ଅମଳକ୍ଷମ ବିହନ ଉତ୍ପାଦନ କରି ଚାଷୀଙ୍କୁ ଯୋଗାଇବାକୁ ସମର୍ଥ ହୋଇପାରିଛନ୍ତି। କିନ୍ତୁ ଆମର ଚାଷୀ ଏହି ବିହନକୁ ବ୍ୟବହାର କରିବାର ଜ୍ଞାନକୌଶଳ ଶିଖିନାହାଁନ୍ତି। ଏଥିପାଇଁ ସେମାନଙ୍କୁ ପ୍ରଶିକ୍ଷଣ ମାଧ୍ୟମରେ ସଚେତନ କରାଇବାର ଆବଶ୍ୟକତା ରହିଛି।

**(ସୌଜନ୍ୟ: ଗୋଲକବିହାରୀ ନାୟକ, ପୂର୍ବତନ ଅଧ୍ୟକ୍ଷ, ଓଡ଼ିଶା ରାଜ୍ୟ ବିହନ ନିଗମ, ଫୋନ୍-୯୪୩୭୩୧୮୭୩୧)**

# ସ୍ୱାଧୀନତା ସଂଗ୍ରାମୀ ଅନ୍ନପୂର୍ଣ୍ଣା ମହାରଣା



ମହାନ ସ୍ୱାଧୀନତା ସଂଗ୍ରାମୀ ଅନ୍ନପୂର୍ଣ୍ଣା ମହାରଣା ୧୯୧୭ ନଭେମ୍ବର ୩ ତାରିଖରେ କଟକ ଠାରେ ଜନ୍ମ ଗ୍ରହଣ କରିଥିଲେ। ସ୍ୱାଧୀନତା ସଂଗ୍ରାମୀ ପିତା ଗୋପବନ୍ଧୁ ଚୌଧୁରୀ ଓ ମାତା ରମାଦେବୀ ଚୌଧୁରୀଙ୍କ ସୁକନ୍ୟା ଥିଲେ ସେ। ଗୋପବନ୍ଧୁଙ୍କ ସପରିବାର ଗାନ୍ଧି-ନୀତି ଅନୁସରଣ କରୁଥିଲେ। ପିଲାଦିନୁ ସଂଗ୍ରାମମୟ ଜୀବନର ଛିଟା ପଡ଼ିଥିଲା ଅନ୍ନପୂର୍ଣ୍ଣାଙ୍କ ଉପରେ। ସେହି ଆଦର୍ଶରେ ବଞ୍ଚିବା ଶିଖିଯାଇଥିଲେ। ଗୋପବନ୍ଧୁ ନିଜର ସନ୍ତାନଙ୍କୁ ସରକାରୀ ସ୍କୁଲରେ ପଢ଼ାଇବାକୁ ଇଚ୍ଛୁକ ନଥିବାରୁ, ଅନ୍ନପୂର୍ଣ୍ଣାଙ୍କ ଶିକ୍ଷା ଘର ମଧ୍ୟରେ ହୋଇଥିଲା। ଭାରତୀୟ ସ୍ୱାଧୀନତା ସଂଗ୍ରାମକୁ ନିଜର ସର୍ବସ୍ୱ ଦେଇଥିବା ଗୋପବନ୍ଧୁ ଚୌଧୁରୀ ଓ ରମାଦେବୀଙ୍କ ଏକମାତ୍ର କନ୍ୟା ଥିଲେ ଅନ୍ନପୂର୍ଣ୍ଣା ମହାରଣା, ଶ୍ରଦ୍ଧା ନାମ ଚୁନି। ସମସାମୟିକ ସମାଜରେ ଚୁନିଅପା ଭାବେ ସେ ଜଣାଶୁଣା ଥିଲେ। ଗୋପବନ୍ଧୁ ସପରିବାର ଗାନ୍ଧୀ ନୀତି ଗ୍ରହଣ କରିଥିବାରୁ, ଶୈଶବରେ ହିଁ ଏହାର ପ୍ରଭାବ ଚୁନିଙ୍କ ଉପରେ ପଡ଼ିଥିଲା। ମହାତ୍ମାଙ୍କ ଆଦର୍ଶରେ ସେ ଆଜୀବନ ବଞ୍ଚିଥିଲେ। ଗୋପବନ୍ଧୁ ସରକାରୀ ବିଦ୍ୟାଳୟରେ ନିଜର ସନ୍ତାନଙ୍କୁ ପଢ଼ାଇବାକୁ ଚାହୁଁ ନଥିଲେ। ତେଣୁ ଚୁନିଙ୍କର ଶିକ୍ଷା ଘର ମଧ୍ୟରେ ହୋଇଥିଲା। ଘରେ ସେ ପଢ଼ିଥିଲେ ଜ୍ଞାନାର୍ଜନ କରିଥିଲେ। ପିତା-ମାତାଙ୍କର ଶ୍ରେଷ୍ଠ ଗୁଣ ଗୁଡ଼ିକ ତାଙ୍କଠାରେ ବିକଶିତ ହୋଇଥିଲା ଏବଂ ସେ ଅତ୍ୟନ୍ତ ଶୃଙ୍ଖଳିତ ଓ ପାରଙ୍ଗମ ହୋଇପାରିଥିଲେ। ତେର ବର୍ଷ ବୟସରେ ସେ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ ଏବଂ ୧୯୩୨ରେ ମାତ୍ର ପନ୍ଦର ବର୍ଷ ବୟସରେ ଜେଲ ଯାଇଥିଲେ। ୧୯୩୪ରେ ସେ ମହାତ୍ମାଙ୍କ ସହ ପୁରୀରୁ ଭଦ୍ରକ ହରିଜନ ପଦଯାତ୍ରାରେ ଯୋଗ ଦେଇଥିଲେ। ହରିଜନ ସେବାକୁ ସେ ଜୀବନର ଏକ ବ୍ରତ ଭାବେ ଗ୍ରହଣ କରିଥିଲେ। ୧୯୪୨ରେ ପିତାଙ୍କ ଇଚ୍ଛା ଅନୁଯାୟୀ ଚୁନି ଅସବର୍ଣ୍ଣ ବିବାହ କରିଥିଲେ। ପତି ଶରତ ଚନ୍ଦ୍ର ମହାରଣା ଥିଲେ ବୈଶ୍ୟ। ଭାରତ ଛାଡ଼ ଆନ୍ଦୋଳନ ସମୟରେ ତାଙ୍କୁ ପ୍ରାୟ ଅଢ଼େଇ ବର୍ଷ କାରାଗାରରେ ଅଟକ ରହିବାକୁ ପଡ଼ିଥିଲା। ୧୯୫୮ରେ ସନ୍ଥ ବିନୋବାଙ୍କ ଭୂଦାନ ଆନ୍ଦୋଳନରେ ସାମିଲ ହୋଇଥିଲେ। ଜୟପ୍ରକାଶ ନାରାୟଣଙ୍କ ସଂପୂର୍ଣ୍ଣ କ୍ରାନ୍ତି ଆନ୍ଦୋଳନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଜୟପ୍ରକାଶଙ୍କ ନେତୃତ୍ୱରେ ଚମ୍ବଲର ଦୁର୍ଦ୍ଧର୍ଷ ଡକାଏତମାନଙ୍କ ଆତ୍ମସମର୍ପଣ କାର୍ଯ୍ୟକ୍ରମରେ ସାମିଲ ହୋଇ ଜାତୀୟ ସ୍ତରରେ ଚର୍ଚ୍ଚିତ ହୋଇଥିଲେ। ଏହି ବିଷୟରେ ସେ ଲେଖିଥିଲେ ଦସ୍ୟୁ ହୃଦୟର ଦେବତା। ମାତ୍ର ୧୩ ବର୍ଷ ବୟସରେ ଅନ୍ନପୂର୍ଣ୍ଣା ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ। ୧୯୩୨ ମସିହା ମାତ୍ର ୧୫ ବର୍ଷ ବୟସରେ ସେ ଦେଶ ପାଇଁ କାରାବରଣ ଭୋଗିଥିଲେ। ୧୯୩୪ରେ ଅନ୍ନପୂର୍ଣ୍ଣା ଗାନ୍ଧିଜୀଙ୍କ ସହ ପୁରୀରୁ ଭଦ୍ରକ ହରିଜନ ପଦଯାତ୍ରାରେ ସାମିଲ ହୋଇଥିଲେ। ହରିଜନଙ୍କ ସେବାକୁ ବ୍ରତ ଭାବେ ମାନି ନେଇଥିଲେ ଅନ୍ନପୂର୍ଣ୍ଣା। ୧୯୪୨ରେ ଭାରତଛାଡ଼ ଆନ୍ଦୋଳନରେ ସାମିଲ ହୋଇଥିଲେ। ମା' ରମାଦେବୀଙ୍କ ସହଯୋଗରେ ସେ ଏକ ଗ୍ରାମସେବକ ପ୍ରେସ୍ ନିର୍ମାଣ କରିଥିଲେ ଯାହାକୁ ପର ମୁହୂର୍ତ୍ତରେ ଇଂରେଜ ସରକାର ବନ୍ଦ କରିଦେଇଥିଲେ। ୧୯୫୧ରେ ସନ୍ଥ ବିନୋବାଙ୍କ ଭୂଦାନ ଆନ୍ଦୋଳନରେ ଯୋଗଦାନ କରିଥିଲେ ଅନ୍ନପୂର୍ଣ୍ଣା। ଜୟପ୍ରକାଶ ନାରାୟଣଙ୍କ ଆହ୍ୱାନରେ ତେଜିଥିବା ସମ୍ପୂର୍ଣ୍ଣ କ୍ରାନ୍ତି ଆନ୍ଦୋଳନରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। କେବଳ ସେତିକି ନୁହେଁ ଗାନ୍ଧିଜୀଙ୍କ ଡାକରାରେ ପୁରୀ ଜିଲ୍ଲାର ବୀରନରସିଂହପୁର ଏବଂ କଟକରେ ଖଦିକାମ ଓ ଅସ୍ପୃଶ୍ୟତା ନିବାରଣ କାର୍ଯ୍ୟରେ ମଧ୍ୟ ସେ ନିଜକୁ ନିୟୋଜିତ କରିଥିଲେ।



ବରୀ ଓ କଳାମାଟିଆରେ ଇଂରେଜ ବିରୋଧୀ ସଭାରେ ଆଖିବୁଜା ଗୁଳିର ଶିକାର ହୋଇଥିବା ଆହତମାନଙ୍କ ସେବା ମଧ୍ୟ କରିଥିଲେ ଅନ୍ନପୂର୍ଣ୍ଣା। ଅନ୍ନପୂର୍ଣ୍ଣା ମହାରଣା ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିବା ବେଳେ ଅନେକ ପୁସ୍ତକ ଲେଖିଥିଲେ। ଏଥିପାଇଁ ତାଙ୍କୁ ଅନେକ ସମ୍ମାନ ଓ ସ୍ୱୀକୃତି ମଧ୍ୟ ମିଳିଥିଲା। ତନ୍ମଧ୍ୟରେ ଶାରଳା ପୁରସ୍କାର, ଉତ୍କଳରତ୍ନ ତଥା ରାଧାନାଥ ରଥ ଫାଉଣ୍ଡେସନ ସମ୍ମାନ ଅନ୍ୟତମ। ଏହି ମହୀୟସୀ ମହିଳା, ବିପ୍ଳବୀ ୨୦୧୨ ଡିସେମ୍ବର ୩୧ରେ ଚିରନିଦ୍ରା ଗମନ କରିଥିଲେ।

**ଡଃ. ଅରୁନ୍ଧତୀ ଦେବୀ,** ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର, ଦୂରଭାଷ : ୯୯୩୭୧୭୨୮୧୦

# ଶ୍ରୀ ସତ୍ୟସାଇ ବାଳବିକାଶ, ଓଡ଼ିଶାର ଇତିବୃତ୍ତ



ସତ୍ୟସାଇ ବାଳବିକାଶ ଭଗବନା ବାବାଙ୍କ ସଂକଳ୍ପ ସମ୍ଭୂତ। କେହି କେହି ଏହାକୁ ଭଗବାନଙ୍କର ମାନସ ସନ୍ତାନ ବୋଲି ଆଖ୍ୟା ଦେଇଥାଆନ୍ତି। ଭଗବାନ ଏହାକୁ ଲୋକାର୍ପଣ କରିଥିଲେ ୧୯୬୯ରୁ। ସେତେବେଳେ ଏହାର ନାମ ଥିଲା 'ବାଳବିହାର'। ଶିଶୁ ମାନଙ୍କୁ ଏକତ୍ର କରି ଭାରତୀୟ ତଥା ପ୍ରାଦେଶିକ ପୁରାଣମାନଙ୍କରୁ କାହାଣୀ, ଗଳ୍ପ, ଗିତିନାଟ୍ୟ ତଥା ଭଜନ ପ୍ରଭୃତି ପରିବେଷଣ କରିବାକୁ ଭଗବାନଙ୍କ ନିର୍ଦ୍ଦେଶ ଥିଲା। ଉଦ୍ଦେଶ୍ୟ ଥିଲା ଏହା ଦ୍ୱାରା ଶିଶୁମାନଙ୍କୁ ଆମ ସଂସ୍କୃତି ସହ ପରିଚୟ କରାଇବା ଏବଂ ଏହା ସହିତ ପୌରାଣିକ ଚରିତ୍ର ଗୁଡ଼ିକୁ ଶିଶୁ ମାନଙ୍କ ମନରେ ଆଦର୍ଶ ଭାବେ ଥାପିବା। କାରଣ ଶୈଶବ ହିଁ ଶିକ୍ଷା ଆହରଣ କରିବାର ସର୍ବୋତ୍କୃଷ୍ଟ ସମୟ। ୧୯୭୧ରେ ଏହାର ନାମ ପରିବର୍ତ୍ତନ କରାଗଲା। କୁହାଗଲା 'ବାଳବିକାଶ'। ଏହାର ଆଭିମୁଖ୍ୟ ମଧ୍ୟ ସାମାନ୍ୟ ପରିବର୍ଦ୍ଧିତ ହେଲା। ଶିଶୁମାନେ ନିକଟ ଅତୀତରେ ଈଶ୍ୱରଙ୍କ ପାଖରୁ ସଂସାରକୁ ଆସିଛନ୍ତି, ତେଣୁ ସେମାନେ ଅନ୍ୟମାନଙ୍କ ଠାରୁ ଅଧିକ ପବିତ୍ର। ସେହି ପବିତ୍ରତାକୁ ସଂସାର ତଥା ବୟସ୍କ ମାନଙ୍କ ପ୍ରଭାବରେ ନଷ୍ଟ ହେବାକୁ ନ ଦେଇ ତାହାକୁ ବଜାୟ ରଖିବା ଓ ବଢ଼ାଇ ଚାଲିବା ହିଁ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ। ଶିଶୁମାନଙ୍କ ଠାରେ ଥିବା ତାଙ୍କ ପବିତ୍ର ଗୁଣାବଳୀର ପ୍ରକାଶନ ଓ ପ୍ରସ୍ଫୁଟନ କରାଇବା ବାଳବିକାଶର ଆଭିମୁଖ୍ୟ ହେଲା। ୧୯୭୩ରୁ ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ସତତ ନିୟୋଜିତ ହୋଇଥିବା ଭକ୍ତ ଭାଇଭଉଣୀମାନଙ୍କୁ ବାବା ସମ୍ବୋଧନ କଲେ ବାଳବିକାଶ ଗୁରୁ ଭାବେ। ଗୁରୁମାନଙ୍କ ଦାୟିତ୍ୱ ହେଲା ଶିଶୁ ମାନଙ୍କ ଅଜ୍ଞାନ ଦୂରକରି ଜ୍ଞାନାଲୋକ ପ୍ରଦାନ କରିବା। ସେଥିପାଇଁ ଗୁରୁମାନଙ୍କୁ ତପସ୍ୟା କରିବାକୁ ପଡ଼ିବ। କି ପ୍ରକାର ତପସ୍ୟା ? ଅନ୍ତତଃ ପକ୍ଷେ ପିଲାମାନଙ୍କୁ ଯେଉଁ ଉପଦେଶ ଗୁରୁ ଦେବେ, ସେ ତାହାକୁ ପ୍ରଥମେ ନିଜ ନିଜ ଜୀବନରେ ଅଭ୍ୟାସ କରିବେ। ଗୁରୁମାନେ କେବଳ ଉପାଧି ସର୍ବସ୍ୱ ନ ହୋଇ ସାଧନା ସର୍ବସ୍ୱ ହେବାରେ ଲାଗିଲେ। ଏହି ଯୋଜନା ଅତି ସୁନ୍ଦର ଭାବେ ଚାଲିଲା। ପିଲାମାନେ ଖୁସି, ତାଙ୍କ ପିତାମାତା ଖୁସି, ଗୁରୁମାନେ ତାଙ୍କ ଶ୍ରମ ସାର୍ଥକ ହେଉଥିବାରୁ ଖୁସି, ସର୍ବୋପରି ଭଗବାନ ବାବା ମଧ୍ୟ ତାଙ୍କ ସନ୍ତୋଷ ଜ୍ଞାପନ କରୁଥିଲେ। ଭଗବାନ ଏହାର ପରିସୀମା ଧିରେ ଧିରେ ବଢ଼ାଇବାକୁ ଚାହିଁଲେ। ସେ ତ ସର୍ବଜ୍ଞ, ଗୁରୁମାନଙ୍କ ଗୁରୁ, ଆଧ୍ୟାତ୍ମିକତାର ପ୍ରତିମୂର୍ତ୍ତି। ବାଳବିକାଶର ତଥା ବୟସ୍କ ଆଶ୍ରିତମାନଙ୍କ ପାଇଁ ଆରମ୍ଭ କଲେ ଏ ନୂତନ କାର୍ଯ୍ୟକ୍ରମ 'କାମନାର ସୀମାଙ୍କନ'। ଏହା ଫଳରେ ଶିଶୁମାନଙ୍କ ସରଳ ମନ ସହଜରେ ସଂଯତ ହୋଇଗଲା, ମନ ସଂଯମ ହେବା ଦ୍ୱାରା ଅତ୍ୟାଶ୍ଚର୍ଯ୍ୟ ସୁଫଳ ପରିଲକ୍ଷିତ ହେଲା। ପିତାମାତାଙ୍କର ସାଂସାରିକ ଦାୟିତ୍ୱ ସହଜ ହୋଇଗଲା। ଏହି କାର୍ଯ୍ୟକ୍ରମ ପ୍ରଶାନ୍ତି ନିଳୟମ୍‌ରେ ଲୋକାର୍ପିତ ହେବାଦିନଠାରୁ ଓଡ଼ିଶା ତାକୁ ଗ୍ରହଣ କରି ଆଗେଇ ଚାଲିଲା। ଓଡ଼ିଶାର ଯେଉଁସବୁ ଜିଲ୍ଲା ଓ ସମିତିରେ ତେଲୁଗୁ ଭାଷା ବୁଝିପାରୁଥିଲେ, ସେଠାରେ ଯଥା: ବ୍ରହ୍ମପୁର, କୋରାପୁଟ, ଜଟଣୀ, ରାୟଗଡ଼ାରେ ପ୍ରଥମକରି ଭଜନମଣ୍ଡଳୀ ଓ ସମିତି ମାନଙ୍କରେ ବାଳବିକାଶ କାର୍ଯ୍ୟକ୍ରମ ଆରମ୍ଭ ହୋଇଗଲା। ଚାହୁଁ ଚାହୁଁ ଓଡ଼ିଶାର କୋଣ ଅନୁକୋଣରେ ସଂଗଠନ ଏବଂ ବାଳବିକାଶ ବ୍ୟାପିଗଲା। ସାଙ୍ଗଠନିକ ବ୍ୟବସ୍ଥା ଓ ଏହାର ସୁପରିଚାଳନା ପାଇଁ ଭଗବାନଙ୍କ ନିର୍ଦ୍ଦେଶରେ ଜଣେ ଜଣେ ମହିଳା ବାଳବିକାଶ ଦାୟିତ୍ୱରେ ରହିଲେ। ଓଡ଼ିଶାର ସର୍ବପ୍ରଥମେ ଏହାର ମଙ୍ଗ ଧରିଥିଲେ ଅଧ୍ୟାପିକା ଶ୍ରୀମତୀ କ୍ଷୀରମଣୀ ପ୍ରଧାନ, ରାଜ୍ୟ ବାଳବିକାଶ ଆବାହିକା ଭାବେ। ବାଳବିକାଶର ସମ୍ପ୍ରସାରଣ ଓ ଗୁରୁ ତଥା ଶିଶୁମାନଙ୍କ ଗୁଣାତ୍ମକ ଅଭିବୃଦ୍ଧିରେ ସନ୍ତୁଷ୍ଟ ଭଗବାନ ବାବା ଶ୍ରୀମତୀ କ୍ଷୀରମଣୀ ପ୍ରଧାନଙ୍କୁ ପୁରସ୍କୃତ କରିଥିଲେ। ଥରେ ବାବା କହିଲେ, କେବଳ ସାଇ ପରିବାର ପିଲାମାନେ, ସମିତି ସଭ୍ୟଙ୍କ ପିଲାମାନେ ଏହି ଶିକ୍ଷା ଦ୍ୱାରା ଉପକୃତ ହେଲେ ଏତେ ଖୁସି ହେବାରେ ଅଛି କ'ଣ ? ସମଗ୍ର ଦେଶର ପିଲାମାନେ ବି ତ ମୋର। ସେମାନଙ୍କ ପାଖରେ ଏହି ଶିକ୍ଷା ପହଞ୍ଚାଇବାକୁ ପଡ଼ିବ। ସେ ହିଁ ତାର ବ୍ୟବସ୍ଥା କରିଦେଲେ। ସେତେବେଳକୁ ଶ୍ରୀ ସତ୍ୟସାଇ ବିଶ୍ୱ ବିଦ୍ୟାଳୟରେ ଏହି ଶିକ୍ଷା ପ୍ରଦାନ ଆରମ୍ଭ ହୋଇଯାଇଥାଏ। ତଦାନିନ୍ତନ ଭାରତର



ଶିକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ କେ.ସି.ପନ୍ଥ ମହାଶୟଙ୍କୁ ପ୍ରଶାନ୍ତିଙ୍କୁ ନିମନ୍ତ୍ରଣ କରାଗଲା। ସେ ବିଶ୍ୱ ବିଦ୍ୟାଳୟର କୁଳପତିଙ୍କ ଠାରୁ ଏହି ଶିକ୍ଷାର ସବିଶେଷ ବିବରଣୀ ପାଇଲେ ଏବଂ କହିଲେ ଏ ଶିକ୍ଷା ଆମ ଦେଶର ସମସ୍ତ ପ୍ରାଥମିକ, ଉଚ୍ଚପ୍ରାଥମିକ ବିଦ୍ୟାଳୟର ଶିଶୁମାନେ ନିହାତି ପାଇବା ଦରକାର। ଯାହା ଭଗବାନଙ୍କ ଇଚ୍ଛା ଥିଲା, ତାହା ସାକାର ହୋଇଗଲା। ସରକାରୀ, ବେସରକାରୀ, ଅର୍ଦ୍ଧ ସରକାରୀ ତଥା ପୌରପାଳିକା ଦ୍ୱାରା ପରିଚାଳିତ ସମସ୍ତ ବିଦ୍ୟାଳୟରେ ଏହା କାର୍ଯ୍ୟକାରୀ ହେବ ବୋଲି ଭାରତ ସରକାର ନିଷ୍ପତ୍ତି ନେଲେ। ତଦନୁଯାୟୀ ଭାରତର ଅନ୍ୟାନ୍ୟ ପ୍ରଦେଶ ସହ ଓଡ଼ିଶାରେ ମଧ୍ୟ ଏହା ଆରମ୍ଭ ହେଲା 'ମାନବୀୟ ମୂଲ୍ୟବୋଧ ଶିକ୍ଷା' ନାମରେ, ଫଳରେ ଭବିଷ୍ୟତରେ କୌଣସି ଅସୁବିଧା ହେବାର ଆଶଙ୍କା ରହିଲା ନାହିଁ।

ବାଳ ବୋଧିନୀ, ଗଳ୍ପମାଳା, ମଣିମାଳା, ଦିବ୍ୟପଥ, ଭାରତର ସାଧୁସନ୍ଥ, ଅମର ଐତିହ୍ୟ, ମାନବାଭ୍ୟୁଦୟ, ପର୍ବପର୍ବାଣୀର ତାତ୍ପର୍ଯ୍ୟ, ପୃଥିବୀର ବିଭିନ୍ନ ଧର୍ମ ଉପରେ ଅଧ୍ୟୟନ ଓ ତାହାର ଐକ୍ୟ ସମ୍ବଳିତ ତଥ୍ୟ ପ୍ରଭୃତି ପ୍ରକାଶ ଲାଭ କଲା। ଗୁରୁ ଓ ଶିକ୍ଷକମାନଙ୍କ ଭୂମିକା ଉପରେ ଭଗବାନ ବାବାଙ୍କ ପ୍ରଦତ୍ତ ସମ୍ଭାଷଣ ପୁସ୍ତକ ସମସ୍ତଙ୍କୁ ଯୋଗାଇ ଦିଆଗଲା। ଶିକ୍ଷକମାନଙ୍କ ସମ୍ମିଳନୀ ପ୍ରଶାନ୍ତି ନିଳୟମ ଠାରେ କରାଗଲା। ମାସିକ ପତ୍ରିକା 'ଶ୍ରୀ ସତ୍ୟସାଇ ବାଳବିକାଶ' ମୁକ୍ତିଲାଭ କଲାଣି ଆଜକୁ ୩୫ ବର୍ଷ ପୂର୍ବରୁ। ଏହାଦ୍ୱାରା ଗୁରୁ ଏବଂ ପିତାମାତା ମାନେ ବହୁ ଉପକାର ଲାଭ କଲେ। ୧୯୮୮ରେ ବାଳବିକାଶର ରାଜ୍ୟ ଆବାହିକା ହେଲେ ଅଧ୍ୟାପିକା ଶ୍ରୀମତୀ ପ୍ରଭାତୀ ଦାଶ। ଗୁରୁମାନଙ୍କ ମାନବୃଦ୍ଧି ସହ ପିଲାମାନଙ୍କ ଗୁଣାତ୍ମକ ମାନ ବଢ଼ିବାରେ ଲାଗିଲା। ଶ୍ରୀମତି ପ୍ରଭାତୀ ଦାଶଙ୍କ ପରେ ଅଧ୍ୟାପିକା ଶ୍ରୀମତୀ ରେଣୁକା ମିଶ୍ର ହେଲେ ରାଜ୍ୟ ବାଳବିକାଶ ଆବାହିକା। ୨୦୦୩ରେ ପାରଦ୍ୱୀପ ଠାରେ ସ୍ୱତନ୍ତ୍ର ଭାବେ ବାଳବିକାଶ ଗୁରୁମାନଙ୍କର ଏକ ରାଜ୍ୟ ସମ୍ମିଳନୀ ଅନୁଷ୍ଠିତ ହେଲା। କାର୍ଯ୍ୟକ୍ରମର ପରିସର ବଢ଼ି ବଢ଼ି ଚାଲିଲା। ରାଜ୍ୟ ଆବାହିକାଙ୍କୁ ସାହାଯ୍ୟ କରିବା ପାଇଁ ଦୁଇଜଣ ଯୁଗ୍ମ ଆବାହକ (ଜଣେ ମହିଳା, ଜଣେ ପୁରୁଷ) ରହିଲେ। ଏହି ଦାୟିତ୍ୱ ତୁଲାଇଥିଲେ ଶ୍ରୀମତୀ ନୟନତାରା ଛୋଟରାୟ ଓ ଇଂ. ସଚ୍ଚିଦାନନ୍ଦ ନନ୍ଦ। ବିଗତ ୪୫ ବର୍ଷର ଇତିହାସକୁ ଲକ୍ଷ୍ୟ କଲେ ଜଣାଯାଏ ଯେ ଅତି ସାଧାରଣ ପିଲାମାନେ ବାଳବିକାଶ ଶିକ୍ଷା ଲାଭ କରି ଅତି ସମ୍ଭ୍ରାନ୍ତ ଜୀବନ ଯାପନ କରୁଛନ୍ତି ଓ ନିଜର, ନିଜ ପରିବାରର ତଥା ଆମ ପ୍ରଦେଶର ମୁଖ ଉଜ୍ଜ୍ୱଳ କରିପାରୁଛନ୍ତି। ସାଙ୍ଗଠନିକ ପରିପ୍ରେକ୍ଷୀରେ ବର୍ତ୍ତମାନର ବାଳବିକାଶ ଆବାହିକା ଅଧ୍ୟାପିକା ଶ୍ରୀମତୀ ନୟନତାରା ଛୋଟରାୟ ଓ ଯୁଗ୍ମ ଆବାହକ ଶ୍ରୀମାନ୍ ଅଶୋକ କୁମାର ହୋତା ଆମ ରାଜ୍ୟକୁ ସମଗ୍ର ଭାରତ ସ୍ତରରେ ସମକକ୍ଷ କରି ଗଢ଼ିତୋଳିବାକୁ ସଂକଳ୍ପବଦ୍ଧ ହୋଇ, ଭଗବାନଙ୍କ କୃପା ଅପେକ୍ଷାରେ ଅଛନ୍ତି। ତାଙ୍କ ଉଦ୍ୟମ ସଫଳ ହେଉ। ଭାରତରେ ଓଡ଼ିଶାର ସୁନାମ ବଜାୟ ରହୁ, ଏହା ହିଁ ପ୍ରାର୍ଥନା।

**ଇଂ.ସଚ୍ଚିଦାନନ୍ଦ ନନ୍ଦ,** ଯୁଗ୍ମ ସଂଯୋଜକ, ଶ୍ରୀ ସତ୍ୟସାଇ ରାଜ୍ୟ ବାଳବିକାଶ, କଟକ, ଦୂରଭାଷ : ୯୪୩୭୫୧୧୨୩୦

# ରାଜା ମଧୁସୂଦନ ଦେବ ଡିଗ୍ରୀ କଲେଜରେ ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ-୨୦୧୯

ଭୁବନେଶ୍ୱର (ପିଏନ୍): ପଟିଆସ୍ଥିତ ରାଜା ମଧୁସୂଦନ ଦେବ ଡିଗ୍ରୀ କଲେଜର ଓଡ଼ିଆ ବିଭାଗ ଓ ଇଂରାଜୀ ବିଭାଗ ତରଫରୁ ପ୍ରଥମ ବର୍ଷର ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରଛାତ୍ରୀମାନେ ପ୍ରଥମ ବର୍ଷର ନବାଗତ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଅବସର ତିଆରି କରିଥିଲେ। ଏଥିରେ କଲେଜର ଅଧ୍ୟକ୍ଷ ଅଧ୍ୟକ୍ଷତା କରି ଛାତ୍ରଛାତ୍ରୀମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ଯାହାସବୁ ଉପାଦାନ ଦରକାର ତାହା କରିବା ପାଇଁ ସେ ତାଙ୍କର ପ୍ରୟାସ ଜାରି ରଖିବେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଯଶସ୍ୱୀ ଅଧ୍ୟାପକ ଓ ପୂର୍ବତନ ଅଧ୍ୟକ୍ଷ ଓ ଲେଖକ ଅଜୟ ସ୍ୱାଇଁ ଯୋଗଦେଇ ଓଡ଼ିଶା ଓ ଭାରତ ଏକ ଏଭଳି ଦେଶ ଯେଉଁ ଦେଶରେ ଗୋଟିଏ ଲେଖକ ଓ ଗୋଟିଏ ପୁସ୍ତକର ଜନ୍ମଦିନ ଉତ୍ସବ ଭାବେ ପାଳନ କରାଯାଏ। ଏହା ଆମ ଜାତୀୟ ଜୀବନର ପରିଚୟ ବୋଲି ମତବ୍ୟକ୍ତ କରିଥିଲେ। ଓଡ଼ିଆ ବିଭାଗର ମୁଖ୍ୟ ଡଃ ରମେଶ ଚନ୍ଦ୍ର ବେହେରା ଓଡ଼ିଆ ବିଭାଗର ଉନ୍ନତିରେ ଛାତ୍ରଛାତ୍ରୀମାନଙ୍କ ଉନ୍ନତି ଦିଗରେ ପୁରା ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ଓଡ଼ିଆ ବିଭାଗର ଅଧ୍ୟାପିକା ଡଃ ସ୍ୱର୍ଣ୍ଣପ୍ରଭା ଦାସ ବିଭାଗର ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣା ଦେଇ ମନଦେଇ ପଢିବା ସହିତ ସମାଜରେ ଭଲ ମଣିଷ ହେବାପାଇଁ ଉପଦେଶ ଦେଇଥିଲେ। ଇଂରାଜୀ ବିଭାଗର ଅଧ୍ୟାପକ ଶିବବ୍ରତ ନାୟକ ଇଂରାଜୀ ବିଭାଗର ଉନ୍ନତିରେ ନିଜର ପାରଦର୍ଶିତାକୁ ଛାତ୍ରଛାତ୍ରୀଙ୍କ ସମ୍ମୁଖରେ ଉପସ୍ଥାପିତ କରିଥିଲେ। ଇଂରାଜୀ ବିଭାଗର ଅଧ୍ୟାପିକା ସୁଶ୍ରୀ ମ୍ୟାଡ଼ମ ସମସ୍ତଙ୍କୁ ଉଦ୍‌ବୋଧନ ଦେଇ ଲେଖାଲେଖିରେ ସମସ୍ତେ ରୁଚି ରଖିବାକୁ ପରାମର୍ଶ ଦେଇଥିଲେ। ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିବା ସହିତ ସଭାଟିକୁ ସାଫଲ୍ୟମଣ୍ଡିତ କରିଥିଲେ। ଛାତ୍ରୀ ପୂଜା ପ୍ରସାଦ ସଭାଟିକୁ ଉପସ୍ଥାପନା କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମଣ ମାଝୀ, ନିଶାରିକା ମାଝୀ, ସୁନିତା ମହାରଣା, ଶୁଭାଙ୍ଗୀ ଷଡ଼ଙ୍ଗୀ, କାମଦେବ ବେହେରା, ଆଶୁତୋଷ ସାହୁ, ଅଭିଷେକ ମହାଲିକ, ଆଶିଷ, ଗଣେଶ ବେହେରା, ରାସେଶ୍ୱରୀ ସ୍ୱାଇଁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶେଷରେ ଚଞ୍ଚଳା ପ୍ରଧାନ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ


## DISPLAY CLASSIFIED

FOR ADVERTISEMENT CONTACT
(0674) 2550751/2555116
Fax: (0674) 2550504
E-mail : paryabekhyak@sify.com
paryabekhyak@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

DKB'S CONCEPTUAL CHEMISTRY
Behind SC/ST Hostel College Campus, Bhadrak, Cell : 9337612220
*A complete Chemistry point for funding fundamentals.*
Contact for Coaching in +2 Science, CBSE, OJEE (E&M), AIPMT & AIEEE

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Mahaditya Publication

Gyandeep
THE CRECHE

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication




# ବିଭିନ୍ନ ରାଜ୍ୟ ସରକାର ଏବଂ ଶିଳ୍ପ ସଂସ୍ଥା ଚଳିତ ବର୍ଷ ୭ ଲକ୍ଷ ଆପରେଂଟିସ୍ ନିଯୁକ୍ତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ

ଭୁବନେଶ୍ୱର-ଭାରତରେ ଆପରେଟିଂସ୍ ଟ୍ରେନିଂର ବିକାଶ ପାଇଁ ଦକ୍ଷତା ବିକାଶ ଓ ଉଦ୍ୟୋଗ ମନ୍ତ୍ରଣାଳୟ ଦ୍ୱାରା ଆପରେଟିଂସ୍ ପଖୱାଡ଼ା ଆରମ୍ଭ ହୋଇଛି। ବିଭିନ୍ନ ରାଜ୍ୟ ସରକାର ଏବଂ ଶିଳ୍ପ ସଂସ୍ଥା ଚଳିତ ବର୍ଷ ୭ ଲକ୍ଷ ଆପରେଟିଂସ୍ ନିଯୁକ୍ତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି। ଇତିମଧ୍ୟରେ ୨୨ଟି ରାଜ୍ୟରେ ୫୦ରୁ ଅଧିକ କର୍ମଶାଳା ଅନୁଷ୍ଠିତ ହୋଇ ସାରିଛି। ସେହିପରି ଥାର୍ଡ ପାର୍ଟି ଆଗ୍ରେଗେଟରଙ୍କ ସହିତ ୨୨ଟି ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏନେଇ ଏକ ୧୫ ଦିନିଆ ଆପରେଟିଂସ୍ ପଖୱାଡ଼ା ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସଡ଼କ ଓ ପରିବହନ ମନ୍ତ୍ରୀ ନୀତୀନ ଗଡ଼କରୀ, ଦକ୍ଷତା ବିକାଶ ଓ ଉଦ୍ୟୋଗ ଡ. ମହେନ୍ଦ୍ର ନାଥ




ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ।୨୦୧୬ରେ ଦକ୍ଷତା ବିକାଶ ଓ ଉଦ୍ୟୋଗ ମନ୍ତ୍ରାଳୟ ସହଯୋଗରେ ଆପରେଟିଂସ୍ ଅଧିନିୟମ ୧୯୬୧ ଅନ୍ତର୍ଗତ ଆପରେଟିଂସ୍ ପଖୱାଡ଼ା ଆରମ୍ଭ ହୋଇଥିଲା। ଗତ ଅଢ଼େଇ ବର୍ଷ ମଧ୍ୟରେ ୭.୫ ଲକ୍ଷ ଆପରେଟିଂସ୍‌ଙ୍କୁ ନିଯୁକ୍ତ କରାଯାଇପାରିଛି। ଏହି ୧୫ ଦିନିଆ ଆପରେଟିଂସ୍ ପଖୱାଡ଼ାରେ ଶିଳ୍ପ ସଂସ୍ଥାରେ ୪.୫ ଲକ୍ଷ ଆପରେଟିଂସ୍ ଏବଂ ବିଭିନ୍ନ ରାଜ୍ୟ ସରକାରଙ୍କ ଦ୍ୱାରା ୨.୫ ଲକ୍ଷ ଆପରେଟିଂସ୍ ନିଯୁକ୍ତି ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏମଏସଡିଇ ପକ୍ଷରୁ ଏନେଇ ୫୬୦ କୋଟି ଟଙ୍କା ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବ। ଭେଲ୍, କୋଚିନ୍ ଶିପ୍ ୟାର୍ଡ, ଗେଲ୍, ଆଇଟିଡିସି, ଆଇଟିପିଓ, ରାଷ୍ଟ୍ରୀୟ ଇସ୍ପାତ ନିଗମ ଆଦି ୬ଟି ପିଏସ୍‌ୟୁ ୩୫,୦୦୦ ଆପରେଟିଂସ୍‌ଙ୍କୁ ତାଲିମ୍ ଦେବା ଲାଗି ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି। ଏହାବ୍ୟାତିତ ଏଚପିସିଏଲ ମୁମ୍ବାଇ ସ୍ଥିତ ଏନଏସଟ୍ରିଇ ସହିତ ଚୁକ୍ତି ସ୍ୱାକ୍ଷର କରିଛି। ଏହା ଅର୍ନ୍ତଗତ ବିକଳ୍ପ ଶକ୍ତି ଉତ୍ସ କ୍ଷେତ୍ରରେ ସୋଲାର ଟେକ୍ନିସିଆନଙ୍କୁ ତାଲିମ୍ ପ୍ରଦାନ କରାଯିବ। ଏହି ଅବସରରେ ସଡ଼କ ପରିବହନ ମନ୍ତ୍ରୀ ନୀତୀନ ଗଡ଼କରୀ କହିଲେ, "ଯୋଜନା ଅନୁସାରେ ଆପରେଟିଂସ୍‌ଙ୍କ ବିକାଶ ଉପରେ ଅଧିକ ଧ୍ୟାନ ଦିଆଯାଉଛି। ଏମଏସଏମଇ ସେକ୍ଟରର ବିକାଶ ପାଇଁ ସରକାର ଉଦ୍ୟମ ଅବ୍ୟାହତ ରଖିଛନ୍ତି। ଗ୍ରାମୀଣ ଜନତାଙ୍କ ବିକାଶ ସହିତ କୃଷି ଏବଂ ଜନଜାତି ଅଂଚଳର ବିକାଶ ଲକ୍ଷ୍ୟ ସରକାର ଧାର୍ଯ୍ୟ କରିଛନ୍ତି।

# ସିବିଏସ୍ଇ ଓ ମାଇକ୍ରୋସଫ୍ଟ ସ୍କୁଲ୍‌ରେ ଏଆଇ-ସଂଚାଳିତ ପଠନ ଦକ୍ଷତା ବିକାଶ ପାଇଁ ହାତ ମିଳାଇଛନ୍ତି

ଭୁବନେଶ୍ୱର : ସେଂଟ୍ରାଲ୍ ବୋର୍ଡ଼ ଅଫ୍ ସେକେଣ୍ଡାରି ଏଡୁକେସନ (ସିବିଏସ୍ଇ) ମାଇକ୍ରୋସଫ୍ଟ ଇଣ୍ଡିଆ ସହଯୋଗରେ ଉଚ୍ଚ ବିଦ୍ୟାଳୟର ଶିକ୍ଷକମାନଙ୍କ ପାଇଁ ଦକ୍ଷତା ବିକାଶ କାର୍ଯ୍ୟକ୍ରମର ଘୋଷଣା କରିଛି। ଏହା ସହଯୋଗରେ କେ୧୨ ଶିକ୍ଷଣରେ ଏଆଇ- ସଂଚାଳିତ ଟେକ୍ନୋଲୋଜିର ସମନ୍ୱୟ କରାଯିବ। ଏହାକୁ ଗ୍ରେଡ୍ ୮-୧୦ ଶିକ୍ଷକମାନଙ୍କ ପାଇଁ ପ୍ରସ୍ତୁତ କରାଯାଇଛି। ଏହି କାର୍ଯ୍ୟକ୍ରମ ସାରା ଦେଶରେ ୧୦ଟି ସହରରେ ସେପ୍ଟେମ୍ବର ୧୧, ୨୦୧୯ ଠାରୁ ଆରମ୍ଭ କରାଯାଇଛି। ବର୍ତମାନ ସମୟରେ ଏଆଇ ଓ ଇଂଟେଲିଜେଂଟ ଟେକ୍ନୋଲୋଜି ବହୁଳ ଭାବରେ ପ୍ରସାରିତ ହେଉଛି ଯଦ୍ୱାରା ବିଭିନ୍ନ ଉଦ୍ୟୋଗର କାର୍ଯ୍ୟଶୈଳୀରେ ପରିବର୍ତନ ଆସୁଛି। ଭବିଷ୍ୟତର କର୍ମଚାରୀମାନଙ୍କୁ ଦକ୍ଷ କରାଇବା ନିମନ୍ତେ, ଶିକ୍ଷକମାନଙ୍କ ମଧ୍ୟରେ ଦକ୍ଷତା ବିକାଶର ଆବଶ୍ୟକତା ରହିଛି। ଏହି ପ୍ରକ୍ରିୟା ମାଧ୍ୟମରେ ଟେକ୍ନୋଲୋଜିକୁ ଶିକ୍ଷଣ ପ୍ରକ୍ରିୟାରେ ସାମିଲ୍ କରାଯାଇପାରିବ।

ଏହି କାର୍ଯ୍ୟକ୍ରମ ଜରିଆରେ ଶିକ୍ଷକମାନେ ସଦ୍ୟତମ ଇନ୍‌ଫରମେସନ୍ ଓ କମ୍ୟୁନିକେସନ୍ ଟେକ୍ନୋଲୋଜି (ଆଇସିଟି) ବିଷୟରେ ଜାଣିପାରିବେ ଓ ଏହାଦ୍ୱାରା ଟେକ୍ନୋଲୋଜିକୁ ନିରାପଦ ଓ ସୁରକ୍ଷିତ ଭାବରେ ସମନ୍ୱୟ କରାଯାଇପାରିବ ଫଳସ୍ୱରୂପ ୨୧ଶ ଶତାବ୍ଦୀର ଛାତ୍ରମାନଙ୍କର ପଠନ ଦକ୍ଷତାରେ ଉନ୍ନତି ଅଣାଯାଇପାରିବ। ସିବିଏସ୍ଇ ଦ୍ୱାରା ମନୋନୀତ ହୋଇଥିବା ୧୦୦୦ ଜଣ ଶିକ୍ଷକ ୩-ଦିନିଆ ପ୍ରକଳ୍ପ ଭିତିକ ତାଲିମ ନେବା ସହିତ ମାଇକ୍ରୋସଫ୍ଟ ୩୬୫ ଟୁଲ୍ ଯଥା ୱାନନୋଟ୍, ଫ୍ଲିପ୍‌ଗ୍ରିଡ୍ , ଟିମ୍‌ସ, ଆଉଟଲୁକ ଓ ମାଇନକ୍ରାଫ୍ଟ ଓ ପେଂଟ୩ଡି ମାଇକ୍ରୋସଫ୍ଟ ସମ୍ବନ୍ଧରେ ନିଜର ଦକ୍ଷତା ବିକାଶ କରିପାରିବେ। ସେମାନେ ମଧ୍ୟ ଡିଜିଟାଲ୍ କାହାଣୀ କଥନ, ବିଭିନ୍ନ ଶିକ୍ଷଣକାରୀଙ୍କ ପାଇଁ ବ୍ୟକ୍ତିଗତ ପଠନ ଅଭିଜ୍ଞତା, ବିଓଟିସଏସ୍ ସୃଷ୍ଟି ପାଇଁ ଆର୍ଟିଫିସିଆଲ୍ ଇଂଟେଲିଜେନ୍ସର ବ୍ୟବହାର ବିଷୟରେ ଜାଣିପାରିବେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସେମାନେ ମାଇକ୍ରୋସଫ୍ଟର ଇନୋଭେଟିଭ୍ ଏଡୁକେଟର୍ସ ହୋଇପାରିବେ।

# ପଓ୍ୱନ ମୁଞ୍ଜାଲ୍‌ଙ୍କୁ ଏସିଆ ପାସିଫିକ୍ ଗଲ୍ଫ ହଲ୍ ଅଫ୍ ଫେମ୍ ସମ୍ମାନ

ଭୁବନେଶ୍ୱର : ବିଶ୍ୱର ବୃହତ୍ ଦୁଇଚକିଆ ଯାନ ନିର୍ମାତା ହିରୋ ମୋଟୋ କର୍ପ ଲି଼.ର ଅଧ୍ୟକ୍ଷ, ପରିଚାଳନା ନିର୍ଦ୍ଦେଶକ ଏବଂ ସିଇଓ ପଓ୍ୱନ ମୁଞ୍ଜାଲ୍‌ଙ୍କୁ ଗଲ୍ଫ ଖେଳର ବିକାଶ ପାଇଁ ଉଲ୍ଲେଖନୀୟ ଅବଦାନ ନିମନ୍ତେ ସମ୍ମାନ ଜନକ ଏସିଆ ଗଲ୍ଫ ହଲ୍ ଅଫ୍ ଫେମ୍-୨୦୧୯ ସମ୍ମାନରେ ସମ୍ମାନୀତ କରାଯାଇଛି।ବାହାମାସ୍ ସ୍ଥିତ ଆଲବାନିଠାରେ ହିରୋ ୱାର୍ଲ୍ଡ ଚ୍ୟାଲେଞ୍ଜ୍ ଅବସରରେ ଟାଇଗର ଉଡସ୍‌ଙ୍କ ନିମନ୍ତ୍ରଣ ରକ୍ଷା କରି ମୁଞ୍ଜାଲ୍ ସେଠାରେ ଯୋଗଦେଇଥିଲେ। ଏହି ସମ୍ମାନ ପ୍ରଦାନ ଉତ୍ସବରେ ଗଲ୍ଫର ଜ୍ୟାକ୍ ନିକ୍ଲାସ୍, ଗ୍ରେ ପ୍ଲେୟାର, ଡ. ଡେଭିଡ୍ ଚୁ ପ୍ରମୁଖ ଉପସ୍ଥିତ ଥିଲେ।ଗତ ୨୦ ବର୍ଷରୁ ଅଧିକ ସମୟ ଧରି ମୁଞ୍ଜାଲ୍ ଗଲ୍ଫର ବିକାଶ ପାଇଁ ବିଶ୍ୱବ୍ୟାପି ପ୍ରୟାସ ଜାରି ରଖିଛନ୍ତି। ତାଙ୍କର ଏଭଳି ଅବଦାନ ନିମନ୍ତେ ଏହି ସମ୍ମାନ ପ୍ରଦାନ କରାଯାଇଛି।

# ସେଣ୍ଟ୍ରାଲର ପାର୍ବଣ ଅଫର ସହ ଏହି ଦୀପାବଳୀ ପାଇଁ ପ୍ରସ୍ତୁତ ହୋଇ ଯାଆନ୍ତୁ

ଭୁବନେଶ୍ୱର : ଏହି ଦୀପାବଳୀକୁ ଷ୍ଟାଇଲର ସହ ପାଳନ କରିବା ପାଇଁ ସବୁଠାରୁ ଅଧିକ ଲୋକପ୍ରିୟ ଫ୍ୟାସନ ଷ୍ଟୋର ସେଣ୍ଟ୍ରାଲ ଏହାର ଗ୍ରାହକମାନଙ୍କ ପାଇଁ ଆକର୍ଷଣୀୟ ଅଫର ସବୁ ନେଇ ଆସିଛି। ଗ୍ରାହକମାନେ ୩୦୦୦ କିମ୍ବା ତାଠାରୁ ଅଧିକ ସପିଙ୍ଗ ଉପରେ ୩୦୦୦ଟଙ୍କାର ଗୋଟିଏ ସେଣ୍ଟ୍ରାଲ ଗିଫ୍ଟ ଭାଉଚର ପାଇପାରିବେ। ଏହା ବ୍ୟତୀତ ଆଇସିଆଇସିଆଇ ବ୍ୟାଙ୍କର ଡେବିଟ କିମ୍ବା କ୍ରେଡିଟ କାର୍ଡ ବ୍ୟବହାରକାରୀମାନେ ଟ.୬୦୦୦/-ର ସର୍ବନିମ୍ନ କ୍ରୟ ଉପରେ ୧୦%ର ଅତିରିକ୍ତ ରିହାତି ଏବଂ ପ୍ରତି କାର୍ଡ଼ରେ ଟ.୧୦୦୦/-ର ସର୍ବାଧିକ ରିହାତି ପାଇପାରିବେ। ଏହା ବ୍ୟତୀତ ସେଣ୍ଟ୍ରାଲ ଏହାର ଗ୍ରାହକମାନଙ୍କ ପାଇଁ ଆହୁରି ଅନେକ ଗିଫ୍ଟର ସମ୍ଭାର ମଧ୍ୟ ନେଇ ଆସିଛି।

ସେଣ୍ଟ୍ରାଲ ହାଉସ ଦେଶର ସମସ୍ତ ଫ୍ୟାସନପ୍ରେମୀ ମାନଙ୍କ ପାଇଁ ୧୦୦୦୦ରୁ ଅଧିକ ବିଶ୍ୱସ୍ତରୀୟ ଷ୍ଟାଇଲ ନେଇଆସିଛି। ଓନଲି, ଭେରୋ ମୋଡା, ଗ୍ଲୋବାଲ ଦେଶୀ ଭଳି ଆହୁରି ଅନେକ ଲୋକପ୍ରିୟ ବ୍ରାଣ୍ଡରୁ ମହିଳାମାନେ ଅନାରକଳି କୁର୍ତ୍ତୀ, ସୁନ୍ଦର ବୁଣାହୋଇଥିବା ସୁଟ ଏବଂ ଲେହେଙ୍ଗା ଆଦିର କ୍ରୟ କରିପାରିବେ। ସେହିଭଳି ପୁରୁଷମାନେ ଆଲେନ ସୋଲି, ଇଣ୍ଡିଗୋ ନେସନ, ପାର୍କ ଆଭେନ୍ୟୁ ଭଳି ବ୍ରାଣ୍ଡରୁ ଚୟନ କରିପାରୁଥିବା ବେଳେ ଛୋଟ ପିଲାମାନଙ୍କ ପାଇଁ ସ୍କୁଲର, ପେପେ ଜିନ୍ସ ଏବଂ ଆହୁରି ଅନେକ ବ୍ରାଣ୍ଡ ମଧ୍ୟ ନେଇ ଆସିଛି। ଏହି ପାର୍ବଣ ଅଫର ଗୁଡ଼ିକ ଉପରେ ସେଣ୍ଟ୍ରାଲର ସିଇଓ ଶ୍ରୀ ବିଷ୍ଣୁ ପ୍ରସାଦ କହିଛନ୍ତି ଯେ, "ଦିପାବଳୀର ଏହି ଶୁଭ ଅବସରରେ ସେଣ୍ଟ୍ରାଲ ଠାରେ ଆମେ ଆମର ଗ୍ରାହକ ମାନଙ୍କୁ ଏକ ନୂଆ ଲୁକ ଦେବା ପାଇଁ ପ୍ରସ୍ତୁତ ହୋଇ ଆସିଛୁ। ଏଠାରେ ଗ୍ରାହକମାନେ କମ ଖର୍ଚ୍ଚରେ ଅଧିକ ସପିଙ୍ଗର ସୁବିଧା ପାଇପାରିବେ।"

# ଚଳିତ ଦିପାବଳୀରେ ଦି ବଡ଼ି ସପ୍‌ରୁ ପାଆନ୍ତୁ ଆକର୍ଷଣୀୟ ଉପହାର ସମ୍ଭାର

ଦିପାବଳୀ ହେଉଛି ସବୁଠାରୁ ଅଧିକ ଆକର୍ଷଣୀୟ ଏବଂ ଅନେକ ଦିନରୁ ଅପେକ୍ଷା କରାଯାଉଥିବା ପର୍ବ, ଯେଉଁଥିରେ ଫ୍ୟାନ୍ସି ଆଲୋକ, ମିଠା, ସାଜସଜ୍ଜା ଏବଂ ଉପହାର ନେବା ଦେବାର ପରମ୍ପରା ରହିଆସିଛି। ଯେବେକି ଉକ୍ତ ପର୍ବ ଅତିନିକଟରେ, ସେତେବେଳେ ଦି ବଡ଼ି ସପ୍ ପକ୍ଷରୁ ଉକ୍ତ ଉପଯୁକ୍ତ ଅବସରରେ ଆକର୍ଷଣୀୟ ରେଞ୍ଜର ଉପହାର ବିକଳ୍ପ ଉପଲବ୍ଧ। ମିଠା ବକ୍ସ ଏବଂ ପାରମ୍ପରିକ ଡ୍ରାଏ ଫ୍ରୁଟସ୍ ବଦଳରେ ଏକ ଅନନ୍ୟ ଉପାୟରେ ସୁନ୍ଦରଭାବେ ସଜ୍ଜିତ ହୋଇଥିବା ଦି ବଡ଼ି ସପ୍‌ର ଉପହାର ବକ୍ସକୁ ଦିଅନ୍ତୁ।ସୁନ୍ଦରଭାବେ ସଜ୍ଜିତ ହୋଇଥିବା ଉପହାର ବାକ୍ସରେ ଦି ବଡ଼ି ସପ୍ ପକ୍ଷରୁ ସମ୍ପୂର୍ଣ୍ଣ ବିଶ୍ୱରୁ ବିଭିନ୍ନ ଉତ୍ପାଦ ସୃଙ୍ଖଳ ଯେପରିକି, ବ୍ରିଟିସ୍ ରୋଜ୍, ଆଲମଣ୍ଡ ମିଲ୍କ ଏବଂ ମହୁ,ଷ୍ଟ୍ରବେରୀ ଜସମିନ ମୋରିଙ୍ଗା, ଆରଗାନ ଏବଂ ଆହୁରି ଅଧିକ। ଆକର୍ଷଣୀୟ ଆଗରୁ ତିଆରି ହୋଇଥିବା ଉପହାରରେ କିମ୍ବା ଆପଣଙ୍କ ପ୍ୟାକେଜିଂ ପାଇଁ ଅଣାଯାଇଥିବା ଏହି ସମ୍ଭାରରେ ଦି ବଡ଼ି ସପ୍‌ରୁ ଆପଣଙ୍କର ପସନ୍ଦ ମୁତାବକ ଉତ୍ପାଦ ସହିତ ଷ୍ଟୋରରେଥିବା ବିଶେଷ ପାକେଜ୍ ସହିତ ଉପଲବ୍ଧ। ଦି ବଡ଼ି ସପ୍‌ରେ, ଆମ୍ଭେମାନେ ବିଶ୍ୱାସ କରୁକି, ଜଣେ ସର୍ବଦା ଭିତରୁ ଏବଂ ବାହାରୁ ସୁନ୍ଦର ହେବା ଆବଶ୍ୟକ। ଆମ ମାନଙ୍କ ପାଇଁ ପରିଷ୍କାର ଚେହେରା ହେଉଛି ସୁନ୍ଦର ଚେହେରା ଅପେକ୍ଷା ବହୁତ ଭଲ। ଏହା ହେଉଛି ଖୁବ୍ ଭଲ ଅନୁଭବ କରିବା ଏବଂ ଭଲ କରିବା ପାଇଁ ମଧ୍ୟ। ଆମ୍ଭେମାନେ ସଚ୍ଚୋଟତାର ସହିତ ବ୍ୟବସାୟ କରୁଛୁ, ତେଣୁ ଗୋଷ୍ଠୀ ଏବଂ ସର୍ବୋପରି ଆମର ଗ୍ରାହକମାନେ ମଧ୍ୟ ଏଥିରୁ ଉପକାର ପାଇପାରୁଛନ୍ତି। ଆମ୍ଭେମାନେ ଆମିଷ ବିରୁଦ୍ଧରେ ଏବଂ ଆମର ସମସ୍ତ ଉତ୍ପାଦ ଗୁଡ଼ିକ ହେଉଛି ୧୦୦% ସାକାହାରୀ।

ଚଳିତ ଦିପାବଳୀ ଅବସରରେ ଦି ବଡ଼ି ସପର ସମ୍ପୂର୍ଣ୍ଣ ସୌନ୍ଦର୍ଯ୍ୟ ଉପହାର ପ୍ରଦାନ କରନ୍ତୁ ଏବଂ କୌଣସି ତ୍ରୁଟିନଥିବା, ପ୍ରାକୃତିକ ଏବଂ ନୈତିକ ଉପହାରକୁ ଉପଭୋଗ କରନ୍ତୁ।

# ବେଦାନ୍ତ ଲାଞ୍ଜିଗଡ଼ ପକ୍ଷରୁ ଗୁରୁ ଦିବସ ଉପଲକ୍ଷେ ଶିକ୍ଷକ ମାନଙ୍କୁ ଦ୍ରୋଣାଚାର୍ଯ୍ୟ ସମ୍ମାନରେ ସମ୍ମାନୀତ



ଲାଞ୍ଜିଗଡ଼: ବେଦାନ୍ତ ଆଲୁମିନିୟମ୍ ପକ୍ଷରୁ ଲାଞ୍ଜିଗଡଠାରେ ଗୁରୁ ଦିବସ ପାଳିତ ହୋଇଛି। ଏହି ଅବସରରେ ଲାଞ୍ଜିଗଡ଼ ବ୍ଲକ୍‌ର ୬ଟି ଗ୍ରାମ ପଂଚାୟତର ୩୫ ପ୍ରଧାନଶିକ୍ଷକ, ଶିକ୍ଷକ ଏବଂ ଶିକ୍ଷୟିତ୍ରୀଙ୍କୁ ଦ୍ରୋଣାଚାର୍ଯ୍ୟ ସମ୍ମାନରେ ସମ୍ମାନୀତ କରାଯାଇଛି। ଲାଞ୍ଜିଗଡ଼ ବ୍ଲକ୍‌ର ଲାଞ୍ଜିଗଡ଼, ବସନ୍ତପଡ଼ା, ବାତେଲିମା, ଜଗନ୍ନାଥପୁର, ଛତ୍ରପୁର ଏବଂ ଚମ୍ପାଦେଇପୁରର କୃତୀ ଶିକ୍ଷକଙ୍କୁ ସମ୍ମାନ ଜନକ ଶିଲ୍ଡ ପ୍ରଦାନ କରାଯାଇଛି।ଏହି ଅବସରରେ ବେଦାନ୍ତ ଆଲୁମିନିୟମ୍ ଲାଞ୍ଜିଗଡ଼ ୟୁନିଟ୍‌ର ମୁଖ୍ୟ ପରିଚାଳନା ଅଧିକାରୀ ଶ୍ରୀ ରାକେଶ ମୋହନ କହିଲେ, ଶିକ୍ଷା ଆମର ମାନସିକ ତଥା ଆତ୍ମାର ବିକାଶ କରିଥାଏ। ଶିକ୍ଷକ ସମାଜର ଆଲୋକ ବର୍ତିକା ସଦୃଶ। ଶିକ୍ଷକ ଶିକ୍ଷାର୍ଥଙ୍କୁ ଜ୍ଞାନର ଆଲୋକ ପ୍ରଦାନ କରାଇଥାନ୍ତି। ଲାଞ୍ଜିଗଡ଼ ଜନସାଧାରଣଙ୍କର ବିକାଶ ପାଇଁ ବେଦାନ୍ତ ପ୍ରତିଶ୍ରୁତିବଦ୍ଧ।

ଏହି ଅବସରରେ ୪୬ଟି ସ୍କୁଲର ଶିକ୍ଷକଙ୍କୁ ଦ୍ରୋଣାଚାର୍ଯ୍ୟ ସମ୍ମାନ କାର୍ଯ୍ୟକ୍ରମରେ ଯୋଗଦେବାପାଇଁ ନିମନ୍ତ୍ରଣ କରାଯାଇଥିଲା। ସମସ୍ତ ଶିକ୍ଷକଙ୍କୁ ସମ୍ମାନୀତ କରାଯାଇଥିଲା। ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୨ ଜଣ ପ୍ରଧାନଶିକ୍ଷକ, ଶିକ୍ଷକ ଏବଂ ଶିକ୍ଷୟିତ୍ରୀଙ୍କୁ ଏହି ସମ୍ମାନରେ ସମ୍ମାନୀତ କରାଯାଇଥିଲା।

# ସାମସଙ୍ଗ ପକ୍ଷରୁ ନୂତନ ଗ୍ୟାଲେକ୍ସି ଏ୫୦ଏସ ଏବଂ ଏ୩୦ଏସର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ କଞ୍ଜ୍ୟୁମର ଇଲେକ୍ଟ୍ରୋନିକ ଏବଂ ସ୍ମାର୍ଟଫୋନ ବ୍ରାଣ୍ଡ ସାମସଙ୍ଗ ପକ୍ଷରୁ ଆଜି ଏହା ନୂତନ ପ୍ରିମିୟମ ଡିଜାଇନର ଗ୍ୟାଲେକ୍ସି ଏ୫୦ଏସ ଏବଂ ଏ୩୦ଏସର ଶୁଭାରମ୍ଭ କରାଯାଇଛି। ଏହି ନୂତନ ସ୍ମାର୍ଟଫୋନ ଦ୍ୱୟ ନାଇଟ ମୋଡ, ସୁପର ଷ୍ଟେଡି ମୋଡ, ସାମସଙ୍ଗ ପେ, ୪,୦୦୦ ଏମଏଏଚ ବ୍ୟାଟେରୀ, ୧୫ୱାଟ ଦ୍ରୁତ ଚାର୍ଜିଙ୍ଗ କ୍ଷମତା ଏବଂ ଶକ୍ତିଶାଳୀ ପ୍ରୋସେସର ସହ ଗେମ ବୁଷ୍ଟର ଭଳି ଉନ୍ନତ ଜ୍ଞାନକୌଶଳ ସହ ସ୍ୱତନ୍ତ୍ର ବୈଶିଷ୍ଟ୍ୟମାନଙ୍କ ସହ ସର୍ବୋତ୍ତମ ପ୍ରଦର୍ଶନ କରିଥାଏ। ଏହି ଗ୍ୟାଲେକ୍ସି ଏ୫୦ଏସ ଏବଂ ଏ୩୦ଏସ ସୁରକ୍ଷିତ ହୋଲୋଗ୍ରାଫିକ ଇଫେକ୍ଟ ସହ ପ୍ରିସମ କ୍ରସ ବ୍ଲାକ, ପ୍ରିସମ କ୍ରସ ହ୍ୱାଇଟ ଏବଂ ପ୍ରିସମ କ୍ରସ ଭାୟୋଲେଟ ଭଳି ଆକର୍ଷଣୀୟ ରଙ୍ଗରେ ଉପଲବ୍ଧ ହେଉଛି। ଗ୍ୟାଲେକ୍ସି ଏ୫୦ଏସ ଏହାର ନୂତନ ଏବଂ ଶକ୍ତିଶାଳୀ ୪୮ ଏମପି କ୍ୟାମେରା ଏବଂ ଗ୍ୟାଲେକ୍ସି ଏ୩୦ଏସ ଏକ ବିକଶିତ ୨୫ଏମପି ମୁଖ୍ୟ କ୍ୟାମେରା, ୮ଏମପି ଅଲଟ୍ରା ୱାଇଡ କ୍ୟାମେରା ଏବଂ ଏକ ନୂତନ ୫ଏମପି ଡେପ୍‌ଥ କ୍ୟାମେରା ଭଳି ତିନୋଟି ବିଶିଷ୍ଟ ପଛ କ୍ୟାମେରାରେ ସୁସଜ୍ଜିତ ହୋଇ ଆସିଛି। ଏହି ଅବସରରେ ସାମସଙ୍ଗ ଇଣ୍ଡିଆ, ମୋବାଇଲ ବିଜନେସ, ବରିଷ୍ଠ ଉପାଧ୍ୟକ୍ଷ ତଥା ମାର୍କେଟିଙ୍ଗ ମୁଖ୍ୟ ଶ୍ରୀ ରଞ୍ଜିବଜିତ ସିଂହ କହିଛନ୍ତି ଯେ, "ଜ୍ଞାନକୌଶଳରେ ବିଶ୍ୱସ୍ତରୀୟ ଅଗ୍ରଣୀ କମ୍ପାନୀ ରୂପେ ଆମେ ଆମ ଉପଭୋକ୍ତାଙ୍କୁ ଅର୍ଥପୂର୍ଣ୍ଣ ଅଭିନବୀକରଣ ପ୍ରଦାନ କରିବା ନିମନ୍ତେ ସମର୍ପିତ ଅଟୁ। ଆମର ସବୁଠାରୁ ଉନ୍ନତ ଗ୍ୟାଲେକ୍ସି ଏ୫୦ଏସ ଏବଂ ଏ୩୦ଏସ ଲକ୍ଷ ଲକ୍ଷ ଯୁବକଙ୍କୁ ଶ୍ରେଷ୍ଠ ସ୍ମାର୍ଟଫୋନ ଅନୁଭୂତି ପ୍ରଦାନ କରିବା ପାଇଁ ପ୍ରସ୍ତୁତ ହୋଇଛି।" ଗ୍ୟାଲେକ୍ସି ଏ୫୦ଏସର ୬/୧୨୮ଜିବି ସଂସ୍କରଣର ମୂଲ୍ୟ ମାତ୍ର ୨୪,୯୯୯ ଟଙ୍କା, ୪/୧୨୮ ଜିବି ର୍ୟାମ ବିଶିଷ୍ଟ ସଂସ୍କରଣର ମୂଲ୍ୟ ମାତ୍ର ୨୨,୯୯୯ ଟଙ୍କା ଏବଂ ଗ୍ୟାଲେକ୍ସି ଏ୩୦ଏସର ୪/୬୪ ଜିବି ସଂସ୍କରଣର ମୂଲ୍ୟ ମାତ୍ର ୧୬,୯୯୯ଟଙ୍କା ଥିବା ବେଳେ ଚଳିତ ବର୍ଷ ସେପ୍ଟେମ୍ବର ୧୧ରୁ ଉକ୍ତ ଡିଭାଇସ ଗୁଡ଼ିକ ସମସ୍ତ ଅଫଲାଇନ ଚ୍ୟାନେଲ, ସାମସଙ୍ଗ ଅପେରା ହାଉସ, ସାମସଙ୍ଗ ଇ-ସପ ଏବଂ ଅଗ୍ରଣୀ ଅନଲାଇନ ପୋର୍ଟାଲ ଗୁଡ଼ିକରେ ଉପଲବ୍ଧ ହୋଇଯିବ। ଏହି ନୂତନ ଗ୍ୟାଲେକ୍ସି ଏ ସିରିଜ ମଡେଲ ଗୁଡ଼ିକ ପାଇଁ ଜିଓ ବ୍ୟବହାରକାରୀ ମାନେ ଟ.୧୯୮ ଏବଂ ଟ.୨୯୯ର ପ୍ଲାନ ଉପରେ ଦୁଇଗୁଣ ଡାଟା ଉପଭୋଗ କରିପାରିବେ (ସର୍ବାଧିକ: ୧୨ଟି ରିଚାର୍ଜରେ)।

# ବିଗ୍ ବଜାର ପକ୍ଷରୁ ପ୍ଲାଷ୍ଟିକ୍ ସଚେତନତା କାର୍ଯ୍ୟକ୍ରମ



ଭୁବନେଶ୍ୱର: ଫ୍ୟୁଚର ଗ୍ରୁପର ପ୍ରମୁଖ ବ୍ରାଣ୍ଡ ବିଗ୍ ବଜାର ୟୁନାଇଟେଡ଼୍ ନେସନସ୍ ଡ଼େଭଲପମେଣ୍ଟ ପ୍ରୋଗ୍ରାମ (ୟୁଏନ୍‌ଡ଼ିପି) ଏବଂ ହିନ୍ଦୁସ୍ଥାନ କୋକାକୋଲା ବେଭେରେଜସ ପ୍ରାଇଭେଟ୍ ଲିମିଟେଡ଼୍ (ଏଚ୍‌ସିସିବିପିଏଲ) ସହ ହାତ ମିଳାଇ ପ୍ଲାଷ୍ଟିକର ସଦବ୍ୟବହାର ଏବଂ ଏହାର ପୃଥକୀକରଣ ସମ୍ବନ୍ଧରେ ଜନ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ 'ପ୍ଲାଷ୍ଟିକ୍ ଭରୋ–ରିସାଇକେଲ କରୋ' ଶୀର୍ଷକ ଅଭିଯାନ ଆରମ୍ଭ କରିଛି। ଏହି ଅଭିଯାନ ସେପ୍ଟେମ୍ବର ୧୧ରୁ ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ।

ଭୁବନେଶ୍ୱର ମ୍ୟୁନିସିପାଲଟି କର୍ପୋରେସନ୍ କମିଶନର ଶ୍ରୀ ପ୍ରେମ ଚନ୍ଦ୍ର ଚୌଧୁରୀ(ଆଇଏଏସ୍), ଆଡିସନାଲ କମିଶନର ଶୁରଥ ଚନ୍ଦ୍ର ମଲ୍ଲିକ୍, ଡେପୁଟି କମିଶନର ଶ୍ରୀ ଶୁଭେନ୍ଦୁ କୁମାର ସାହୁ, ଷ୍ଟେଟ୍ ପଲ୍ୟୁସନ୍ କନ୍ଟ୍ରୋଲ ବୋର୍ଡ ଓଡ଼ିଶାର ବରିଷ୍ଠ ବୈଜ୍ଞାନିକ ଶ୍ରୀ ବି.କେ. ନାୟକ, ୟୁନାଇଟେଡ୍ ନେସ୍‌ନ ଡେଭଲପମେଣ୍ଟ ପ୍ରୋଗ୍ରାମର ଡେପୁଟି ରେସିଡେଣ୍ଟ ରିପ୍ରେଜେଣ୍ଟେଟିଭ୍ ନାଦିଆ ରସିଦ୍, ଡେପୁଟି ଡାଇରେକ୍ଟର ରାକେଶ କୁମାରଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା।

ସରକାରଙ୍କ ପକ୍ଷରୁ ପ୍ଲାଷ୍ଟିକ ବର୍ଜ୍ୟ ପରିଚାଳନା ଏବଂ ଏହାର ସଠିକ୍ ପୃଥକୀକରଣ ନିମନ୍ତେ ଦିଆଯାଇଥିବା ଆହ୍ୱାନକୁ ଲକ୍ଷ୍ୟରେ ରଖି ପ୍ଲାଷ୍ଟିକ୍ ଭରୋ ରିସାଇକେଲ୍ କରୋ ଅଭିଯାନ ଆରମ୍ଭ ହୋଇଛି। ୟୁଏନ୍‌ଡ଼ିପି ଏବଂ ଏଚ୍‌ସିସିବି ଦ୍ୱାରା ଦେଶର ୨୦ଟି ସହରରେ ଆଗରୁ ଚାଲୁଥିବା ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ପରିଚାଳନା କାର୍ଯ୍ୟକ୍ରମକୁ ବିଗ୍ ବଜାରର ଏହି ଅଭିଯାନ ତ୍ୱରାନ୍ୱିତ କରିବ। ଏହି ଅଭିଯାନ ମାଧ୍ୟମରେ ଦେଶର ୫୦ଟି ସହରରୁ ୮୫୦୦୦ ମେଟ୍ରିକ ଟନ୍ ପ୍ଲାଷ୍ଟିକ ବର୍ଜ୍ୟ ସଂଗ୍ରହ କରାଯିବାର ଲକ୍ଷ୍ୟ ରଖାଯାଇଛି। ସ୍ୱଚ୍ଛ ଭାରତ ଅଭିଯାନର ଗାଇଡ଼ ଲାଇନ ଅନୁସାରେ ଏକ ସୋସିଓ ଟେକ୍‌ନିକାଲ୍ ମଡ଼େଲ (ସେଗ୍ରିଗେସନ/ କଲେକସନ/ ରିସାଇକ୍ଲିଂ) ମାଧ୍ୟମରେ ଏହି ପ୍ଲାଷ୍ଟିକ ବର୍ଜ୍ୟର ସଠିକ୍ ବ୍ୟବହାର କରାଯିବ। ୨୦୩୦ ମସିହା ମଧ୍ୟରେ ଏକ ସମାନ୍ତରଣ ଓ ସୁରକ୍ଷିତ ପୃଥିବୀ ପ୍ରସ୍ତୁତ କରିବା ଲକ୍ଷ୍ୟରେ ସାରା ବିଶ୍ୱରେ ରଖାଯାଇଥିବା ୧୭ଟି ସସଟେନେବଲ ଡ଼େଭଲପମେଣ୍ଟ ଗୋଲ ମଧ୍ୟରୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ୧୪ଟି ଗୋଲକୁ ପୂରଣ କରାଯାଇପାରିଛି।

ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବିଗ୍ ବଜାର ସହ ସହଯୋଗୀତା ବିଷୟରେ ୟୁଏନ୍‌ଡ଼ିପିର ଇଣ୍ଡିଆନ ରେସିଡ଼େଣ୍ଟ ରିପ୍ରେଜେଣ୍ଟେଟିଭ ଶୋକା ନୋଡ଼ା କହିଲେ ବିଗ ବଜାର ଓ ଭୁବନେଶ୍ୱର ମ୍ୟୁନିସିପାଲଟି କର୍ପୋରେସନ ସହ ମିଳିତ ଭାବେ ଆରମ୍ଭ ହୋଇଥିବା ଏହି ଅଭିଯାନର ମୂଳ ଲକ୍ଷ୍ୟ ହେଲା ପ୍ଲାଷ୍ଟିକ ବର୍ଜ୍ୟ ବସ୍ତୁ ପରିଚାଳନା ସମ୍ବନ୍ଧରେ ଜନ ସଚେତନତା ସୃଷ୍ଟି କରିବା।

## ହିମାଳୟ ପ୍ୟୁରିଫାଇଙ୍ଗ ନିମ ଫେସୱାସ ପକ୍ଷରୁ ଭୁବନେଶ୍ୱରରେ ସର୍ବ ଭାରତୀୟ ଅଭିଯାନ "ମାଇଁ ଫାର୍ଷ୍ଟ ପିମ୍ପଲ" ର ତୃତୀୟ ପର୍ଯ୍ୟାୟ



ଭୁବନେଶ୍ୱର: ଭାରତର ଅଗ୍ରଣୀ ଫେସୱାସ ବ୍ରାଣ୍ଡ ହିମାଳୟାନ ପ୍ୟୁରିଫାଇଙ୍ଗ ନିମ ଫେସ ୱାସ ପକ୍ଷରୁ ଅଭିଯାନ "ମାଇଁ ଫାର୍ଷ୍ଟ ପିମ୍ପଲ" ର ତୃତୀୟ ପର୍ଯ୍ୟାୟ ସାନ୍ତନୁ ଇଂରାଜୀ ମିଡିୟମ ବିଦ୍ୟାଳୟରେ ଆୟୋଜିତ ହୋଇଛି। "ମାଇଁ ଫାର୍ଷ୍ଟ ପିମ୍ପଲ" ଅଭିଯାନ ଏକ ସ୍ୱତନ୍ତ୍ର ପଦକ୍ଷେପ ଯାହା ୧୩-୧୪ ବର୍ଷର କିଶାରୀ ମାନଙ୍କ ସହ ସଂଯୋଗ ସ୍ଥାପନ କରି ସେମାନଙ୍କ ବର୍ଦ୍ଧିଷ୍ଣୁ ଅବସ୍ଥାରେ ସେମାନେ ସାମ୍ନା କରୁଥିବା ବ୍ରଣ ସମସ୍ୟା ସମେତ ମାନସିକ ଏବଂ ଶାରିରୀକ ସମସ୍ୟା ଗୁଡ଼ିକୁ ସମାଧାନ କ୍ଷେତ୍ରରେ ପ୍ରୋତ୍ସାହିତ କରିବାର ଉଦ୍ଦେଶ୍ୟ ରଖିଥାଏ। ଭୁବନେଶ୍ୱର ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାନ୍ତନୁ ଇଂରାଜୀ ମିଡିୟମ ବିଦ୍ୟାଳୟର ୨୦୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ଏହି ଅବସରରେ ଅତିଥି ବକ୍ତା ଭାବେ ଆନ୍ତର୍ଜାତୀୟ କରାଟେ ପ୍ରଶିକ୍ଷକ ଭାଲେନା ଭାଲେଣ୍ଟିନା, ହିମାଳୟ ଡ୍ରଗ କମ୍ପାନୀ, ଉପଭୋକ୍ତା ଉତ୍ପାଦ ବିଭାଗ, ଫେସ ୱାସ ବ୍ରାଣ୍ଡର ପରିଚାଳକ, କିର୍ତ୍ତୀକା ଦାମୋଧରନ ମଧ୍ୟ ଉପସ୍ଥିତ ଥିଲେ। ଏହି ବ୍ୟସ୍ତତାମୟ ଅଧିବେସନ ମାଧ୍ୟମରେ ଭାଲେନା ଛାତ୍ରଛାତ୍ରୀ ମାନଙ୍କ ସହ ଯୋଡ଼ି ହୋଇଥିଲେ ଏବଂ ସେ କିଭଳି ନିଜର କିଶୋର ଅବସ୍ଥାରେ ସବୁବେଳେ ସକାରାତ୍ମକ ରହିବାର ପ୍ରୟାସ କରୁଥିଲେ ଏବଂ କୌଣସି ବାଧାବିଘ୍ନରେ ମଧ୍ୟ ଭାଙ୍ଗି ପଡୁନଥିଲେ ସେହି ବିଷୟରେ ବର୍ଣ୍ଣନା କରିଥିଲେ। ଏହି ସ୍ୱତନ୍ତ୍ର ପଦକ୍ଷେପ ସହ ନିଜର ସଂଯୋଗ ସମ୍ପର୍କରେ ଭାଲେନା ଭାଲେଣ୍ଟିନା କହିଛନ୍ତି, "ପ୍ରତ୍ୟେକ ନିଜର ଗଠନାତ୍ମକ ଅବସ୍ଥାରେ ଏହି ବ୍ରଣ ଜନିତ ସମସ୍ୟାକୁ ଅନୁଭୂତି କରନ୍ତି ଏବଂ ରୂପ ଚେହେରାର କ୍ରମାଗତ ବ୍ୟସ୍ତତା ସେମାନଙ୍କ ମନୋବଳକୁ ମଧ୍ୟ ପ୍ରଭାବିତ କରିଥାଏ।

# ରୟାଲ ଷ୍ଟାଗ୍ ବ୍ୟାରେଲର ରାଜ ସିଂ ଚୌଧୁରୀଙ୍କ ଲାର୍ଜସଟ୍ ଫିଲ୍ମ "ଦି ଲାଷ୍ଟ ଚାପ୍ଟର"

ଭୁବନେଶ୍ୱର : ରୟାଲ ଷ୍ଟାଗ୍ ବ୍ୟାରେଲ ସିଲେକ୍ଟ ଲାର୍ଜସଟ୍ ଫିଲ୍ମ "ଦି ଲାଷ୍ଟ ଚାପ୍ଟର" ର ଉପସ୍ଥାପନା କରୁଛନ୍ତି। ବଲିଉଡର ନାମୀ ଅଭିନେତା ରାଜ ସିଂ ଚୌଧୁରୀ ଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ଏହି ଚଳଚ୍ଚିତ୍ରରେ ପ୍ରମୁଖ ଭୂମିକାରେ କେ.କେ. ମେନନ୍ ରହିଛନ୍ତି। ଏହି ଚଳଚ୍ଚିତ୍ରରେ ଜଣେ ପିତା ଏବଂ ଝିଅ ମଧ୍ୟରେ ଥିବା ଏକ ଦୁଃଖ ଦାୟକ ଓ ଜଟିଳ ସଂପର୍କକୁ ପ୍ରଦର୍ଶନ କରାଯାଇଛି। ଭୁଲରେ ହଉ ଅଥବା ରାଗରେ ନାୟକ ଦେଖାଇଥିବା ବିରୋଧାଭାଷ ଏଥିରେ ଦର୍ଶକଙ୍କୁ ଏହା ଚିନ୍ତା କରିବାକୁ ଦେଉଛି ଯେ, ଆମେ ନେଉଥିବା ପଦକ୍ଷେପ କିଭଳି ଆମ ଚାରିପାଖରେ ଥିବା ବ୍ୟକ୍ତିବିଶେଷଙ୍କୁ ପ୍ରଭାବିତ କରୁଛି, ତାହା ଏହି ଫିଲ୍ମରେ କେ.କେ. ମେନନ୍ ପ୍ରତିପାଦିତ କରିଛନ୍ତି।

ଚଳଚ୍ଚିତ୍ରର କାହାଣୀର ରଚୟିତା ଚଳିତ ବର୍ଷର ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ ହେଇଛନ୍ତି। "ଦି ଲାଷ୍ଟ ଚାପ୍ଟର" ର ମୁଖ୍ୟ ଚରିତ୍ର ହେଉଛନ୍ତି ଡ. ବିନାୟକ ସତ୍ୟା ଯେ କି ଜଣେ ଜଣାଶୁଣା ସାମାଜିକ କର୍ମୀ ସର୍ବଦା ମହିଳା ମାନଙ୍କ ସମସ୍ୟା ବିଷୟରେ ସ୍ୱର ଉତୋଳନ କରନ୍ତି। ଚଳଚ୍ଚିତ୍ରର ଅନ୍ୟ ଜଣେ ଚରିତ୍ର "ରୋଶନୀ" ଯେ କି ଡ.ସତ୍ୟା ଙ୍କ ଜଣେ ଅବୈଧ କନ୍ୟା ଏବଂ ଜଣେ ଯୌନକର୍ମୀ। ଜୀବନର ଅନେକ ଘଟଣା ଚକ୍ରରେ ରୋଶନୀର ଡ.ସତ୍ୟାଙ୍କ ସହ ମୁହାଁମୁହିଁ ହୁଏ, ଯେଉଁଥିରେ ବାଙ୍ଗଲାଦେଶୀ ପ୍ରବାସୀଙ୍କ ପ୍ରତି ରହିଥିବା ଡ.ସତ୍ୟାଙ୍କର ନୈତିକତାର ଅଭାବ ବାରି ହୋଇଯାଏ।

ଏହି ସଂପର୍କରେ ପରନୋଡ ରିକାର୍ଡ ଇଣ୍ଡିଆର ମୁଖ୍ୟ ବିପଣନ ଅଧିକାରୀ କାର୍ତିକ ମହିନ୍ଦ୍ରା କୁହନ୍ତି ଯେ, କ୍ଷୁଦ୍ର ଚଳଚିତ୍ର ଶିଳ୍ପର ନାଟକୀୟ ଅଭିବୃଦ୍ଧି ଘଟିଛି। ରୟାଲ ଷ୍ଟାଗ୍ ବ୍ୟାରେଲ ସିଲେକ୍ଟ ଲାର୍ଜସଟ୍ ଫିଲ୍ମ ଦର୍ଶକଙ୍କ ମଧ୍ୟରେ ପରିବର୍ତନ ଆଣିବାରେ ଆଗରେ ରହିବ। ଆମର ପ୍ଲାଟଫର୍ମରେ "ଦି ଲାଷ୍ଟ ଚାପ୍ଟର" ର ଶୁଭ ମୁକ୍ତିକୁ ନେଇ ବେଶ୍ ଉତ୍ସାହିତ।

ରୟାଲ ଷ୍ଟାଗ୍ ବ୍ୟାରେଲ୍ 'ମେକ୍ ଇଟ୍ ପରଫେକ୍ଟ' ଉପରେ ବିଶ୍ୱାସ କରିଥାଏ। ଏହା ବଲିଉଡ୍‌ର ସୃଜନଶୀଳ ନିର୍ଦ୍ଦେଶକଙ୍କୁ ମୁଖ୍ୟସ୍ରୋତରେ ସାମିଲ୍ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ରୟାଲ ଷ୍ଟାଗ୍ ବ୍ୟାରେଲ୍ ଏକ ସଫଳ ପ୍ଲାଟଫର୍ମ ଭାବରେ ବେଶ୍ ଖ୍ୟାତି ହାସଲ କରିପାରିଛି ଏବଂ ଫିଲ୍ମ ନିର୍ମାତାଙ୍କୁ ପ୍ରୋତ୍ସାହିତ କରିପାରୁଛି।

ରୟାଲ୍‌ଷ୍ଟାଗ୍ କ୍ଷୁଦ୍ର ଫିଲ୍ମ ଶୁଭମୁକ୍ତ କାର୍ଯ୍ୟ ଜାରି ରଖିଛି। ଇତି ମଧ୍ୟରେ ଏହା ଦ୍ୱାରା ଅହଲ୍ୟା, ଇଂଟରିଅର୍ କେଫ୍-ନାଇଟ୍, ଓଉଚ୍, ଚଟ୍‌ନି, ଅନୁକୂଳ, ମୁମ୍ବାଇ ବାରାଣସୀ ଏକ୍ସପ୍ରେସ୍, ଖୁଲ୍ ୱାଲି ଚିଠି, ଦି ସ୍କୁଲ ବ୍ୟାଗ୍, ବ୍ରୁନୋ ଆଣ୍ଡ ଜୁଲିଏଟ୍, ଶୂନ୍ୟତା, ଜୁଇସ୍, ମା', ଚୁରୀ, ହର୍ ଫାଷ୍ଟ ଟାଇମ୍, ଇକତରଫା ଆଦି ଚଳଚ୍ଚିତ୍ର ଶୁଭମୁକ୍ତି ହୋଇ ପାରିଛି।

# ଇନଫୋସିସ ଫିନାକେଲ ଡିଜିଟାଲ ବ୍ୟାଙ୍କ ପକ୍ଷରୁ ଶିବାଲିକ ବ୍ୟାଙ୍କରେ କ୍ଲାଉଡ ପ୍ରଯୁକ୍ତିର ବ୍ୟବହାର

ଭୁବନେଶ୍ୱର : ଏଜଭର୍ବେ ସିଷ୍ଟମର ଅଂଶ ଇନଫୋସିସ ଫିନାକେଲ ଯାହା ଇନଫୋସିସର ଏକ ପୂର୍ଣ୍ଣ ସହାୟକ କମ୍ପାନୀ, ଶିବାଲିକ ମର୍କାଣ୍ଟାଇଲ କୋଅପରେଟିଭ ବ୍ୟାଙ୍କ ଲିମିଟେଡ ସହ ମିଶି କ୍ଲାଉଡ ମାଧ୍ୟମରେ ଏହା ଫିନାକେଲ ଡିଜିଟାଲ ବ୍ୟାଙ୍କିଙ୍ଗ ସୁଟର ସ୍ଥାପନା କରିଛି। ଏହା ବ୍ୟାଙ୍କର ଆବଶ୍ୟକତା ସହ ବଢୁଥିବା ଉତ୍ପାଦ ଏବଂ ସେବାକୁ ସିଠିକ ରୂପେ ପରିଚାଳନା କରିବା ପ୍ରତି ଗ୍ରାହକଙ୍କୁ ଏକ ଅବିରତ ସେବାର ଅନୁଭବ ପ୍ରଦାନ କରିବ।ଏକ ସବକ୍ରିପସନ ଭାବେ, ଏହି ସେବାରେ ଫିନାକେଲ କୋର ବ୍ୟାଙ୍କିଙ୍ଗ ଏବଂ ଫିନାକେଲ ଡିଜିଟାଲ ଚ୍ୟାନେଲ ସହ ମୋବାଇଲ ଏବଂ ଇଣ୍ଟରନେଟ ବ୍ୟାଙ୍କିଙ୍ଗ ସେବା ମିଳି ପାରୁଛି। ବର୍ତ୍ତମାନ ସୁଧା ଏହି ସୁବିଧାକୁ ୩ ଲକ୍ଷରୁ ଉର୍ଦ୍ଧ ଗ୍ରାହକ ଆପଣାଇ ସାରିଛନ୍ତି। ବ୍ୟାଙ୍ଗ ବର୍ତ୍ତମାନ ଏହାର ବ୍ୟାଙ୍କିଙ୍ଗ ପ୍ଲାଟଫର୍ମକୁ କ୍ୟାପିଟାଲ ଏକ୍ସପେନ୍ସ ମଡେଲରୁ ଅପରେସନାଲ ଏକ୍ସପେନ୍ସ ସେବା ମଡେଲକୁ ପରିବର୍ତ୍ତନ କରିଛି। ଯାହା ଦ୍ୱାରା ବ୍ୟାଙ୍କ କୌଣସି ଅଗ୍ରିମ ନିବେଶ ନକରି ବ୍ୟବହାର ଅନୁଯାୟୀ ପୈଠ କରେ। ଏହା ଇନ.ବିଲ୍ଟ ପ୍ରଡକ୍ଟ ପ୍ୟାକ୍ଟରି କ୍ଷମତା, ବ୍ୟାଙ୍କକୁ ବଦଳୁଥିବା ପରବେଶରେ ଗ୍ରାହକଙ୍କ ଆବଶ୍ୟକତା ଅନୁଯାୟୀ ନୂତନ ସେବା ଉତ୍ପାଦ ଦେବାରେ ସାହାର୍ଯ୍ୟ କରେ। ଏହା ଉନ୍ନତ ଏପିଆଇ ବ୍ୟାଙ୍କକୁ ଓପନ ବ୍ୟାଙ୍କିଙ୍ଗ ବ୍ୟବହାର ଏବଂ ଅନ୍ୟାନ୍ୟ ଆର୍ଥିକ ପ୍ରତିଷ୍ଠାନ ସହ ସହଭାଗିତା ରକ୍ଷା କରିବାରେ ସାହାର୍ଯ୍ୟ କରେ।

ଏହି ଅବସରରେ ଇନଫୋସିସ୍ ଫିନାକେଲର ବରିଷ୍ଠ ଉପାଧ୍ୟକ୍ଷ ଏବଂ ସେଲ୍ସର ଗ୍ଲୋବାଲ ହେଡ୍, ଭେଙ୍କଟରମନ୍ ଗୋସାଭି କହିଛନ୍ତି ଯେ, 'ଆର୍ଥିକ ଅନ୍ତର୍ଭୂକ୍ତିକରଣ ପରିଚାଳନା ଏବଂ ଅର୍ଥନୈତିକ ସମ୍ପ୍ରସାରଣରେ ସହାୟତା କରିବା ପାଇଁ ଗୋଷ୍ଠୀ ସଂପୃକ୍ତି ଏବଂ ବ୍ୟକ୍ତିଗତ ଗ୍ରାହକ ସେବା ସହିତ ସମବାୟ ବ୍ୟାଙ୍କ ଗୁଡ଼ିକ ହେଉଛନ୍ତି ମୁଖ୍ୟ ସୂତ୍ରଧର। ଆମର କ୍ଲାଉଡ଼ ସୁବିଧା ବ୍ୟବସାୟରେ ରୂପାନ୍ତରୀକରଣ ଏବଂ ହେବାକୁଥିବା ସୁବିଧାରେ ନମନୀୟତା ପ୍ରଦାନ କରିବା ପାଇଁ ଏକ ବ୍ୟୟସାପେକ୍ଷ ମାର୍ଗ ପ୍ରଦାନ କରୁଛି। ଆମ୍ଭେମାନେ ଶିବାଲିକ୍ ବ୍ୟାଙ୍କର ବ୍ୟବସାୟ ସହିତ ଅଗ୍ରଣୀ ଇନଫୋସିସ୍ ଫିନାକେଲ ସଲ୍ୟୁସନ୍‌ର ସହବନ୍ଧନକୁ ନେଇ ଅତ୍ୟନ୍ତ ଉତ୍ସାହିତ।'

# ଖେଳ



ଦୁର୍ନୀତି ବିରୋଧରେ ସଚେତନ ଜନ ଜାଗରଣ ନିମନ୍ତେ ପ୍ରତିଶ୍ରୁତିବଦ୍ଧ

**ପର୍ଯ୍ୟବେକ୍ଷକ**

PARYABEKHYAK



Bhubaneswar Monday November 04 | ଭୁବନେଶ୍ବର | ସୋମବାର, ନଭେମ୍ବର ୦୪ | **Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20** | www.paryabekhyak.com | ୮


# ଶେଷ ହେଲା ଭୁବନେଶ୍ବରରେ କିଟ୍ ନନ୍ହିପରୀ ଆଞ୍ଚଳିକ ଅଡିସନ

ଭୁବନେଶ୍ବର, ୩।୧୧(ପିଏନ): କିଟ୍ ନନ୍ହିପରୀ ଲିଟିଲ୍ ମିସ୍ ଇଣ୍ଡିଆ-୨୦୧୯ ପ୍ରତିଯୋଗିତାର ଓଡ଼ିଶା ଆଞ୍ଚଳିକ ଅଡିସନ୍ ରବିବାର ଭୁବନେଶ୍ବର କିଟ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ୧୩ ରୁ ୧୬ବର୍ଷ ବୟସର ବାଳିକାମାନେ ଅଂଶଗ୍ରହଣ କରିଥିଲେ। ଆଞ୍ଚଳିକ ଅଡ଼ିସନ୍‌ରେ ଓଲିଉଡ୍ ଅଭିନେତ୍ରୀ ପୁନମ୍ ମିଶ୍ର, କୋରିଓଗ୍ରାଫର ମନ୍ଦାକିନୀ ଜେନା, ଫେସନ୍ ଫଟୋଗ୍ରାଫର ଆଶୁତୋଷ ସାହୁ ଏବଂ ମିସ୍ କୁଇନ୍ ୟୁନିଭର୍ସ ୨୦୧୯ ପ୍ରତିମା ପଣ୍ଡା ପ୍ରମୁଖ ବିଚାରକ ଭାବେ ଯୋଗଦେଇଥିବା ବେଳେ ନନ୍ହିପରୀ କୋରଟିମ୍‌ର ସଦସ୍ୟା ଡ. ସୁଚେତା ପ୍ରିୟବାଦିନୀ, ଡ. ଶ୍ରଦ୍ଧାଞ୍ଜଳି ନାୟକ ଏବଂ ଡ. ସ୍ମିତା ମହାନ୍ତି ପ୍ରମୁଖ ଉପସ୍ଥିତ



ଥିଲେ। କିଟ୍ ନନ୍ହିପରୀ ଲିଟିଲ୍ ମିସ୍ ଇଣ୍ଡିଆ-୨୦୧୯ ପ୍ରତିଯୋଗିତାର ଆଞ୍ଚଳିକ ଅଡ଼ିସନ୍ ଦେଶର ବିଭିନ୍ନ ସହରରେ ଅନୁଷ୍ଠିତ ହୋଇଯାଇଛି। ସୂଚନାଯୋଗ୍ୟ, କିଟ୍ ନନ୍ହିପରୀ ବିଜେତାମାନଙ୍କ ପାଇଁ ମୋଟ ୪୧ଲକ୍ଷ ୫୦ ହଜାର ଟଙ୍କାର ପୁରସ୍କାର ରଖାଯାଇଛି। ନନ୍ହିପରୀ ଟାଇଟଲ୍ ବିଜେତାଙ୍କ ପାଇଁ ୨୧ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖାଯାଇଥିବା ବେଳେ ତାଙ୍କୁ ମୋଟ ଆର୍ଥିକ ପୁରସ୍କାର ରାଶିରୁ ୩ଲକ୍ଷ ଟଙ୍କା ନଗଦ ଅର୍ଥ ରାଶି ପୁରସ୍କାର ଆକାରରେ ପ୍ରଦାନ କରାଯିବ। ଏହା ବାଦ୍ କିଟ୍‌ରେ ପାଠ ପଢିଲେ ଶହେ ପ୍ରତିଶତ ଫି' ଛାଡ଼ ଅର୍ଥାତ୍ ସର୍ବାଧିକ ୧୮ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫି' ଛାଡ଼ର ବ୍ୟବସ୍ଥା ରହିଛି। ସେହିପରି ପ୍ରଥମ ରନର୍ସ ଅପ୍ ପାଇଁ ୧୦ଲକ୍ଷ ଟଙ୍କା ଏବଂ ଦ୍ବିତୀୟ ରନର୍ସ ଅପ୍ ପାଇଁ ୯ଲକ୍ଷ ୫୦ହଜାର ଟଙ୍କାର ପୁରସ୍କାର ବ୍ୟବସ୍ଥା ରହିଛି। ପ୍ରଥମ ରନର୍ସ ଅପ୍‌ଙ୍କୁ ନଗଦ ୧ଲକ୍ଷ ଟଙ୍କା ଅର୍ଥରାଶି ପ୍ରଦାନ କରାଯିବା ସହ ଏବଂ କିଟ୍‌ରେ ପାଠ ପଢିଲେ ୫୦ ପ୍ରତିଶତ ଫି' ଛାଡ଼ ଅର୍ଥାତ୍ ସର୍ବାଧିକ ୯ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫି' ଛାଡ଼ର ବ୍ୟବସ୍ଥା ରହିଛି। ସେହିପରି ଦ୍ବିତୀୟ ରନର୍ସ ଅପ୍ ପାଇଁ ୫୦ ହଜାର ଟଙ୍କା ନଗଦ ଅର୍ଥରାଶି ଓ ୫୦ ପ୍ରତିଶତ ଫି' ଛାଡ଼ ଅର୍ଥାତ୍ ସର୍ବାଧିକ ୯ଲକ୍ଷ ଟଙ୍କା ପର୍ଯ୍ୟନ୍ତ, ପୁରସ୍କାର ପ୍ରଦାନ କରାଯିବ। ସେହିପରି ପ୍ରତିଯୋଗିତାର ଅନ୍ୟାନ୍ୟ ବର୍ଗ ଯଥା: ମିସ୍ ରାପୁଞ୍ଜେଲ୍, ମିସ୍ ଫଟୋଜେନିକ୍, ମିସ୍ ସେଲ୍‌ଫି (ଫେସ୍‌ବୁକ୍‌ରେ ସର୍ବାଧିକ ଲାଇକ୍), ମିସ୍ ଫେସନ୍ ଗାର୍ଲ, ମିସ୍ ୱିଜ୍‌କିଡ୍, ମିସ୍ ସିଣ୍ଡ୍ରେଲା, ମିସ୍ ଉର୍ବଶୀ, ମିସ୍ କ୍ୟାଟ୍‌ୱାକ୍, ମିସ୍ ମୋନାଲିସା ଏବଂ ମିସ୍ ଆକ୍‌ଟିଭ୍ ଆଦିରେ ମଧ୍ୟ ଅର୍ଥରାଶି ପୁରସ୍କାର ବ୍ୟବସ୍ଥା ରହିଛି। ଏଠାରେ ସୂଚନାଯୋଗ୍ୟ, ୨୦୦୧ ମସିହାରେ କେନ୍ଦୁଝରରୁ ଆରମ୍ଭ ହୋଇଥିବା କିଟ୍ ନନ୍ହିପରୀ ଏବେ ସମଗ୍ର ଦେଶରେ କୁନି ସୁନ୍ଦରୀ ପ୍ରତିଯୋଗିତା ଭାବେ ବେଶ୍ ପ୍ରସିଦ୍ଧି ଲାଭ କରିଛି।



ବାଂଲାଦେଶ ବିପକ୍ଷ ପ୍ରଥମ ଟି-୨୦ ମ୍ୟାଚରେ ଏକ ସଟ୍ ଖେଳୁଛନ୍ତି ଶିଖର ଧାୱନ

## ମିଶେଲିନ୍ ରୋଡ୍ ୫ ଏବେ ଭାରତର ଉପଲବ୍ଧ

ଭୁବନେଶ୍ବର: ନୂଆ ମିଶେଲିନ୍ ରୋଡ୍ ୫ ସହିତ ସ୍ପୋର୍ଟସ୍ ରାଡିଆଲ ଟାୟାର ବର୍ଗର ପ୍ରଦର୍ଶନକୁ ମିଶେଲିନ୍ ଆହୁରି ଉଚ୍ଚ ସ୍ତରରେ ପହଂଚାଇଛି। ଚାରି ବର୍ଷ ପୂର୍ବେ ଉନ୍ମୋଚନ ହେବା ପରଠାରୁ ୧.୫ ନିୟୁତ ଟାୟାରରୁ ଅଧିକ ବିକ୍ରି ସହ ୟୁରୋପୀୟ ସ୍ପୋର୍ଟସ୍ ଟୁରିଂ ଟାୟାର ବଜାରରେ ଅଦ୍ବିତୀୟ ମାନଦଣ୍ଡ ଧାର୍ଯ୍ୟ କରିଥିବା ମିଶେଲିନ ପାଇଲଟ୍ ରୋଡ୍ ୪କୁ ଏହି ନୂଆ ଟାୟାର ଟପିଯିବା ଆଶା କରାଯାଉଛି। ଏହି ନୂତନ ଟାୟାରକୁ ଏହା ପ୍ରତିଦ୍ବନ୍ଦ୍ବୀଙ୍କ ସହ ସଂସ୍ଥା ଦ୍ବାରା ପରୀକ୍ଷଣ କରିବା ବେଳେ ମିଶେଲିନ୍ ରୋଡ୍ ୫ ଓଦା ସଡ଼କରେ ଗ୍ରିପ୍ କ୍ଷେତ୍ରରେ ପ୍ରଥମ ସ୍ଥାନରେ ରହିଥିଲା। ଏବଂ ଏହା ନିଜର ଜୀବନକାଳରେ ଓଦା ସଡ଼କରେ ଉଚ୍ଚ ପ୍ରଦର୍ଶନ ଜାରି ରଖୁଛି, କାରଣ ମିଶେଲିନ୍ ପାଇଲଟ୍ ରୋଡ୍ ୪ ତୁଳନାରେ ବ୍ରେକିଂ ବେଳେ ମିଶେଲିନ୍ ରୋଡ୍ ୫ କମ୍ ଦୂରତାରେ ରହୁଛି। ଏହି ସବୁ ଉନ୍ନତି ସହିତ ନିଜର ପ୍ରତିଦ୍ବନ୍ଦ୍ବୀ ତୁଳନାରେ ମିଶେଲିନ୍ ରୋଡ୍ ୫ର ଶୁଖିଲା ସଡ଼କରେ ଅତ୍ୟୁତମ ଗ୍ରିପ୍ ଓ ଉତ୍କୃଷ୍ଟ ସ୍ଥିରତା ଓ ଉଲ୍ଲେଖନୀୟ ସଡ଼କ ବ୍ୟବହାରର ମିଶ୍ରଣ ରହିଛି ଯାହା ସ୍ପୋର୍ଟସ୍ ଟୁରିଂ ମୋଟରସାଇକଲ୍ ମାଲିକଙ୍କ ଏକ ପ୍ରମୁଖ ବିଚାର। ମିଶେଲିନ୍ ରୋଡ୍ ୫: ନିଜର ପାଂଚ ପ୍ରମୁଖ ପ୍ରତିଦ୍ବନ୍ଦ୍ବୀଙ୍କ ତୁଳନାରେ ଉତ୍କୃଷ୍ଟ ଓଦା-ପାଣିପାଗ ଗ୍ରିପ୍ ନିକଟରେ ସଂସ୍ଥା ପକ୍ଷରୁ ଏହାର ପ୍ରମୁଖ ପାଂଚ ପ୍ରତିଦ୍ବନ୍ଦ୍ବୀଙ୍କ ସହିତ ତୁଳନା ବେଳେ ଜଣାପଡ଼ିଛି ଯେ ତିନି ପ୍ରଯୁକ୍ତିର ସମିଶ୍ରଣ ଥିବା ମିଶେଲିନ୍ ରୋଡ୍ ୫ ଶ୍ରେଷ୍ଠ ଓଦା-ପାଣିପାଗ ଗ୍ରିପ୍ ପ୍ରଦାନ କରୁଛି।

## ଜିଲ୍ଲା ସ୍ତରୀୟ ବାଳିଯାତ୍ରା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ



କେନ୍ଦ୍ରାପଡା (ପିଏନ)- କେନ୍ଦ୍ରାପଡା ଜିଲ୍ଲା ସ୍ତରୀୟ ବାଳିଯାତ୍ରା ମହୋତ୍ସବ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ପବ୍ଲିକ ରିଡିଂରୁମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ କମିଟି ସଭାପତି ବରିଷ୍ଠ ଆଇନଜୀବି ପ୍ରଦୀପ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ସଞ୍ଜୟ କୁମାର ଜେନା ବାଳିଯାତ୍ରା ମହୋତ୍ସବ ନିମନ୍ତେ ନିଆଯାଇଥିବା ପଦକ୍ଷେପର ଅଗ୍ରଗତି ସମ୍ପର୍କରେ ବୀବରଣୀ ଉପସ୍ଥାପନ କରିଥିଲେ। ବାଳିଯାତ୍ରା ମହୋତ୍ସବର ବିଭିନ୍ନ ଦିବସରେ ହେବାକୁଥିବା କାର୍ଯ୍ୟକ୍ରମ ସମ୍ପର୍କରେ କମିଟି ସଦସ୍ୟମାନେ ବିଷଦ ଭାବରେ ଆଲୋଚନା କରିଥିଲେ। ଚଳିତବର୍ଷ ବାଳିଯାତ୍ରା ମହୋତ୍ସବ ଏକ ବିରାଟ ଗଣ ପର୍ବରେ ରୁପାନ୍ତରିତ ହେବାର କାର୍ଯ୍ୟକ୍ରମ କରାଯାଇଛି। ୭ଦିନ ବ୍ୟାପି ହେବାକୁ ଥିବା ଏହି ମହୋତ୍ସବର ପ୍ରତ୍ୟେକଟି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ସାହିତ୍ୟ ସଭା, ବୁଦ୍ଧିଜୀବି ସମ୍ମିଳନୀ, ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ଶିକ୍ଷା ଓ ବିଜ୍ଞାନ ସମ୍ପର୍କିତ ପ୍ରତିଯୋଗୀତା, ପୁରସ୍କାର ବୀତରଣ ସଭା, କବିତା ପାଠୋତ୍ସବ, ସମ୍ବର୍ଦ୍ଧନା ସଭା ଏବଂ "ସ୍ମୃତିର ବୋଇତ" ମହୋତ୍ସବର ମୁଖପତ୍ର ଉନ୍ମୋଚିତ ହେବାର କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ୬୦ରୁ ଊର୍ଦ୍ଧ୍ବ ବିଭିନ୍ନ ଷ୍ଟଲ ସହିତ ମୀନାବଜାର, ରାମଦୋଳି ପ୍ରଭୃତି ମହୋତ୍ସବ ପଡିଆରେ ପଡିବାର ବ୍ୟବସ୍ଥା ରହିଛି। ଏଥିରେ ଏହି ବୈଠକରେ ଉପସଭାପତି ଧିରେନ୍ଦ୍ର କୁମାର ଦାସ, ଆଇନଜୀବି ଗଗନବିହାରି ଜେନା, ପତ୍ରିକା ସମ୍ପାଦକ ଶୁଭାଂଶୁ କୁମାର ଦାସ, ଡଃ.ନାରାୟଣ ପ୍ରସାଦ ଜେନା, ସତ୍ୟପ୍ରିୟ ଦାସ, ରାମକୃଷ୍ଣ ଦାଶ, କୋଷାଧ୍ୟକ୍ଷ ମନୋରଞ୍ଜନ ତ୍ରିପାଠୀ, ରମଣୀରଞ୍ଜନ ରାଉତରାୟ, ହାଡିବନ୍ଧୁ ସିଂ, ଗୁଲନଗର ସରପଂଚ ପୀତବାସ ବେହେରା, ଜଗଦିଶ ପତି, ଅଶୋକ କୁମାର ସାହୁ, ପଂଚାନନ ସାହୁ, ଟୁଟୁ ଗେରୁ, ଅନାଦି ସେଠୀ, ସେକ ତଫିକ, ସେକ ଚନ୍ଦନ, ରାଜୁ କୁବେର, ମହେଶ ପାଢୀ, କୈଳାସ ଗେରୁ, ମୃତ୍ୟୁଞ୍ଜୟ ସାହୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ୬୩ ଦେଶ, ୧୩୦୦ରୁ ଅଧିକ ପ୍ରତିଯୋଗୀ, ନମସ୍ତେ କଜାନ୍

ଭୁବନେଶ୍ବର,(ପିଏନ)-୪୮ ସଦଶ୍ୟ ବିଶିଷ୍ଟ ଭାରତୀୟ ଦଳ ୱାର୍ଲ୍ଡ ସ୍କିଲ ଇଂଟରନ୍ୟାସନାଲ କମ୍ପିଟେସନ ୨୦୧୯ ପାଇଁ ରୁଷିଆର କଜାନ ରେ ପହଂଚିଥିଲେ। ସଦଶ୍ୟ ମାନେ ୪୪ଟି ବିଭାଗ ଯଥା, ମୋବାଇଲ ରୋବୋଟିକ୍ସ, ପ୍ରେଟୋଟାଇପ ମଡେଲିଙ୍ଗ, ହେୟାର ଡ୍ରେସିଙ୍ଗ, ବେକିଙ୍ଗ, କନ୍‌ଫେକଶନାରି ଏବଂ ପେଟିସାରି ୱେଲଡିଙ୍ଗ, ଇଟା ଧାଡିରେ ରଖିବା, କାର ପେନ୍‌ଟିଙ୍ଗ, ପ୍ଲୋରେଷ୍ଟିଙ୍ଗ ଇତ୍ୟାଦି, ଏବଂ ଏହି ସବୁ କାର୍ଯ୍ୟ ପାଇଁ ନିଜର ଶ୍ରେଷ୍ଠ ପ୍ରଦର୍ଶନ ଦେଖାଇବା ପାଇଁ ପ୍ରସ୍ତୁତ ଅଛନ୍ତି। ୪୪ ଜଣ ବିଶେଷଜ୍ଞ ଏବଂ ୧୪ ଜଣ ବ୍ୟାଖ୍ୟାକାରୀ ଏହି ଟିମ୍ ସହିତ ଜଡିତ ଅଛନ୍ତି। ୬୦ ରୁ ଅଧିକ ଦେଶ ଏହି କମ୍ପିଟେସନ ଭାଗ ନେଇଛନ୍ତି ଏବଂ ଏହା ୬ ଦିନ ଧରି ଚାଲିବ ଯାହାକି ଅଲମ୍ପିକ୍ସ ଅଫ ସ୍କିଲସ୍ ନାମରେ ପରିଚିତ।



## ଏଆଇଟିୟୁସିର ଜିଲ୍ଲା ସ୍ତରୀୟ ଶତବାର୍ଷିକ ଉତ୍ସବ ସମାରୋହ

କେନ୍ଦ୍ରାପଡା ୩/୧୧(ପିଏନ) - ଅଖିଳ ଭାରତ ଶ୍ରମିକ ସଂଗଠନ(ଏ.ଆଇ.ଟି.ୟୁ.ସି) ଏକଶତବର୍ଷରେ ପଦାର୍ପଣ କରିବା ସହିତ ଭାରତବର୍ଷର ଖଟିଖିଆ ମେହନତି ଶ୍ରମଜୀବି ଜନଗଣ ସର୍ବୋପରି ଶ୍ରମିକଶ୍ରେଣୀଙ୍କ ଜୀବନଜୀବିକା, ସାମାଜିକ ଓ ଅର୍ଥନୈତିକ ନିରାପତ୍ତା, ଶତସହସ୍ର ଆନ୍ଦୋଳନ ଜରିଆରେ ୪୪ଗୋଟି ଶ୍ରମିକ ଶ୍ରେଣୀ ସପକ୍ଷବାଦୀ ଶ୍ରମ ଆଇନ ପ୍ରଣୟନ କ୍ଷେତ୍ରରେ ଐତିହାସିକ ଅବଦାନ ନେଇ ଦେଶର ଶତକୋଟି ଶ୍ରମଜୀବି ଜନତାର ନୟନର ପିତୁଳା ସାଜିଛି। ନିଯୁକ୍ତି, ଛଟେଇ, ତାଲାବନ୍ଦ ବିରୋଧରେ ଅଜସ୍ର ରକ୍ତକ୍ଷୟୀ ସଂଗ୍ରାମର ସାରଥି ସାଜିଛି ଏ.ଆଇ.ଟି.ୟୁ.ସି.। ସେଦିନ ଥିଲା ୧୯୨୦ମସିହା ଅକ୍ଟୋବର ମାସ ୩୧ ତାରିଖ। ମାଲିକ ତଥା ପୁଞ୍ଜିପତି ଶ୍ରେଣୀର ଷଡଯନ୍ତ୍ର ପୂର୍ଣ୍ଣ ନାଲିଆଖିକୁ ବେଖାତିର କରି ଦେଶ ସ୍ବାଧୀନତାର ୨୭ବର୍ଷ ପୂର୍ବରୁ ଜାତୀୟ ତଥା ଆନ୍ତର୍ଜାତୀକ ସ୍ତରର ପୁଞ୍ଜିପତି ଶ୍ରେଣୀ ଏବଂ ବ୍ରିଟିଶରାଜ ବିରୋଧରେ ଲଢେଇକରି କୋଟି କୋଟି ବୁଭୁକ୍ଷୁ ଜନତାର ମୁହଁରେ ହସ ଫୁଟାଇଥିଲା ଏ.ଆଇ.ଟି.ୟୁ.ସି.। ଆଜି ଶହେବର୍ଷର ଗୌରବୋଜ୍ଜ୍ୱଳ ଇତିହାସ ଶ୍ରମିକ ଶ୍ରେଣୀର ହୃଦୟପଞ୍ଜରା ଭିତରୁ ବିଜୟ ବୈଜୟନ୍ତର ରଣଦୁନ୍ଦୁଭି ବଜାଉଥିବା ବେଳେ କେନ୍ଦ୍ରରେ କ୍ଷମତାସୀନ ଦକ୍ଷୀଣପନ୍ଥୀ ପ୍ରତିକ୍ରୀୟାଶିଳ ଏବଂ ଶ୍ରମିକ ସ୍ବାର୍ଥ ବିରୋଧୀ ବିଜେପି ନେତୃତ୍ବାଧିନ ସରକାର ଦେଶରେ ବର୍ଷବର୍ଷର ଲଢେଇ ଫଳରେ ୪୪ଗୋଟି ଅର୍ଜିତ ଶିଳ୍ପ ଆଇନକୁ ସଂଶୋଧନ କରି ୪ଟି କୋର୍ଡରେ ରୁପାନ୍ତରିତ କରି ଧନୀକ ଶ୍ରେଣୀର ସ୍ବାର୍ଥ ରକ୍ଷା ପାଇଁ ବଚସ୍କର ସାଜିଛନ୍ତି। ପୁନରାୟ କେନ୍ଦ୍ର ସରକାର ଶ୍ରମିକ ଶ୍ରେଣୀ ସ୍ବାର୍ଥ ବିରୋଧରେ ପାର୍ଲାମେଂଟରେ ନୂତନ ସଂଶୋଧନ ଆଇନ ପ୍ରଣୟନ କରି ଶ୍ରମଜୀବି ଜନତା ପେଟରେ ନାତ ମାରି ମୁଖ୍ୟ କାର୍ପଟଦାର ଦିନରେ ଦଶ ଥର ମଖମଲ୍ଲି ପୋଷାକ ପିନ୍ଧି ଅୟସର ହାଇମାରି ରୋମ ନଗରୀର ନିରୋଙ୍କ ଭଳି ବଂଶୀବାଦନରେ ମଜଗୁଲ ଥିବା ବେଳେ ଗରୀବ ଶ୍ରମିକଙ୍କ ପେଟରେ ଜ୍ବାଳାର ଦହନ ଏ.ଆଇ.ଟି.ୟୁ.ସି.ର ଶତବାର୍ଷିକ ସମାରୋହ ସ୍ଥଳରୁ ପୁଣିଥରେ ଆୱାଜଦିଏ "ଦୁନିଆର ମଜଦୁର ଏକହୁଅ, ଦାବି ହାସଲର ଗୋଟିଏ ବାଟ ଲଢେଇ- ଆଉ ଧର୍ମଘଟ, ଇନ କିଲାବ ଜିନ୍ଦାବାଦ", ଇତ୍ୟାଦି। ସାରାଦେଶରେ ଆଜି ଏହି ଶତବାର୍ଷିକ ଉତ୍ସବର ଅଂଶ ବିଶେଷ ଭାବେ କେନ୍ଦ୍ରାପଡା ଜିଲ୍ଲା ତିନିମୁହାଣି ଠାରୁ ସକାଳ ୧୦ଘଟିକା ବେଳେ ଶହଶହ ଶ୍ରମଜୀବି ଜନତା ହାତରେ ନାଲି ପତକା ଓ ଉଦାମ ବସ୍ତ୍ରରେ ଜୀବନ ଜୀବିକା ଦାବିର ଆୱାଜ ଦେଇ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ସହର ପରିକ୍ରମାକରି ପୌରସଂସ୍ଥା ଟାଉନହଲ ଠାରେ ପହଁଚିଥିଲେ। ପୂର୍ବାହ୍ନ ୧୧ଘଟିକା ସମୟରେ ଏ.ଆଇ.ଟି.ୟୁ.ସି.ର ଜିଲ୍ଲା ସମ୍ପାଦକ ବାବାଜୀ ଧଳଙ୍କ ଅଧ୍ୟକ୍ଷତାରେ ଶତବାର୍ଷିକୀ ସମାରୋହରେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶ୍ରମିକ ନେତା ସି.ପି.ଆଇ.ରାଜ୍ୟ ପାର୍ଟିର ଅନ୍ୟତମ ସମ୍ପାଦକ ସାଥି ଅଭୟ ସାହୁ ଯୋଗଦେଇ ଏ.ଆଇ.ଟି.ୟୁ.ସି.ର ଜନ୍ମଲଗ୍ନରୁ ଆଜି ପର୍ଯ୍ୟନ୍ତ ଶହେ ବର୍ଷର ରକ୍ତକ୍ଷୟୀ ସଂଗ୍ରାମ ଜରିଆରେ ବହୁ ନୂତନ ଆଇନ ପ୍ରଣୟନ ଶ୍ରମିକ ଶ୍ରେଣୀକୁ ଦେଇଥିବା ସୁଯୋଗ ବିରୋଧରେ କେନ୍ଦ୍ର ସରକାରଙ୍କ ଶ୍ରମ ଆଇନ ସଂଶୋଧନ ପୁନରାୟ ଶ୍ରମିକ ସଂଗଠନ ନେତୃତ୍ବରେ ଲଢେଇର ବାଧ୍ୟବାଧକତା ପରିସ୍ଥିତି ସୃଷ୍ଟି କରିଛି। ଆଜି ସମସ୍ତ ଶ୍ରମିକ ସଂଗଠନ ଓ ଶ୍ରମିକ ଶ୍ରେଣୀ ଏକଜୁଟ ହୋଇ ଲଢେଇ କରିବାକୁ ଆହ୍ବାନ ଦେଇଥିଲେ। ଜିଲ୍ଲା ଶ୍ରମ ଅଧିକାରୀ ରାମଚନ୍ଦ୍ର ନାୟକ ଏ.ଆଇ.ଟି.ୟୁ.ସି.ର ନୀରବଛିନ୍ନ ତଥା ଶୃଙ୍ଖଳିତ କାର୍ଯ୍ୟଧାରାକୁ ପ୍ରସଂଶା କରିବା ସହିତ ଜିଲ୍ଲା ଶ୍ରମ ଦପ୍ତରରେ ଶ୍ରମିକଙ୍କ ସମସ୍ତ ପ୍ରକାର ସମସ୍ୟା ସମାଧାନର ସହଯୋଗ କରିବାକୁ ପ୍ରତିଶୃତି ଦେଇଥିଲେ। ସି.ପି.ଆଇ.ଜିଲ୍ଲା ସାଧାରଣ ସମ୍ପାଦକ ସାଥି ରମଣୀରଞ୍ଜନ ରାଉତରାୟ, ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ଆଇ.ଏନ.ଟି.ୟୁ.ସି.ର ମୁକ୍ତାର ଖାଁ, ସି.ଆଇ.ଟି.ୟୁ.ର ଜଗତଜୀବନ ଦାଶ, ଚାଷୀମୂଲିଆ ସଙ୍ଘର ଫକିର ଚରଣ ଖଟୁଆ, ପ୍ରମୁଖ ବକ୍ତବ୍ୟ ରଖିଥିଲେ ଓ ଏ.ଆଇ.ଟି.ୟୁ.ସି.ର ଶତବାର୍ଷିକ ଉତ୍ସବ ଉପଲକ୍ଷେ ଶୁଭେଛା ଜଣାଇଥିଲେ।

## ଜମ୍ବୀରା ବନ୍ଧ ନିର୍ମାଣ ଦ୍ବାରା କ୍ଷତିଗ୍ରସ୍ତ କ୍ଷତିପୂରଣ ପ୍ରଦାନ ନିମନ୍ତେ ସାଂସଦ ହେମ୍ବ୍ରମ ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧ କଲେ

ବାରିପଦା,(ପିଏନ)-ବାରିପଦା ସହରର ପିଇବା ପାଣି ସମସ୍ୟା ଦୂର କରିବା ପାଇଁ ପାଇ ଯୋଗେ ଜମ୍ବୀରା ଡ୍ୟାମରୁ ପାଣି ଆଣି ବାରିପଦାବାସୀଙ୍କୁ ଯୋଗାଇ ଦେବା କାର୍ଯ୍ୟ ଯୋରସୋରରେ ଚାଲୁ ରହିଛି। କିନ୍ତୁ ଜମ୍ବୀରା ଡ୍ୟାମ ନିର୍ମାଣ ଦ୍ବାରା କ୍ଷତିଗ୍ରସ୍ତ ହୋଇଥିବା ୧୩୦୪ ପରିବାର କ୍ଷତିପୂରଣ ଦାବୀ କରି ଆନ୍ଦୋଳନ କରୁଥିବାରୁ ଚାଲୁ ରହିଥିବା ପିଇବାପାଣି ପ୍ରକଳ୍ପ ବାଧାପ୍ରାପ୍ତ ହେବାର ସମ୍ଭାବନା ସୃଷ୍ଟି ହେଉଛି। ଜମ୍ବୀରା ଡ୍ୟାମ ସୁବର୍ଣ୍ଣରେଖା ଇରିଗେସନ ପ୍ରଜେକ୍ଟ ଅଧିନରେ ଆସୁଛି ଏବଂ ରିଜରଭର ନିର୍ମାଣ ଦ୍ବାରା କ୍ଷତିଗ୍ରସ୍ତ ହୋଇଥିବା ୧୩୦୪ ପରିବାରକୁ ଅନ୍ତତ ୨ଲକ୍ଷ ଟଙ୍କା ହିସାବରେ ୨୬ କୋଟି ଟଙ୍କାର କ୍ଷତିପୂରଣ ଦେବାକୁ ପଡିବ। ତେଣୁ କ୍ଷତିପୂରଣ ବାବଦରେ ୨୬ କୋଟି ଟଙ୍କା ପ୍ରଦାନ କରିବା ନିମନ୍ତେ ରାଜ୍ୟସଭା ସାଂସଦ ଶ୍ରୀମତୀ ସରୋଜିନୀ ହେମ୍ବ୍ରମ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଛନ୍ତି। କ୍ଷତିପୂରଣ ଦେବା ନିମନ୍ତେ ପ୍ରସ୍ତାବ ଡେଭେଲପମେଂଟ କମିଶନରଙ୍କ ଅଧିନରେ ଥିବା ଉଚ୍ଚସ୍ତରୀୟ କ୍ଷମତା ସମ୍ପନ୍ନ କମିଟି ନିକଟରେ ବିଚାରଧିନ ଥିବା ସାଂସଦ ଶ୍ରୀମତୀ ହେମ୍ବ୍ରମ ତାଙ୍କ ଅନୁରୋଧ ପତ୍ରରେ ଦର୍ଶାଇଛନ୍ତି। ସାଂସଦ ସରୋଜିନୀ ହେମ୍ବ୍ରମଙ୍କ ଏହି ଉଦ୍ୟମକୁ ବିଭିନ୍ନ ମହଲରୁ ସ୍ବାଗତ କରାଯାଇଛି ଏବଂ ବାରିପଦା ସହରରେ ପିଇବା ପାଣି ପ୍ରକଳ୍ପ କାର୍ଯ୍ୟକାରୀ କରିବା ନିମନ୍ତେ କ୍ଷତିଗ୍ରସ୍ତ ପରିବାରକୁ କ୍ଷତି ପୂରଣ ଦେବା ଏକାନ୍ତ ଜରୁରୀ ବୋଲି ମତ ପ୍ରକାଶ ପାଉଛି।

## କ୍ରମାଗତ ୧୧ତମ ଥର ପାଇଁ ଗୋଏୟାରକୁ ସବୁଠାରୁ ବିଶ୍ବସନୀୟ ବିମାନ କଂପାନି ମାନ୍ୟତା

ଭୁବନେଶ୍ବର: ଗୋଏୟାରକୁ କ୍ରମାଗତ ୧୧ତମ ଥର ଲାଗି ସବୁଠାରୁ ବିଶ୍ବାସନୀୟ ବିମାନ କଂପାନିର ମାନ୍ୟତା ପ୍ରଦାନ କରାଯାଇଛି। ଜୁଲାଇ ମାସରେ କଂପାନି ରେକର୍ଡ କରି ୧୧ତମ ଥର ଲାଗି ସର୍ବୋଚ୍ଚ ଅନଟାଇମ୍ ପରଫରମାନ୍ସ (ଓଟିପି) ରେକର୍ଡ କରିଛି। ବେସାମରିକ ବିମାନ ଚାଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଦ୍ବାରା ପ୍ରକାଶିତ ସଦ୍ୟତମ ତଥ୍ୟରୁ ଜଣାପଡ଼ିଛି ଯେ, ଗୋଏୟାରର ଓଟିପି ୮୦.୫% ରହିଛି ଯାହା ଘରୋଇ ବିମାନ କଂପାନି ମଧ୍ୟରେ ସର୍ବାଧିକ। ସାରା ଦେଶରେ ମୌସୁମୀ ଆଗମନ ହେତୁ ଜୁଲାଇ ଏକ ଜଟିଳ ମାସ ହୋଇଥିବା ସତ୍ତ୍ୱେ କଂପାନି ଏହି ସଫଳତା ହାସ କରିଛି। ବିମାନ ଶିଳ୍ପର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଯାତ୍ରୀମାନଙ୍କୁ ସଠିକ୍ ସମୟରେ ଗନ୍ତବ୍ୟ ସ୍ଥଳରେ ପହଂଚାଇବା। ଅନେକ ଗବେଷଣାରୁ ଜଣାପଡ଼ିଛି ଯେ କେବଳ ଟିକଟ ଭଡ଼ା କିମ୍ବା ଉପଲବ୍ଧତା ଦ୍ବାରା ଗ୍ରାହକ ସନ୍ତୁଷ୍ଟି ମିଳିନଥାଏ। ବିମାନ କଂପାନିକୁ ଚୟନ କରିବା ବେଳେ ଯାତ୍ରୀମାନେ ତାହାର ଅନଟାଇମ୍ ପରଫରମାନ୍ସ ଓ ମନ୍ତବ୍ୟ ସ୍ଥଳରେ ସଠିକ୍ ସମୟରେ ପହଂଚିବାର ଆଶ୍ୱାସନା ଚାହିଥାନ୍ତି ତାହା ସେମାନଙ୍କର ବିମାନ କଂପାନି ଉପରେ ବିଶ୍ୱାସକୁ ସ୍ଥାପିତ କରିଥାଏ। ଗ୍ରାହକଙ୍କୁ ସେବା ପ୍ରଦାନରେ କୌଣସି ପ୍ରକାର ସାଲିସ ନକରି ଗ୍ରାହକ ଅନୁଭୂତିରେ ଉନ୍ନତି ଆଣିବା ପାଇଁ କ୍ରମାଗତ ଭାବେ ଧ୍ୟାନ ପ୍ରଦାନ କରାଯାଉଥିବାରୁ ଗୋଏୟାର ଓଟିପି କ୍ଷେତ୍ରରେ ଅଗ୍ରଣୀ ସ୍ଥାନ ହାସଲ କରିଛି। ୨୦୧୯ ଜୁଲାଇରେ ଗୋଏୟାର ୧୩.୨୬ ଲକ୍ଷ ଯାତ୍ରୀଙ୍କୁ ବିମାନ ଯାତ୍ରାର ସୁବିଧା ପ୍ରଦାନ କରିଛି ଏବଂ ଏହି ସମୟରେ ମାତ୍ର ୦.୪୬% କ୍ୟାନସେଲେସନ ରହିଥିବା ବେଳେ ୨୦ ହଜାର ଯାତ୍ରୀଙ୍କ ମଧ୍ୟରୁ ମାତ୍ର ଗୋଟିଏ ଅଭିଯୋଗ ଆସିଛିଚ୍ ଶ୍ରୀଯୁକ୍ତ ଜେ ୱାଡ଼ିଆ, ପରିଚାଳନା ନିର୍ଦ୍ଦେଶକ, ଗୋଏୟାର କହିଛନ୍ତି ଯେ, "ଡିଜିସିଏ ଦ୍ୱାରା କ୍ରମାଗତ ଭାବେ ୧୧ ମାସ ପାଇଁ ଓଟିପି କ୍ଷେତ୍ରରେ ଶ୍ରେଷ୍ଠ ର୍ୟାଙ୍କିଙ୍ଗ ଗୋଏୟାର ଲାଗି ସର୍ବୋତ୍କୃଷ୍ଟ ସ୍ୱୀକୃତି। ଏହା ନିଶ୍ଚିତ ଭାବେ ଗୋଏୟାରର ସମସ୍ତ କର୍ମଚାରୀଙ୍କ ପାଇଁ ଏକ ଗୌରବର ମୁହୂର୍ତ୍ତ ଯେଉଁମାନଙ୍କ କଠିନ ଓ ନିରବଚ୍ଛିନ୍ନ ପରିଶ୍ରମ ଯୋଗୁ ଏହା ସମ୍ଭବପର ହୋଇପାରିଛି। ସେମାନେ ସମୟାନୁବର୍ତ୍ତିତାକୁ କେବଳ କର୍ତ୍ତବ୍ୟ ଭାବନ୍ତି ନାହିଁ, ଏହା ତାଙ୍କ ରକ୍ତରେ ରହିଛି। ବିଶ୍ୱସନୀୟ ସେବା ପ୍ରଦାନ କରିବା ସହିତ ଗୋଏୟାର ଯାତ୍ରୀମାନଙ୍କୁ ସଠିକ୍ ସମୟରେ ଗନ୍ତବ୍ୟ ସ୍ଥଳରେ ପହଂଚାଇଥାଏ। ଏଥିପାଇଁ ଆମ ପ୍ରିୟ ଗ୍ରାହକମାନଙ୍କୁ ଧନ୍ୟବାଦ-ମୁଁ ଆପଣଙ୍କୁ ଆଶ୍ୱାସନା ଦେଉଛି ଯେ ଗୋଏୟାର ଏହିପରି ଉତ୍କର୍ଷର ଧାରା ବଜାୟ ରଖିବ।'' ଗୋଏୟାର ବର୍ତ୍ତମାନ ୩୦୦ଟି ନିୟମିତ ବିମାନ ସହିତ ୨୪ଟି ଘରୋଇ ସ୍ଥାନକୁ ଉଡ଼ାଣ କରୁଛି ଯାହା ହେଉଛି ଅହମ୍ମଦାବାଦ ବାଗ୍‌ଡୋଗ୍ରା, ବେଙ୍ଗାଲୁରୁ, ଭୁବନେଶ୍ୱର, ଚଣ୍ଡିଗଡ଼, ଚେନ୍ନାଇ, ଦିଲ୍ଲୀ, ଗୋଆ, ଗୌହାଟି, ହାଇଦ୍ରାବାଦ, ଜୟପୁର, ଜମ୍ମୁ, କୋଚି, କୋଲକାତା, କୁନ୍ନୁର, ଲେହ, ଲକ୍ଷ୍ନୌ, ମୁମ୍ବାଇ, ନାଗପୁର, ପାଟନା, ପୋର୍ଟବ୍ଲେୟାର, ପୁନେ, ରାଂଚି ଓ ଶ୍ରୀ ନଗର। ଗୋଏୟାର ୬ଟି ଆନ୍ତର୍ଜାତିକ ସ୍ଥାନକୁ ମଧ୍ୟ ଉଡ଼ାଣ କରୁଛି ଯେଉଁଥିରେ ରହିଛି ଫୁକେଟ, ମାଲି, ମସ୍କାଟ, ଦୁବାଇ, ଆବୁଧାବି ଓ ବ୍ୟାଙ୍କକ୍ ଏବଂ ୨ଟି ସ୍ଥାନରେ ଖୁବ୍‌ଶୀଘ୍ର ଆରମ୍ଭ ହେବାକୁ ଯାଉଛି।

# ଆଜିଠାରୁ ଓଡ଼ିଶା ଟେନିସ୍ ପ୍ରିମିୟର ଲିଗ୍‌ର ତୃତୀୟ ସଂସ୍କରଣ




ଭୁବନେଶ୍ବର(ପିଏନ) : ନୀଳାଚଳ ସ୍ପୋର୍ଟସ ଫାଉଣ୍ଡେସନ ଦ୍ବାରା ଆୟୋଜିତ ଓଡ଼ିଶା ଟେନିସ୍ ପ୍ରିମିୟର ଲିଗ୍ (ଓଟିପିଏଲ୍)ର ତୃତୀୟ ସଂସ୍କରଣ ଆସନ୍ତା ଡିସେମ୍ବର ୦୪ ରୁ ୦୮ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ବରସ୍ଥିତ କିଟ୍ ବିଶ୍ବବିଦ୍ୟାଳୟଠାରେ ଅନୁଷ୍ଠିତ ହେବାକୁ ଯାଉଅଛି। ଟେନିସ୍ ରେଜିଷ୍ଟ୍ରୀ, ୟୁଏସ୍‌ଏ, ଅଖିଳ ଭାରତୀୟ ଟେନିସ ସଂଘ ଏବଂ ଓଡ଼ିଶା ଟେନିସ ସଂଘ ଏହି ଲିଗ୍‌କୁ ସହାୟତା ପ୍ରଦାନ କରୁଛନ୍ତି। ଆଜି ଭୁବନେଶ୍ବରସ୍ଥିତ ଓଡ଼ିଶା ପ୍ରେସ କ୍ଲବଠାରେ ଆୟୋଜିତ ଏକ ସ୍ବତନ୍ତ୍ର କାର୍ଯ୍ୟକ୍ରମରେ ଓଟିପିଏଲ୍‌ର ଟ୍ରଫି ଉନ୍ମୋଚିତ କରାଯାଇଥିଲା ଏବଂ ଶ୍ରୀ ସୁମିତ ନାଗଲ, ପୂର୍ବତନ ୱିମ୍ବଲଡନ ଜୁନିୟର ବିଜେତା ତଥା ଗ୍ରାଣ୍ଡ ସ୍ଲାମ୍ ଖେଳାଳୀ ଓ ଲୋକପ୍ରିୟ ଓଡ଼ିଆ ଅଭିନେତା ସବ୍ୟସାଚୀ ମିଶ୍ରଙ୍କୁ ଓଡ଼ିଶା ଟେନିସ୍ ପ୍ରିମିୟର ଲିଗ୍ ୨୦୧୯ର ବ୍ରାଣ୍ଡ ଆମ୍ବାସଡର ଭାବେ ଘୋଷଣା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀ ଅକ୍ଷୟ ପରିଜା, ଓଡ଼ିଆ ସିନେମା ନିର୍ମାତା, ଶ୍ରୀ ଦିଲୀପ ମହାନ୍ତି, ପରିଚାଳନା ଟ୍ରଷ୍ଟି, ନୀଳାଚଳ ସ୍ପୋର୍ଟସ ଫାଉଣ୍ଡେସନ ଏବଂ ବିଭିନ୍ନ ଦଳର ଖେଳାଳୀମାନେ ଉପସ୍ଥିତ ଥିଲେ। ଚଳିତ ବର୍ଷ ଏହି ଲିଗ୍‌ରେ ୮ ଟି ଦଳ ଭାଗ ନେଉଛନ୍ତି। ପ୍ରତି ଦଳରେ ୪ ଜଣ ଖେଳାଳୀ ଅଛନ୍ତି ଏବଂ ସମୁଦାୟ ୮ଟି ଦଳରେ ୩୨ ଜଣ ଅନ୍ତର୍ଜାତୀୟ, ଜାତୀୟ ଏବଂ ରାଜ୍ୟସ୍ତରୀୟ ଖେଳାଳୀ ଅଂଶଗ୍ରହଣ କରିଛନ୍ତି। ଚଳିତ ସଂସ୍କରଣର ୮ଟି ଦଳ ହେଲେ – ଭଦ୍ରକ ଭିକ୍ଟରସ୍, ଭୁବନେଶ୍ବର ୱାରିୟରସ୍, କ୍ୟାପିଟାଲ କିଙ୍ଗସ୍, କଟକ କନ୍‌କର୍ସ, କେନ୍ଦ୍ରାପଡ଼ା କଣ୍ଟେଣ୍ଡର୍ସ, କେଜିଆଇ ଯାଜପୁର ସୁଟର୍ସ, କିଟ୍ କିଲର୍ ବିଇଜ୍, ପାରୁଲ ପେନସୋନିକ ପୁରୀ ୱେଭର୍ସ। ଏଥିରେ ଏଟିପି, ଡବ୍ଲୁଟିଏ, ଆଇଟିଏଫ୍ ଏବଂ ଏଆଇଟିଏ ର ବହୁ ଅଭିଜ୍ଞ ଖେଳାଳୀ ଭାଗ ନେବେ।


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray